୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା | ୮ ପୃଷ୍ଠା | 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୩ ● ୮ ଫେବୃଆରୀ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-13 ● 8th February 2025, Saturday ● Bhubaneswar | Licensed to post without pre-payment of postage No- BN-60/25-27



## ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ସବୁ ପ୍ରକାରର ପରୀକ୍ଷା କରିବାକୁ ଚାହୁଁଛନ୍ତି ରୋହିତ

# ୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୨

ନ୍ୟୁଜ୍ ବ୍ୟୁରୋ

ସରକାରୀ ଚାକିରି କେବଳ ଏକ ଜୀବନ ଜୀବିକାର ସାଧନ ନୁହେଁ , ଏହା ଜନସେବାର ଏକ ମାଧ୍ୟମ । ସାଧାରଣ ଜନତା ସରକାର ଏବଂ ସରକାରୀ ବିଧି ବ୍ୟବସ୍ଥାରୁ ଅନେକ ଆଶା ଆକାଂକ୍ଷା କରିଥାନ୍ତି ଏବଂ ସେ ସବୁକୁ ପୂରଣ କରିବା ପାଇଁ ଆପଣମାନେ ହେଉଛନ୍ତି ସବୁଠାରୁ ବଡ଼ ମାଧ୍ୟମ। କାରଣ ତୃଣମୂଳ ସ୍ତରରେ ଯୋଜନା ଏବଂ କାର୍ଯ୍ୟକ୍ରମର ରୂପାୟନ ଦାୟିତ୍ୱ ଆପଣଙ୍କ କାନ୍ଧରେ। ମୁଁ ଆଶା କରୁଛି ଏବଂ ମୋର ପୁରା ବିଶ୍ୱାସ ଯେ, ଏହାକୁ ପୂରଣ କରିବାରେ ଆପଣମାନେ ସମସ୍ତେ ସମର୍ଥ ହେବେ । ଶୁକ୍ରବାର ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ପଡିଆଠାରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନବନିଯୁକ୍ତମାନଙ୍କୁ ଏହି ପରାମର୍ଶ ଦେଇ ସେମାନଙ୍କ



କାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ନିଯୁକ୍ତି କାର୍ଯ୍ୟକ୍ରମରେ କେବଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨,୮୭୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨,୭୬୭, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରେ ୨୩୨, ଅର୍ଥ ବିଭାଗରେ ୧୩୦, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ୧୦୪, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୬୨, ଜଳ ସମ୍ପଦ ବିଭାଗରେ ୫୭ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, *(ପୃଷ୍ଠା ୭ରେ)*

## ରାଜ୍ୟ ମନ୍ତ୍ରୀପରିଷଦ ବୈଠକରେ ବଜେଟ୍ ଚିଠା ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୭।୨

ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ସନ୍ଧ୍ୟାରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୩ ତାରିଖରେ ଆରମ୍ଭ ହେଉଥିବା ବଜେଟ୍ ଅଧିବେଶନରେ ଆଗତ ହେବାକୁ ଥିବା ରାଜ୍ୟ ବଜେଟ୍ ଚିଠା ପ୍ରସ୍ତାବ ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା ପରେ ଅନୁମୋଦନ ଦିଆଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ପରିମାଣ ୨ ଲକ୍ଷ ୮୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇପାରେ ବୋଲି ଜଣାପଡିଛି। ମନ୍ତ୍ରୀ ପରିଷଦ ବୈଠକରେ ହୋଇଥିବା ଆଲୋଚନା ଏବଂ ନିଷ୍ପତ୍ତି ସମ୍ପର୍କରେ ସରକାରୀ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ଶନିବାର ପୂର୍ବାହ୍ନରେ ମନ୍ତ୍ରୀ ପରିଷଦ ବୈଠକ ନିଷ୍ପତ୍ତି ବାବଦରେ ମୁଖ୍ୟମନ୍ତ୍ରୀ ସୂଚନା ଦେବେ ବୋଲି ଜଣାପଡିଛି।

## ପାକିସ୍ତାନର ହମଲାକୁ ପଣ୍ଡ କଲା ଭାରତୀୟ ସେନା : ୭ ଅନୁପ୍ରବେଶକାରୀ ନିହତ

ନୂଆଦିଲ୍ଲୀ, ୭।୨

ପାକିସ୍ତାନ ଟାର୍ଗେଟରେ ଥିଲା ସୀମା। ନିକଟରେ ଥିବା ଭାରତୀୟ ସେନାର ପୋଷ୍ଟ ଭାରତୀୟ ସେନା ପୋଷ୍ଟକୁ ଘେରି ଯାଇ ଆକ୍ରମଣ କରିବାକୁ ଚାହୁଁଥିଲା ପାକିସ୍ତାନ। ଏଥିପାଇଁ ୭ ଜଣ ଅନୁପ୍ରବେଶକାରୀ ଏଲଓସି ଡେଇଁ ଭାରତୀୟ ସୀମାରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଭାରତୀୟ ସେନାର ରଣକୌଶଳ ଯୋଗୁ ପାକିସ୍ତାନ ଯୋଜନା କରିଥିବା ସବୁଠାରୁ ବଡ଼ ଆକ୍ରମଣ ପଣ୍ଡ ହୋଇଯାଇଛି।

ଭାରତୀୟ ସେନାର ଗୁଳିରେ ଟଳିଛନ୍ତି ୭ ଅନୁପ୍ରବେଶକାରୀ। ଏମାନଙ୍କ ମଧ୍ୟରୁ ୨ରୁ ୩ ଜଣ ପାକିସ୍ତାନ ସେନାର ଯବାନ ବି ରହିଛନ୍ତି । କିନ୍ତୁ ସେମାନଙ୍କର ସବୁ ଯୋଜନାକୁ ଭାରତୀୟ ସେନା ପଣ୍ଡ କରିବାକୁ ସକ୍ଷମ ହୋଇଛି।

ଫେବୃଆରୀ ୪ ତାରିଖ ବିଳମ୍ବିତ ରାତି ଓ ୫ ତାରିଖ ଭୋର ସମୟରେ ଏପରି ଘଟଣା



ଘଟଣା ଘଟିଥିଲା। ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲ୍ଲା ଅନ୍ତର୍ଗତ କ୍ରିଷ୍ଣା ଘାଟି ସେକ୍ଟର ସ୍ଥିତ ଏଲଓସି ନିକଟରେ ଏପରି ଘଟଣା ଘଟିଥିଲା । ପାକିସ୍ତାନ କଶ୍ମୀରୀ ଏକତା ଦିବସ ପାଳନ କରି ଭାରତ ବିରୋଧୀ ଏଜେଣ୍ଡାର ପ୍ରଚାର କରୁଥିବା ବେଳେ ଏଲଓସିରେ ଆକ୍ରମଣ ପାଇଁ ଅନୁପ୍ରବେଶ ହୋଇଥିଲା।

ସୂତ୍ର ଅନୁସାରେ, ସୀମା ପାର ଅପରେସନରେ ସିଦ୍ଧହସ୍ତ ଥିବା ପାକିସ୍ତାନର ବର୍ଡର ଆକ୍ସନ ଟିମ ପକ୍ଷରୁ ଭାରତୀୟ ସେନାର ଗୋଟିଏ ଫରୱାର୍ଡ ପୋଷ୍ଟ ଉପରେ ଚାରିପଟୁ ଗୋଟିଏ ସମୟରେ ଆକ୍ରମଣ ପାଇଁ ଯୋଜନା ହୋଇଥିଲା। କିନ୍ତୁ *(ପୃଷ୍ଠା ୭ରେ)*

## ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତି: ୨୫ ବେସିକ୍ ପଏଣ୍ଟରେ ଖସିଲା ରେପୋ ରେଟ୍

ମୁମ୍ବାଇ, ୭।୨

ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ ବା ଆରବିଆଇ ରେପୋ ରେଟ ହ୍ରାସ କରି ୬.୨୫% କରିବାକୁ ଘୋଷଣା କରିଛି, ଯାହାକି ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି।

ନୂତନ ଭାବରେ ନିଯୁକ୍ତ ହୋଇଥିବା ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ



ମଲୋହୋତ୍ରାଙ୍କ ନେତୃତ୍ୱରେ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ ଏମ୍‌ପିସି ହାରକୁ ୨୫ ବେସିକ ପଏଣ୍ଟ ହ୍ରାସ କରିବା ପରେ ୬.୨୫% ରହିଛି ରେପୋ ରେଟ୍।

ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କର ଏହା ପ୍ରଥମ ନୀତି ବୈଠକ ଥିଲା । ୨୦୨୦ ମସିହା ପରଠାରୁ ରେପୋ ରେଟ ପ୍ରଥମ ଥର ପାଇଁ ହ୍ରାସ ପାଇଛି । ବ୍ୟୟ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

## ଚାଷୀଙ୍କ ପାଇଁ ବଡ଼ ଖବର: ପୁଣି ବଢ଼ିପାରେ ଏମ୍‌ଏସ୍‌ପି

ଭୁବନେଶ୍ୱର, ୭।୨

ନ୍ୟୁଜ୍ ବ୍ୟୁରୋ

ପୁଣି ଧାନର ସହାୟକ ମୂଲ୍ୟ ବଢ଼ାଇପାରନ୍ତି କେନ୍ଦ୍ର ସରକାର। ଧାନ ସହ ଡାଲି ଏବଂ ତୈଳଜାତୀୟ ଦ୍ରବ୍ୟର ବି ସହାୟକ ମୂଲ୍ୟ ବୃଦ୍ଧି କରିପାରନ୍ତି ସରକାର। ଶୁକ୍ରବାର ଏନେଇ କେନ୍ଦ୍ର ପାଖରେ ପୂର୍ବ ଭାରତ ରାଜ୍ୟ ସମୂହ ବୈଠକରେ ପ୍ରସ୍ତାବ ରଖିଛନ୍ତି ରାଜ୍ୟଗୁଡ଼ିକର ପ୍ରତିନିଧି ମଣ୍ଡଳୀ।

ରାଜ୍ୟ ଅତିଥି ଭବନରେ ବସିଥିବା ବୈଠକରେ ସିଏସିପିର ଅଧ୍ୟକ୍ଷ ପ୍ରଫେସର ବିଜୟ ପଲ ଶର୍ମା ଯୋଗଦେଇଥିବା ବେଳେ ଓଡ଼ିଶା, ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ପ୍ରତିନିଧି ମଣ୍ଡଳୀ ଯୋଗ ଦେଇଛନ୍ତି।







## ନାବାଳିକା ଛାତ୍ରୀଙ୍କ ଉଲଗ୍ନ ଫଟୋ ଭାଇରାଲ ଘଟଣା

# ଜେଲ୍ ଗଲେ ୨ ଅଭିଯୁକ୍ତ, ଜଣେ ଫେରାର

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ୭ମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀଙ୍କୁ ଉଲଗ୍ନ କରି ଭିଡ଼ିଓ ଫଟୋ ଉତ୍ତୋଳନ କରି ପରେ ଭାଇରାଲ କରିଥିବା ପଦ୍ମନ ନାଇକ ଏବଂ ଜି. ଜଗନ୍ନାଥ ଦୋରାଙ୍କୁ ଦିଗପହଣ୍ଡି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଗିରଫ କରିଛନ୍ତି। ଥାନାରେ ମାମଲା ନଂ.୫୨/୨୫ ଅନୁଯାୟୀ ବ୍ରହ୍ମପୁର ପୋକ୍ସୋ କୋର୍ଟକୁ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଯୁବକ ଫେରାର ଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୭ ତାରିଖରେ ସ୍କୁଲରେ ମଧ୍ୟାହ୍ନ ବିରତି ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ଅପହୃତ କରି ଏକ ନିରୋଳା ସ୍ଥାନକୁ ନେଇ ତାଙ୍କୁ ଉଲଗ୍ନ କରିବା ସହ ତାଙ୍କ ଫଟୋ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେମାନେ ତାଙ୍କୁ ବ୍ଲାକ୍‌ମେଲିଂ କରିଥିଲେ। ଛାତ୍ରୀଜଣକ ଅଭିଯୁକ୍ତମାନଙ୍କ କଥାରେ ସହମତି ପ୍ରକାଶ ନ କରିବାରୁ ଅଭିଯୁକ୍ତମାନେ ମୋବାଇଲ ଫୋନରେ ଉଠାଇଥିବା ଭିଡ଼ିଓ ଏବଂ ଫଟୋ ଭାଇରାଲ କରି ଦେଇଥିଲେ। ଛାତ୍ରୀଙ୍କ ବାପା ଘଟଣା ଜାଣିବା ପରେ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଆଇଆଇସି ଏତଲାକୁ ଭିତ୍ତିକରି ଅଭିଯୁକ୍ତମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିବା ସହ ନିଜେ ଘଟଣାର ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ଉ ଜାରି ରଖିଛନ୍ତି। ଗିରଫ ଅଭିଯୁକ୍ତଙ୍କ ଠାରୁ ବ୍ୟବହୃତ ମୋବାଇଲ ଫୋନ ଜବତ କରାଯାଇଛି।

## ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ନିଳାଗୁଡ଼ା ଜଙ୍ଗଲରେ ସକାଳ ୮ଟାରେ ଅବକାରୀ ଚଢ଼ଉ ହୋଇଛି। ଦେଶୀ ମଦ ପ୍ରସ୍ତୁତି ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇଛି। ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ବହୁ ମଦ ଭାଟି ଭଙ୍ଗାଯିବା ସହ ୨୧ ଶହ ଲିଟର ପୋଚ ୧୩୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି। ଏହି ଚଢ଼ଉ ଅପରାହ୍ନ ୨ଟାରେ ଶେଷ ହୋଇଥିଲା।

# ବିଦ୍ୟୁତ ସେବାରେ ସୁଧାର ନଆସିଲେ ଆନ୍ଦୋଳନକୁ ଓହ୍ଲାଇବ ଭଞ୍ଜସେନା : ଜିଲ୍ଲା ପ୍ରଶାସନ ଜରିଆରେ ଦାବିପତ୍ର ପ୍ରଦାନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଟାଟା ପାୱାରର ବେପରୁଆ ବିଜୁଳି ସେବା, ସ୍ମାର୍ଟ୍ ମିଟର, ଅହେତୁକ ବିଜୁଳି ବିଲ୍, ଲୋ ଭୋଲଟେଜ, ୩୦୦ୟୁନିଟ ମାଗଣା ବିଜୁଳି ଭଳି ପ୍ରସଙ୍ଗକୁ ନେଇ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ଏକ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥି ସହିତ ଟାଟା ପାୱାରର ଅଧିକ୍ଷଣ ଯନ୍ତ୍ରୀଙ୍କୁ ମଧ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି।



ପ୍ରମୁଖ ଦାବିଗୁଡିକ ମଧ୍ୟରେ ସ୍ମାର୍ଟ ମିଟର ବସାଇବା ବାହାନାରେ ଗ୍ରାହକଙ୍କୁ ଶୋଷଣ ବନ୍ଦ କରାଯିବା, ପ୍ରି-ପେଡ ସ୍ମାର୍ଟ ମିଟର ଲଗାଇବା ସଂପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଦାବି କରାଯାଇଛି। ସେହିପରି ପ୍ରସ୍ତାବିତ ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ବାତିଲ କରାଯିବା, ଗ୍ରୀଷ୍ମ ଋତୁ ପୂର୍ବରୁ ଲୋ ଭଲଟେଜ୍ ଓ ଅଘୋଷିତ ବିଦ୍ୟୁତ କାଟ୍ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା, ପୂର୍ବ ପ୍ରତିଶ୍ରୁତି ଅନୁସାରେ ସମସ୍ତ ଘରୋଇ ଉପଭୋକ୍ତାମାନଙ୍କୁ ମାସିକ ୩୦୦ ୟୁନିଟ ଦେୟମୁକ୍ତ ବିଦ୍ୟୁତ ଯୋଗାଇ ଦେବା, ଟାଟା ପାୱାରରେ ଠିକା ସଂସ୍ଥା ମାଧ୍ୟମରେ ଆମ ଜିଲ୍ଲାରେ ନିୟୋଜିତ ଥିବା ସମସ୍ତ ବିଦ୍ୟୁତ କର୍ମଚାରୀଙ୍କୁ ତୁରନ୍ତ ଟାଟା ପାୱାର କମ୍ପାନୀର ପେ-ରୋଲରେ ସାମିଲ କରି ଚାକିରିର ସୁନିଶ୍ଚିତତାକୁ ନେଇ ପଦକ୍ଷେପ ଗ୍ରହଣ କରାଯିବା ଇତ୍ୟାଦି ଦାବି କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଭଞ୍ଜସେନା ଅଧ୍ୟକ୍ଷ ସଂଜୀବ ରାଉତ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ଯୁବ ଶାଖା ସଭାପତି ଏସ୍. କେ.ରାଜାଖାନ, ଜିଲ୍ଲା ଉପସଭାପତି ସାଫଲ୍ୟ ମିଶ୍ର, ମୁଖପାତ୍ର ମାନସ ବେହେରା, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ଜିଲ୍ଲା ସମ୍ପାଦକ ଗୌରାଙ୍ଗ ଘଡ଼େଇ, ପ୍ରଶାନ୍ତ ଦାସ, ବାରିପଦା ସହର ଉପସଭାପତି କିଶୋର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ୨୧ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଭଞ୍ଜସେନା ଜିଲ୍ଲାବାସୀଙ୍କ ଏହି ନ୍ୟାର୍ଯ୍ୟ ଦାବି ଗୁଡ଼ିକୁ ନେଇ ସମଗ୍ର ଜିଲ୍ଲାରେ ଆନ୍ଦୋଳନ ଆରମ୍ଭ କରିବ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ମୋବାଇଲ ଲୁଟ୍‌କୁ ନେଇ କଲେଜ ଛାତ୍ରକୁ ଛୁରା ମାଡ଼

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରକୁ ଏକାଧିକ ଅଣଛାତ୍ର ଛୁରୀ ଭୁସି ହତ୍ୟା ଉଦ୍ୟମ କରିଥିବା ନେଇ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଅପରାହ୍ନ ୨ଟାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଛାତ୍ର ମାନେ ସରସ୍ୱତୀ ମୂର୍ତ୍ତି ବିସର୍ଜନ କରିବାକୁ କେନାଲକୁ ଯାଇଥିଲେ। କେନାଲରୁ ଫେରିବା ବାଟରେ ସ୍ଥାନୀୟ ଦଶହରା ପଡ଼ିଆରେ କିଛି ଯୁବକ ଛୁରୀ ଧରି ବସି ରହିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ରାମଚନ୍ଦ୍ର ମାଢୀ ଓ ତାଙ୍କ ଜଣେ ସହଯୋଗୀ ସରସ୍ୱତୀ ମୂର୍ତ୍ତି ବିସର୍ଜନ କରି କଲେଜକୁ ଫେରୁଥିଲେ। ଏହି ସମୟରେ ଜଣେ ଅଣ ଛାତ୍ର ରାମଚନ୍ଦ୍ରଙ୍କ ମୋବାଇଲ ଛଡ଼ାଇ ନେବାକୁ ଚେଷ୍ଟା କରୁଥିଲା। ଏହାକୁ ରାମଚନ୍ଦ୍ର ଓ ତାଙ୍କ ସାଙ୍ଗ ବିରୋଧ କରିବା ପରେ ଉଭୟଙ୍କ ମଧ୍ୟରେ ବଚସା ଲାଗିଥିଲା। ଅଣଛାତ୍ର ଜଣକ ସ୍ଥାନୀୟ କିଛି ପିଲାଙ୍କୁ ଡାକି ରାମଚନ୍ଦ୍ରଙ୍କୁ ଆକ୍ରମଣ କରିବା ପରେ ପେଟରେ ଛୁରୀ ଭୁସି ଦେଇଥିଲା। ପେଟରେ ଗୁରୁତର ଆଘାତ ଲାଗିବା ପରେ ପେଟର ଅନ୍ତବୁଜୁଳା ବାହାରି ଆସିଥିଲା। ତୁରନ୍ତ ରାମଚନ୍ଦ୍ରଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ରାମଚନ୍ଦ୍ରଙ୍କୁ କୋରାପୁଟ ଲକ୍ଷ୍ମଣନାୟକ ମେଡିକାଲକୁ ପଠାଯାଇଥିଲା। ରାମଚନ୍ଦ୍ରଙ୍କ ସହ ଥିବା ସାଙ୍ଗ ମନୋଜ ପାଡ଼ିଆମୀଙ୍କ କହିବାନୁଯାୟୀ, ରାମଚନ୍ଦ୍ର ମାଢୀ ଓ କୈଳାସ ମାଝି ସମସ୍ତେ ସନ୍ତୋଷୀମା ନଗର ଅଞ୍ଚଳରେ ଘର ଭଡ଼ାରେ ନେଇ ରହୁଛନ୍ତି। ହଷ୍ଟେଲର ମୂର୍ତ୍ତି ବିସର୍ଜନ କରି କଲେଜ ଫେରିବା ବାଟରେ ଦଶହରା ପଡ଼ିଆରେ ଅପରାହ୍ନ ସାଢେ ୨ଟା ସମୟରେ ୫ ଜଣ ଯୁବକ ହଠାତ ଆସି ରାମଚନ୍ଦ୍ରର ମୋବାଇଲ ଛଡ଼ାଇଥିଲେ। ଆମେ ସମସ୍ତେ ବିରୋଧ କରିବାରୁ ଅଣଛାତ୍ର ଜଣକ କିଛି ଯୁବକଙ୍କୁ ଡାକିଥିଲେ। ପରେ ଆମ ସମସ୍ତଙ୍କୁ ମାଡ଼ ମାରିବା ପରେ ରାମଚନ୍ଦ୍ରଙ୍କ ପେଟରେ ଏକ ଷ୍ଟିଲ ଛୁରିଟିକୁ ଭୁସୀ ଦେଇଥିଲେ। ଯାହା ଫଳରେ ଆଜି ଆମ ସାଙ୍ଗର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଅଣଛାତ୍ର ୫ ଜଣଙ୍କ ମଧ୍ୟରେ ଯିଏ ଛୁରି ଭୁସିଛି ତାକୁ ଚିହ୍ନି ପାରିବେ ବୋଲି ତାଙ୍କ ସାଙ୍ଗ ମନୋଜ ପାଡ଼ିଆମୀ ପ୍ରକାଶ କରିଛନ୍ତି। ଘଟଣାଟି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ରେଜିଷ୍ଟ୍ରାର ରଞ୍ଜନ ପ୍ରଧାନ ଟାଉନଥାନାରେ ସନ୍ଧ୍ୟା ୬ଟାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଟାଉନ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ଥାନା ଅଧିକାରୀ ରାମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ୪୪ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉରଣମ ଶିବିର ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସଭିଜନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ଅଭିଯୋଗ ଆପତ୍ତି ଓ ସମସ୍ୟା ନିହିତ ୪୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୩୧ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୩ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ୪ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଶିବିର ଅବସରରେ ଜିଲ୍ଲାପାଳ ଶ୍ରୀମତୀ ଦାସ, ଜିଲ୍ଲା ବନାଞ୍ଚଳ ବିଭାଗ ଦ୍ୱାରା ପ୍ରସ୍ତୁତ ବନ ସଂରକ୍ଷଣ ଓ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ସବୁଜ ସଙ୍କେତ ଦେଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳ ସହ ଆଭ୍ୟନ୍ତରୀଣ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ଜଙ୍ଗଲ ସୁରକ୍ଷା ନିମନ୍ତେ ଆବଶ୍ୟକ ତଥ୍ୟ ପ୍ରଦାନ ସହ ସଚେତନତା କରିବ। ବିଡ଼ିଓ ସୋନପୁର ସୌମ୍ୟରଞ୍ଜନ ସ୍ୱାଇଁ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ବନାଞ୍ଚଳ ଅଧିକାରୀ ମଦନ ଲାଲ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଡଃ ସୌମ୍ୟାରୂପା ରଥ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ,ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର, ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂହ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ତହସିଲଦାର ସୋନପୁର ଜି.ରଶ୍ମି ରେଖା ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ୧୪ରୁ ଜମିବ ଜୁନାଗଡ଼ ମହୋତ୍ସବ



**ଜୁନାଗଡ଼, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ହାଇସ୍କୁଲ ଖେଳ ପଡ଼ିଆଠାରେ ଫେବୃୟାରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଜୁନାଗଡ଼ ମହୋତ୍ସବ ପାଳନ କରାଯିବ। ଏହାକୁ ନେଇ ମହୋତ୍ସବ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହିମାଂଶୁ ବରାଡ଼, ଈଶ୍ୱର ପୂଜାରୀ, ଅଶୋକ ପଟ୍ଟନାୟକ, ଲଳିତ ଅଗ୍ରୱାଲ, ଉଦ୍ଧବ ଚରଣ ସାହୁ, ବିଘ୍ନରାଜ ବରାଡ଼ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ କମିଟିର ମିଡିଆ ଅଧ୍ୟକ୍ଷ ସନ୍ତୋଷ କୁମାର ସିଂହଦେଓ ସଭା ପରିଚଳନା କରିଥିଲେ। ଜୁନାଗଡ଼ର ଐତିହ୍ୟ, ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମହୋତ୍ସବ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ମହୋତ୍ସବ ଯେଭଳି ସୁଚାରୁରୂପେ ପାଳନ ହେବ ସେଥିପାଇଁ ସମସ୍ତେ ଆଗେଇ ଆସିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ମହୋତ୍ସବକୁ ସଫଳ କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ।

# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୪୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୮ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇ ଥିବାବେଳେ ୨୨୧ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୬୭ଟି ଅଭିଯୋଗର ତୁରନ୍ତ ଫଇସଲା



କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟ ସାର୍ଥକ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ସଦର ବିଡିଓ ବିନୋଦ ପଣ୍ଡା, ତହସିଲଦାର ଶୁଭେନ୍ଦୁ କୁମାର ସାହୁ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୋଟର ଚାଳିତ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

# ଶିଶୁ ବିକାଶ ବିଦ୍ୟା ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଆଇତିପୁର ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ବିକାଶ ବିଦ୍ୟା ମନ୍ଦିରର ସଭାପତି ଭାଗିରଥି ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଲ୍ଲିକୋଟ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାଳୁରାମ ମହାରଣା ଯୋଗ ଦେଇଥିଲେ। ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସଭାପତି ଦୁର୍ଯ୍ୟୋଧନ କାଠୁଆ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଅନୁଷ୍ଠାନର ସଂପାଦକ ରୋହିତ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଞ୍ଚଳିକ କଳା ଓ ସାଂସ୍କୃତିକ ସଂଗଠନ ସଭାପତି ପ୍ରହଲ୍ଲାଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ମାତୃ ଭାରତୀ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ମାଆମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଭିଭାବକ, ଛାତ୍ରଛାତ୍ରୀ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଗୁରୁ ମାଆମାନେ ଦୀପ ମନ୍ତ୍ର ଗାନ କରିବା ସହ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ସ୍ୱେଚ୍ଛାସେବୀ ସ୍ମାରକ ସମ୍ମାନ ସଞ୍ଜିତ ପଲେଇଙ୍କୁ ପ୍ରଦାନ କରାଯାଇଥିଲା।

# ଗାୟତ୍ରୀ ପୀଠରେ ୨୪ କୁଣ୍ଡୀୟ ମହାଯଜ୍ଞ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚାରବାଟିଆ ହାଉସିଂ ବୋର୍ଡ଼ସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ୨୫୧ କୁଣ୍ଡୀୟ ଦୀପ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ବାଗ୍‌ଦେବୀ ପୂଜା ଅବସରରେ ପ୍ରଜ୍ଞାପୀଠରେ ଅନୁଷ୍ଠିତ ଏହି ଉତ୍ସବରେ ମଙ୍ଗଳ କଳସ ଯାତ୍ରା, ଯୁଗ ସଂଗୀତ, ଦୀପ ମହାଯଜ୍ଞ, ଗାୟତ୍ରୀ ଅଖଣ୍ଡ ଜପ, ସଂସ୍କାର, ପ୍ରବଚନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାରାଦିନ ବ୍ୟାପୀ ଅନୁଷ୍ଠିତ ମହାଯଜ୍ଞରେ ଗାୟତ୍ରୀ ଭକ୍ତମାନଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଆହୁତି ପ୍ରଦାନ କରିଥିଲେ। ପରିବ୍ରାଜକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗାୟତ୍ରୀ ଭକ୍ତବୃନ୍ଦ ଓ ହରିଦ୍ୱାରରୁ ଆସିଥିବା ଭକ୍ତବୃନ୍ଦ ସହଯୋଗ କରିଥିଲେ।

# ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଡାକ୍ତରମାନେ ଟାଟା ଷ୍ଟିଲ୍ ମେଡିକାରେ ଆରମ୍ଭ କଲେ ରୋଗୀସେବା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାବାସୀଙ୍କ ପାଇଁ ଖୁସୀ ଖବର। କଳିଙ୍ଗ ନଗର ସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ରୋଗୀ ସେବା ଆରମ୍ଭ କରିଲା ମଣିପାଲ ହସ୍ପିଟାଲ ଭୁବନେଶ୍ୱର। ପ୍ରାରମ୍ଭିକ ଷ୍ଟେଜ୍‌ରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସହ ହାର୍ଟରୋଗୀ, ବ୍ରେନ୍ ବା ସ୍ନାୟୁରୋଗୀ ଏବଂ କ୍ୟାନସର ରୋଗୀ ମାନେ ଡାକ୍ତରଙ୍କ ପରାମର୍ଶ କରିପାରିବେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଲିଙ୍ଗରାଜ ନାଥ ପ୍ରତିମାସ ଦ୍ୱିତୀୟ ଶୁକ୍ରବାର ଦିନ, ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ପରିଡ଼ା ପ୍ରତିମାସ ପ୍ରଥମ ଏବଂ ତୃତୀୟ ମଙ୍ଗଳବାର ଏବଂ କ୍ୟାନସର ରୋଗ ବିଶେଷଜ୍ଞ ଡାକ୍ତର ସଚୀନ ଶେଖର ବିଶ୍ୱାଳ ପ୍ରତିମାସ ତୃତୀୟ ଗୁରୁବାର ଦିନ ଟାଟା ମେଡିକାରେ ସକାଳ ୧୦ଟା୩୦ ମିନିଟ୍‌ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟାଟା ମେଡିକାରେ ରୋଗୀଙ୍କୁ ପରାମର୍ଶ ଦେବେ।

ହୃଦ୍‌ରୋଗ ବିଶେଷଜ୍ଞ ତଥା ଡାଇରେକ୍ଟର କ୍ୟାଥଲାବ ଡାକ୍ତର ଲିଙ୍ଗରାଜ ନାଥଙ୍କ ୧୬ରୁ ଉର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ଅଛି, ସେ ଆଞ୍ଜିଓପ୍ଲାଷ୍ଟି, ଜଟିଳ ହୃଦ୍‌ରୋଗ ଏବଂ ଆଡଭାନସ୍ କାର୍ଡିଓଭାସ୍କୁଲାର ରୋଗର ସଫଳ ଚିକିତ୍ସା ପାଇଁ ସୁପରିଚିତ ଅଟନ୍ତି। ଠିକ୍ ସେହିଭଳି ଡାକ୍ତର ଦୀପକ କୁମାର ପରିଡ଼ାଙ୍କ ୧୫ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି, ସେ ଦୁର୍ଘଟଣା ଜନିତ ମସ୍ତିଷ୍କ ଆଘାତ, ବ୍ରେନ୍ କ୍ୟାନସର, ମେରୁଦଣ୍ଡ ସମସ୍ୟା, ଜଟିଳ ସ୍ନାୟୁଗତ ସମସ୍ୟା, ଅପସ୍ମାର ବାତ ରୋଗ, ଛୋଟ ପିଲାଙ୍କ ବ୍ରେନ୍ ସର୍ଜରୀ ପାଇଁ ସୁପରିଚିତ ଅଟନ୍ତି। ଠିକ୍ ସେହିଭଳି କ୍ୟାନସର ରୋଗ ବିଶେଷଜ୍ଞ ସଚୀନ ଶେଖର ବିଶ୍ୱାଳଙ୍କର ବ୍ରେଷ୍ଟ କ୍ୟାନସର, ଫୁସଫୁସ୍ କ୍ୟାନସର ସମେତ ଅନ୍ୟାନ୍ୟ କ୍ୟାନସର ରୋଗର ସଫଳ ଚିକିତ୍ସା କରିବାରେ ୧୫ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି।

ଏ ସମ୍ପର୍କରେ ସୂଚନା ଦେଇ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ମାଆ ବିରଜାଙ୍କ କ୍ଷେତ୍ର ଯାଜପୁରରେ ରୋଗୀ ସେବା ଆରମ୍ଭ କରିବା ଆମ ପାଇଁ ଗର୍ବର ବିଷୟ, ଏହା ଫଳରେ ଯାଜପୁର ଓ ଏହାର ଆଖପାଖ ଜିଲ୍ଲାର ରୋଗୀମାନେ ସହଜରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଆଗାମୀ ଦିନରେ ଟାଟା ମେଡିକା ହସ୍ପିଟାଲ ଠାରେ ମଣିପାଲ ହସ୍ପିଟାଲର ପକ୍ଷରୁ ଉଚ୍ଚମାନର ସ୍ୱାସ୍ଥ୍ୟସେବ ଯୋଗାଇଦିଆ ଯିବ, ଆଗାମୀ ଦିନରେ ଅନ୍ୟ ବିଭାଗର ଡାକ୍ତରମାନେ ରୋଗୀ ସେବା ମଧ୍ୟ ଆରମ୍ଭ କରିବ।

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ୧୮ଟିର ତୁରନ୍ତ ସମାଧାନ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୫ ଗୋଟି ଅଭିଯୋଗ ମିଳିଥିଲା। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୫୪ ଗୋଟି, ଗ୍ରାମ ଅଭିଯୋଗ ୧୩ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୬ ଗୋଟି ଓ ୨ ଗୋଟି ରେଡକ୍ରସରୁ ସହାୟତା ସମ୍ପର୍କରେ ରହିଥିଲା। ତନ୍ମଧ୍ୟରୁ ୧୮ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ଆନ୍ତର୍ଜାତିକ ସାଂସ୍କୃତିକ ଉତ୍ସବ 'ଉନ୍ନୁରୁମ' ଉଦ୍‌ଯାପିତ

**ବାଲେଶ୍ୱର, ନ୍ୟୁଜ୍**

ଆନ୍ତର୍ଜାତିକ ସାଂସ୍କୃତିକ ଉତ୍ସବ ଉନ୍ନୁରୁମର ଶେଷ ଦିବସ ପାଳନ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ତିନିଦିନିଆ ମହାଉତ୍ସବ ସଫଳତାର ସହ ସଂପାଦନ ହୋଇଯାଇଛି। ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହୋଇ ୩୧ ପର୍ଯ୍ୟନ୍ତ ପାଳିତ ହୋଇଥିବା ଅନନ୍ୟ ଆନ୍ତର୍ଜାତିକ ଉନ୍ନୁରୁମ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସ ଏକ ଭିନ୍ନ ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମ ଯାହା ଲୋକସଂସ୍କୃତି, ଲୋକକଳା ଓ ଲୋକନୃତ୍ୟ ସମ୍ଭାରର ସମ୍ମିଶ୍ରଣ। ଉନ୍ନୁରୁମର ତୃତୀୟ ସଂସ୍କରଣର ତୃତୀୟ ତଥା ଅନ୍ତିମ ଦିନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ 'କାହାଣୀ ଉତ୍ସବ' ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ଓ ଆସାମର ୯ ଜଣ ବିଶିଷ୍ଟ କଥାକାର ଓ ଗାଳ୍ପିକ ଯୋଗଦେଇ ସ୍ୱରଚିତ ଗଳ୍ପ ପଠନ କରିଥିଲେ।



କାହାଣୀକାର ଉଦୟ ନାରାୟଣ ଦାସ, କବିତା ବାରିକ, ନିରଞ୍ଜନ ଖୁଣ୍ଟିଆ, ବର୍ଣ୍ଣାଳୀ ଡେକା, ଭାଗବତ ଦାସ, ରବି ପଣ୍ଡା, ଶିରୀଶ ଚନ୍ଦ୍ର ଜେନା, ସୈରିନ୍ଧ୍ରୀ ସାହୁ, ହେମେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଲୋକକଥା, ଜନଜାତିଙ୍କ କାହାଣୀ, ଓ ପୁରାତନ ଲୋକକାହାଣୀକୁ ଭିତ୍ତି କରି ଭିନ୍ନ ସ୍ୱାଦର କାହାଣୀ ଓ ଗଳ୍ପ ପରିବେଷଣ କରିଥିଲେ। ଏହି ଅବସରରେ କୁଳପତି ଆମନ୍ତ୍ରିତ ଗାଳ୍ପିକଗଣଙ୍କୁ ସମ୍ମାନୀତ କରିବା ସହ ଗଳ୍ପ ଲେଖିବା ଓ କହି ଶୁଣାଇବା ଆମ ସଂସ୍କୃତିର ଏକ ଅଂଶ ବୋଲି ଉଲ୍ଲେଖ କହିଥିଲେ। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କାହାଣୀ ଉତ୍ସବର ସଂଚାଳନ କରିବା ସହ ନିଜ ଲିଖିତ ଗଳ୍ପ ପାଠ କରିଥିଲେ। ସଂଧ୍ୟାକାଳିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉଦ୍‌ଘାଟନୀ ସମାରୋହର ଆରମ୍ଭ କେନ୍ଦୁଝରରୁ ଆସିଥିବା ଅଲେଖ ମହିମା ଖଞ୍ଜଣୀ ଦଳର କଳାକାରଙ୍କ ଦ୍ୱାରା ଖଞ୍ଜଣୀ ଭଜନଗାନରୁ ହୋଇଥିଲା। ଏଥିସହ ଶ୍ରୀଲଙ୍କାରୁ ଆମନ୍ତ୍ରିତ ଚାନ୍ଦିନୀ କସ୍ତୁରୀ ଓ ଦଳଙ୍କ ଦ୍ୱାରା ଭାରତ ନାଟ୍ୟମ, କଳାହାଣ୍ଡିର କର୍ତ୍ତବ୍ୟ ଘୁମୁରା ନୃତ୍ୟାନୁଷ୍ଠାନ ଦ୍ୱାରା ଘୁମୁରା ନାଚ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଗାଲାଣ୍ଡର ଲୋଥା ଲୋକନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ, ପଶ୍ଚିମବଙ୍ଗର ହଳଦିବାରି କଲେଜର ମାଇମ୍ ଥିଏଟର ଗ୍ରୁପ୍ ଦ୍ୱାରା ମାଇମ୍ ନାଟକ ଆର୍ଟ, ଆସାମର କାମରୂପ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିହୁ ନୃତ୍ୟ ଓ ଝୁମର ନୃତ୍ୟ ଆଦି ବିଭିନ୍ନ ପ୍ରକାରର ଚିତ୍ତାକର୍ଷକ ନୃତ୍ୟମାନ ପରିବେଷଣ କରାଯାଇଥିଲା। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଆଇ.ଏମ.ଆଇ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ସୁପ୍ରୀତି ମିଶ୍ର ଯୋଗଦେଇ ନିଜର ଉଦ୍‌ବୋଧନ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଉତ୍ସବରେ ତିନି ଦିନବ୍ୟାପୀ ଚାଲିଥିବା ଫଟୋ ଚିତ୍ର ତଥା ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀ ତଥା ନୃତ୍ୟଶିଳ୍ପୀ ମାନଙ୍କୁ ପ୍ରଫେସର ସୁପ୍ରିତୀ ମିଶ୍ର ଓ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମ୍ମାନୀତ କରିଥିଲେ। ବିଶ୍ୱବିଦ୍ୟାଳୟ ଏନଏସଏସର ସମସ୍ତ ସ୍ୱେଚ୍ଛାସେବୀଙ୍କ ତିନିଦିନର ନିରବିଚ୍ଛିନ୍ନ ସେବାକୁ କୁଳପତି, କୁଳସଚିବ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରଶଂସା କରିବାସହ ଏନଏସଏସର ସଂଯୋଜକ ଡକ୍ଟର ପ୍ରତିମା ପ୍ରଧାନଙ୍କୁ ସମ୍ମାନୀତ କରିଥିଲେ। ଏହାସହିତ ଏହି ଆନ୍ତର୍ଜାତିକ କଳା, ସଂସ୍କୃତି ଓ ସାହିତ୍ୟର ପ୍ରତୀକ ଉନ୍ନୁରୁମ ଉତ୍ସବର ସଫଳ ରୂପାୟନ ନେଇ କୁଳପତି ପ୍ରଫେସର ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜକ, ଆୟୋଜକ ଓ ସମସ୍ତଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

# କଳିଙ୍ଗବିକାଶ ପାଠାଗାର ଉଦ୍‌ଘାଟିତ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ କଳିଙ୍ଗ ବିକାଶ ତାଲିମ୍ କେନ୍ଦ୍ର ଆନୁକୂଲ୍ୟରେ ଚୌଦ୍ୱାର ଗାନ୍ଧୀ ଛକ ନିକଟ ପରିବା ମାର୍କେଟ ଠାରେ କଳିଙ୍ଗବିକାଶ ସାର୍ବଜନୀନ ପାଠାଗାରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଦେବାର୍ଚ୍ଚନା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ କ୍ଷୀରୋଦ କୁମାର ସାହୁ, ସୂର୍ଯ୍ୟମଣୀ ରାଜ, ଶିକ୍ଷାବିତ୍ ହରିହର ମହାରଣା, ବଳରାମ ଓଝା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଠାଗାରର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟେ ସାମାଜିକ କର୍ମୀ ହୃଷିକେଶ ସାହୁଙ୍କ ପ୍ରଚେଷ୍ଟାରେ ଗଢି ଉଠିଥିବା ଏହି ପାଠାଗାରରେ ଅଞ୍ଚଳର ବୁଦ୍ଧିଜୀବୀ, ଯୁବବର୍ଗ ଓ ଛାତ୍ରୀଛାତ୍ରମାନେ ବିଭିନ୍ନ ପୁସ୍ତକ ପୁସ୍ତିକା ପଢ଼ିବାର ସୁଯୋଗ ପାଇବେ।




# ତୃଣମୂଳ ସ୍ତରରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ପରିଷଦ କେନ୍ଦୁଝର ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ଜଳ ଓ ପରିମଳ କମିଟି ବୈଠକ ଗୁରୁବାର ଦିନ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଡିଆରଡିଏ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପ୍ରତ୍ୟେକ ପରିବାର ଏବଂ ସମସ୍ତ ସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପାଇପ୍ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇଦେବା ନେଇ ତୃଣମୂଳ ସ୍ତରରେ ଜାରି ରହିଥିବା ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ ଜିଲ୍ଲାରେ ମେଗା ପାଇପ୍ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ବିଷୟରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ, ବିଜୁଳି, ବନ, ପୂର୍ତ୍ତ, ଶିକ୍ଷା, ଗୃହ ନିର୍ମାଣ, ରାଜସ୍ୱ, ଜାତୀୟ ରାଜପଥ ନିର୍ମାଣ, ଆଦି ବିଭାଗ ସମ୍ବଳିତ ଜଳ ଯୋଗାଣ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ତ୍ୱରନ୍ତ ନିର୍ଯ୍ୟାସ ପାଇଁ ଏହି କାର୍ଯ୍ୟକାରୀ ବୈଠକରେ ନିଜ ନିଜ ମତ ପୋଷଣ କରିଥିଲେ । ଜିଲ୍ଲାପାଳ ଶ୍ରୀ ସିଂହ, ଏହି କାର୍ଯ୍ୟନିର୍ବାହୀ କମିଟି ବୈଠକକୁ ପ୍ରତ୍ୟେକ ଉପଖଣ୍ଡ ଓ ବ୍ଲକ ସ୍ତରରେ କରାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ଏହି ବୈଠକରେ ସମସ୍ତ ବିଭାଗୀୟ, ଉପବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

# ଆନନ୍ଦପୁରକୁ ରେଳ ସଂଯୋଗ ପାଇଁ ସଂସଦରେ ଉଠିଲା ଦାବି

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗୁରୁବାର ଦିନ ଲୋକସଭାରେ ଆନନ୍ଦପୁର ସବ୍‌ଡିଭିଜନ୍‌ରେ ରେଳ ସଂଯୋଗୀକରଣ ନଥିବା ପ୍ରସଙ୍ଗ ଉଠାଇ ଆନନ୍ଦପୁରକୁ ରେଳ ଲାଇନ୍ ସହ ଯୋଡିବାକୁ ଦାବି କରିଛନ୍ତି । ସେ ନିୟମ ୩୭୭ ଅନୁସାରେ ଏହି ପ୍ରସଙ୍ଗ ଉଠାଇ ଏହି ଦାବି କରିଛନ୍ତି । ଆନନ୍ଦପୁରକୁ ରେଳ ସଂଯୋଗୀକରଣ କରାଗଲେ ଏହି ଅଞ୍ଚଳରେ ଶିଳ୍ପର ବିକାଶ ହେବା ସହ ପର୍ଯ୍ୟଟନର ମଧ୍ୟ ବିକାଶ ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ, ଜନଜାତିବର୍ଗର ଜନସଂଖ୍ୟା ବହୁଳ ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବ୍‌ଡିଭିଜନ୍ ଅଞ୍ଚଳରେ ଆଜିଯାଏ ରେଳ ସଂଯୋଗୀକରଣ ହୋଇପାରିନାହିଁ । ଏହି ଅଞ୍ଚଳକୁ ରେଳ ସଂଯୋଗୀକରଣ ନଥିବା କାରଣରୁ ଆନନ୍ଦପୁର ଅଞ୍ଚଳରେ ଶିଳ୍ପ ସଂସ୍ଥା ସ୍ଥାପିତ ହୋଇପାରୁନାହିଁ । ଏହି କାରଣରୁ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟାରେ ବୃଦ୍ଧି ହେବାରେ ଲାଗିଛି । କେନ୍ଦୁଝର ଜିଲ୍ଲାରେ ଲୌହ, ମାଙ୍ଗାନିଜ ଓ କ୍ରୋମାଇଟ୍ ଖଣିଜ ସମ୍ପଦ ଥିବା ରାଜ୍ୟ ଓ ଦେଶର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସତ୍ତ୍ୱେ ଆନନ୍ଦପୁର ଅଞ୍ଚଳରେ ଶିଳ୍ପ ସ୍ଥାପିତ ହୋଇପାରୁନାହିଁ । ଶ୍ରୀ ନାୟକ ହରିଚନ୍ଦନପୁରରୁ ଧାମରା ଯାଏ ରେଳବାଇ ଟ୍ରାକ୍‌ର ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଛନ୍ତି । ଏହାଦ୍ୱାରା ଖଣିଜ ପରିବହନ ସୁବିଧାରେ ଯୋଗାପଡିବ । ସେ କହିଛନ୍ତି ଯେ ଏପରି କରାଗଲେ ଏହି ଅଞ୍ଚଳରେ ଶିଳ୍ପ ଓ ପର୍ଯ୍ୟଟନର ବିକାଶ ହୋଇପାରିବ । ପ୍ରସ୍ତାବିତ ରେଳ ଲାଇନ୍ କେବଳ ଯେ ଏହି ଅଞ୍ଚଳରେ ଶିଳ୍ପକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସ୍ଥାନୀୟ ଲୋକମାନଙ୍କୁ ରୋଜଗାରର ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି ସେ କହିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ ଏହି ଅଞ୍ଚଳରେ ପର୍ଯ୍ୟଟନର ପ୍ରବଳ ସମ୍ଭାବନା ରହିଛି । ଗଡ଼ଗାଁ ମା' ତାରିଣୀ ମନ୍ଦିର, ଗୁଣ୍ଡିଚାଘାଗି ଜଳ ପ୍ରପାତ, ଦଶଗୁଡ଼ିଆରେ ପିକ୍‌ନିକ୍ ସ୍ଥଳ, ହଦଗଡ ଇକୋ ଟୁରିଜିମ୍ କେନ୍ଦ୍ର, ଚକ୍ରତୀର୍ଥ ଗୁମ୍ଫା ଓ ଗଡଚଣ୍ଡୀ ମନ୍ଦିର ଭଳି ପ୍ରମୁଖ ଆକର୍ଷଣର କେନ୍ଦ୍ର ରହିଛି । ହେଲେ ପର୍ଯ୍ୟାପ୍ତ ପରିବହନ ବ୍ୟବସ୍ଥା ଅଭାବରେ ପର୍ଯ୍ୟଟକମାନେ ଏହି ସ୍ଥାନ ଗୁଡ଼ିକୁ ପହଞ୍ଚି ପାରୁନାହାନ୍ତି । ତେଣୁ ରେଳବାଇ ସଂଯୋଗୀକରଣ ହେଲେ ପରିବହନ ସୁବିଧା ହେବା ସହ ଏହି ପର୍ଯ୍ୟଟନସ୍ଥଳ ଗୁଡିକର ବିକାଶ ହେବ ଓ ଅଧିକରୁ ଅଧିକ ପର୍ଯ୍ୟଟକ ମାନେ ଆସିପାରିବେ ଓ ଏହି ଅଞ୍ଚଳର ଆର୍ଥିକ ବିକାଶ ହେବ ବୋଲି ସେ କହିଛନ୍ତି ।

# ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ବ୍ରହ୍ମପୁର ଏସ୍‌ପିଙ୍କ ସହ ଆଇଆଇଟି ମାଡ୍ରାସ୍ ଟିମ୍‌ର ଆଲୋଚନା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର । ଏହି କ୍ରମରେ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଥିବା ଆଇଆଇଟି ମାଡ୍ରାସ୍ ଟିମ୍ ବୁଧବାର ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସହ ଆଲୋଚନା କରିଥିବା ବେଳେ ଟିମ୍ ଗୁରୁବାର ପହଞ୍ଚିଥିଲା । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରରେ ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକଙ୍କ ସହ ଆଇଆଇଟି ମାଡ୍ରାସ୍ ପ୍ରଫେସର ଭେଙ୍କଟେଶ ବାଲ୍ ସୁବ୍ରମନିଅନ ସଡ଼କ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରିଥିଲେ । ରାଜ୍ୟରେ ଯେଉଁ କେତେକ ଜିଲ୍ଲାରେ ଦୁର୍ଘଟଣାକୁ ନେଇ ଚିନ୍ତା ବ୍ୟକ୍ତ କରାଯାଉଛି ସେଥିରୁ ଗଞ୍ଜାମ ଅନ୍ୟତମ । ଗଞ୍ଜାମରେ ସଡ଼କ ଦୁର୍ଘଟଣାର କାରଣ କଣ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷକରି ଦ୍ରୁତଗତି, ମଦ୍ୟପାନ କରି ଗାଡି ଚଲାଇବାରୁ କିଭଳି ଜନସାଧାରଣ ନିବୃତ୍ତ ରହିବେ, ସେନେଇ ରଣନୀତି ପ୍ରସ୍ତୁତ ହେବ । ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ନିୟମ ପାଳନ ମାନସିକତାକୁ ବୃଦ୍ଧି କରିବାକୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ । ବ୍ରହ୍ମପୁରର ଯେଉଁ ଯେଉଁ ରାସ୍ତାରେ ଅଧିକ ଦୁର୍ଘଟଣା ଘଟୁଛି ବା ବ୍ଲାକ୍‌ସ୍ପଟ୍ ଅଞ୍ଚଳକୁ ଟିମ୍ ପରିଦର୍ଶନ କରିଥିଲା ସେଗୁଡ଼ିକ ରୋଡ୍ ଇଞ୍ଜିନିୟରିଂରେ ଥିବା ତ୍ରୁଟିକୁ ମଧ୍ୟ ଚିହ୍ନଟ କରାଯାଇ ସଂପୃକ୍ତ ବିଭାଗଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି । ସେଭଳି ସ୍ଥାନରେ ଦୁର୍ଘଟଣା ରୋକିବାକୁ ସଚେତନତାକୁ ବ୍ୟାପକ କରାଯିବ । ଜନସାଧାରଣଙ୍କୁ କିଭଳି ସଡ଼କ ସୁରକ୍ଷାରେ ଅଧିକ ଭାଗୀଦାର କରାଯିବ ଏବଂ ସେଥିପାଇଁ ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରିପାରିବ ସେନେଇ ଆଲୋଚନା ହୋଇଥିଲା । ବିଶେଷ କରି ଯେଉଁ ସମୟରେ ଅଧିକ ଦୁର୍ଘଟଣା ଘଟୁଛି ସେହି ସମୟରେ ଏନ୍‌ଫୋର୍ସମେଣ୍ଟକୁ ବ୍ୟାପକ କରାଯିବାର ନିଷ୍ପତ୍ତି ହୋଇଛି ।

# ପର୍ଯ୍ୟଟନ କ୍ଷେତ୍ର ଦାରିଙ୍ଗବାଡ଼ିର ପଟ୍ଟଚିତ୍ର ବଦଳିବ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର କଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ରର ପଟ୍ଟଚିତ୍ର ବଦଳିବ । ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ବିଭାଗର ୨ ଜଣିଆ ପ୍ରତିନିଧି ଦଳ ଗତ ଦୁଇ ଦିନ ହେଲା ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲି ପରିଦର୍ଶନ କରୁଛନ୍ତି । ପ୍ରକାଶ ଯେ, ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଦାରିଙ୍ଗବାଡ଼ି ବିଡ଼ିଓ ପ୍ରତିରଞ୍ଜନ ରଥ ଏବଂ ତହସିଲଦାର ଶରତ ଶତପଥୀଙ୍କ ସହ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସନାତନ ପ୍ରଧାନ ଏବଂ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ୍ ମହାରଣା ପ୍ରମୁଖ ମିଳିତ ଭାବେ ଦାରିଙ୍ଗବାଡ଼ିର ହିଲ୍‌ଭିୟୁ, ନେଚର ପାର୍କ ସମେତ ଡୁଲୁରୀ ପାଇନ୍ ବଣ, ରେନ୍‌ବୋ,



ପାଙ୍ଗାଖାଳ ଏବଂ ମିଡୁବାନ୍ଧା ଜଳପ୍ରପାତ, ଯୋଗୀମଠ, ତୀର୍ଥକ୍ଷେତ୍ର ରଣିମାଳ ପାହାଡ଼, କିରିକୁଟି ଇଭେଷ୍ଟ ପଏଣ୍ଟ, କଫି ବଗିଚା ସମେତ ସମସ୍ତ ନୂଆ ଓ ପୁରୁଣା ପର୍ଯ୍ୟଟନ କ୍ଷେତ୍ରକୁ ମିଳିତ ପରିଦର୍ଶନ କରିଛନ୍ତି । ଓଡ଼ିଶା ପର୍ଯ୍ୟଟନ ବିଭାଗ ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଭାରତ ପ୍ରଶାସନିକ ଅଧିକାରୀ ସମର୍ଥ ବର୍ମା କନ୍ଧମାଳ ଜିଲ୍ଲାପାଳଙ୍କୁ ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ବିକାଶ ପାଇଁ ଆବଶ୍ୟକ କ୍ଷେତ୍ର ପରିଦର୍ଶନ କରି ରାଜ୍ୟକୁ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଦୁଇ ଜଣିଆ ପ୍ରତିନିଧିଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ସମସ୍ତ ପର୍ଯ୍ୟଟନ କ୍ଷେତ୍ର ବିକାଶ କରି ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବା ସହ ସୌନ୍ଦର୍ଯ୍ୟକରଣ କରାଯିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି ।

# ପ୍ରସ୍ତାବିତ ୟୁଜିସି ରେଗୁଲେସନ୍ ୨୦୨୫ର ପ୍ରତ୍ୟାହାର ପାଇଁ ଦାବିକଲା ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତାବିତ ଡ୍ରାଫ୍ଟ ୟୁଜିସି ରେଗୁଲେସନ୍ ୨୦୨୫କୁ ବିଜୁଜନତା ଦଳ ତରଫରୁ କଡା ବିରୋଧ କରାଯାଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ ପୂର୍ବତନ ରାଜ୍ୟସଭା ସାଂସଦ ଡ. ଅମର ପଟ୍ଟନାୟକ କହିଥିଲେ, ଏହି ପ୍ରସ୍ତାବିତ ରେଗୁଲେସନ୍ କାର୍ଯ୍ୟକାରୀ ହେଲେ ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡିକ ଉପରୁ ରାଜ୍ୟ ସରକାରଙ୍କ କୌଣସି ନିୟନ୍ତ୍ରଣ ରହିବନାହିଁ । ଯାହା ସଂଘୀୟ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ କ୍ଷମତା ପ୍ରତି କୁଠାରଘାତ ସଦୃଶ୍ୟ । ରାଜ୍ୟ ବିଧାନସଭା ଗୁଡିକର ରାଜ୍ୟରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆଇନ୍ ତିଆରି କରିବାର କ୍ଷମତା ରହିଛି । ସେହି ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ସବୁ ରାଜ୍ୟରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି ଓ ରାଜ୍ୟ




ସରକାର ଏଥିପାଇଁ ସମସ୍ତ ଖର୍ଚ୍ଚ ମଧ୍ୟ ବହନ କରିଛନ୍ତି । କିନ୍ତୁ ପ୍ରସ୍ତାବିତ ରେଗୁଲେସନ୍‌ରେ ଏହି ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡିକରେ ସମସ୍ତ ନିଷ୍ପତ୍ତିରେ ରାଜ୍ୟ ସରକାରଙ୍କ କୌଣସି ଭୂମିକା ରହିବନାହିଁ । ଏପରିକି, ନିଯୁକ୍ତି ସମ୍ବନ୍ଧୀୟ ସମସ୍ତ ନିଷ୍ପତିରେ ବିଶ୍ୱବିଦ୍ୟାଳୟର କୁଳପତି ଅର୍ଥାତ୍ ରାଜ୍ୟର ରାଜ୍ୟପାଳଙ୍କ ମାଧ୍ୟମରେ ହେବ । ଏହି ରେଗୁଲେସନ୍ ଅନୁଯାୟୀ ଉପକୁଳପତି ପଦରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବା ଲୋକଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇପାରିବ । ତେଣୁ ଏହି ରେଗୁଲେସନ୍ କାର୍ଯ୍ୟକାରୀ ହେଲେ, ରାଜ୍ୟପାଳ ମାନଙ୍କ ମାଧ୍ୟମରେ କେନ୍ଦ୍ର ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡିକ ଉପରେ ନିଜ ନିୟନ୍ତ୍ରଣରେ ରଖିବ, ଯାହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ମିଶ୍ର କହିଥିଲେ । ଡ. ଅମର ପଟ୍ଟନାୟକ କହିଥିଲେ, ଏହି ପ୍ରସ୍ତାବିତ ରେଗୁଲେସନ୍ ସମ୍ପୂର୍ଣ୍ଣ ଏକ ତରଫା ଭାବେ ପ୍ରସ୍ତୁତ କରାଯାଇଛି । ଯାହା ରାଜ୍ୟ ସରକାର ମାନଙ୍କ ପାଇଁ ଗ୍ରହଣୀୟ ନୁହେଁ । ଆପଣମାନେ ଜାଣନ୍ତି, ଦେଶର ଛଅଟି ରାଜ୍ୟ ଯଥା- କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ ଏହି ରେଗୁଲେସନ୍ ବିରୋଧରେ ସେମାନଙ୍କ ମତ ପ୍ରଦାନ କରିଛନ୍ତି । ସେହିପରି, ବିହାର ଓ ଆନ୍ଧ୍ର ପ୍ରଦେଶ ରାଜ୍ୟ ଏନ୍‌ଡିଏର ଅଂଶ ହୋଇଥିଲେ ମଧ୍ୟ ଏହାକୁ ବିରୋଧ କରିଛନ୍ତି । ତେଣୁ, ବିଜୁଜନତା ଦଳ ଦାବି କରୁଛି ଯେ, ରାଜ୍ୟ ବିଜେପି ସରକାର ମଧ୍ୟ ବିଧାନସଭାରେ ଏହି ଏକ ତରଫା ରେଗୁଲେସନ୍ ବିରୋଧରେ ଏକ ରିଜୋଲ୍ୟୁସନ୍ ପାସ୍ କରୁ । ଏହି ପ୍ରସ୍ତାବିତ ରେଗୁଲେସନ୍‌କୁ କେନ୍ଦ୍ରସରକାର ପ୍ରତ୍ୟାହାର କରନ୍ତୁ ବୋଲି ବିଜୁଜନତା ଦଳ ଦାବି କରୁଛି । ଏହି ଅଗଣତାନ୍ତ୍ରିକ ପ୍ରସ୍ତାବିତ ରେଗୁଲେସନ୍ ପ୍ରତ୍ୟାହାର ନହେଲେ ବିଜୁଜନତା ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଡ. ପଟ୍ଟନାୟକ କହିଥିଲେ ।

# ରାୟଗଡ଼ା ଜିଲ୍ଲାରେ ୨୮ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଦିନ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଗୋପାଳପୁର ଆର୍ମୀ ନିଯୁକ୍ତି କେନ୍ଦ୍ରରୁ ମେଜର କଲ୍ୟାଣ ରେଡ୍ଡୀ ଓ ସୁବେଦାର ମେଜର ସଞ୍ଜୀବ ଦିକ୍ଷିତ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ତତ୍ତ୍ୱମଶୀ ମହାପାତ୍ର ମଞ୍ଚାସୀନ ଥିଲେ । ଶ୍ରୀ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଓ ନିଯୋଜନ ଅଧିକାରୀ ସ୍ୱର୍ଣ୍ଣଲତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ୨୦୦୦ ରୁ ଉର୍ଦ୍ଧ୍ୱ




ଶିକ୍ଷିତ ବେକାର ଯୁବକ ଯୁବତୀ ଯୋଗଦେଇ ବିଭିନ୍ନ ଦକ୍ଷତା ସମ୍ବଳିତ ଓ ବୈଷୟିକ ଶିକ୍ଷା ସମ୍ବଳିତ ରୋଜଗାରକ୍ଷମ ଜୀବିକା ବିଷୟରେ ତଥ୍ୟ ପ୍ରାପ୍ତ କରିଥିଲେ । ଚଳିତ ଥର ନିଯୁକ୍ତି ମେଳାରେ ଅଭିନବ ଭାବେ ବିଭିନ୍ନ ବୈଷୟିକ ପ୍ୟାନେଲ୍‌ର ଆୟୋଜନ କରାଯାଇଥିଲା । ବିକଶିତ ରାୟଗଡା ନିମନ୍ତେ ବୈଷୟିକ ଶିକ୍ଷାର ଭୂମିକାରେ ୟୁଜିଏମ୍‌ଆଇଟିର ଅଧ୍ୟକ୍ଷ ନାରାୟଣ ପଟେଲ୍ ଅଲୋଚନା ପରିଚାଳନା କରିଥିଲେ । ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷା ବବିଲତା ଶ୍ରଫ, ସରକାରୀ ଆଇଟିଆଇର ଅଧକ୍ଷ ବିନୟ କୁମାର ବସନ୍ତରାୟ, ବିଷମକଟକ ଆଇଟିଆଇର ଅଧକ୍ଷ ଆର୍‌କେ ପ୍ରଧାନ ଓ ରାୟଗଡା ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ ଆଲୋଚନା କରିଥିଲେ । ଦ୍ୱିତୀୟ ପ୍ୟାନେଲ୍‌ରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ପରିଚାଳକ ବିଜୟ ସାହୁ ବିକଶିତ ରାୟଗଡା ନିମନ୍ତେ କଳକାରଖାନାର ଭୂମିକା ବିଷୟରେ ଅଲୋଚନା ପରିଚାଳନା କରିଥିଲେ । ଆଲୋଚନାରେ ରାୟଗଡା ଅର୍‌ମାସ୍‌ର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ପାତ୍ର, ବିନାୟକ ଷ୍ଟିଲ୍ ଓ ଇଞ୍ଜିନିୟରିଂର ମୁଖ୍ୟ କେ ନରିନ କୁମୁଦନ ଓ ଏମ୍‌ଏସ୍‌ଏମ୍‌ଇର ଜିଲ୍ଲା ଅଧିକାରୀ କୋଟି ରତ୍ନମ୍ ଆଲୋଚନା କରିଥିଲେ । ଏହି ଅବସରରେ ଆଠଜଣ ଦୃଷ୍ଟାନ୍ତ ମୂଳକ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ବିଭିନ୍ନ କମ୍ପାନୀର ୨୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରଯାଇଥିଲା । ସରକାରୀ ଆଇଟିଆଇର ସହକାରୀ ତାଲିମ୍ ଅଧିକାରୀ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିଲେ । କନିଷ୍ଠ ନିଯୋଜନ ଅଧିକାରୀ ସନ୍ତୋଷ କୁମାର ନନ୍ଦ, ନିଯୋଜନ କାର୍ଯ୍ୟାଳୟର କୋମଳ କୁମାରୀ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଜଗତସିଂହପୁର ଜିଲ୍ଲାରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଗ୍ରାମୀଣ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ତଥା ଗ୍ରାମୀଣ ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ଗାଁ'ର ଭିତ୍ତିଭୂମି ବିକାଶ ପାଇଁ ବର୍ଷକୁ ହଜାର କୋଟି ଟଙ୍କା ଲେଖାଏଁ, ପାଞ୍ଚ ବର୍ଷରେ ମୋଟ ପାଞ୍ଚ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଗାଁ'ର ବିକାଶ ପାଇଁ ଆବଶ୍ୟକ ପ୍ରକଳ୍ପ ଗୁଡିକୁ ଗ୍ରାମ ସଭାରେ ହିଁ ସ୍ଥିର କରାଯିବ । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ଭିସି ମାଧ୍ୟମରେ ଯୋଡ଼ି ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣରେ ସାମିଲ୍ ହୋଇଥିଲେ । ଜିଲ୍ଲାର କୁଜଙ୍ଗ ବ୍ଲକ ଓ ପରେ ତିର୍ତ୍ତୋଲ ବ୍ଲକ୍‌ରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଯୋଜନା ମାଧ୍ୟମରେ ପ୍ରତି ଗାଁରେ ଭଲ ରାସ୍ତା, ଡ୍ରେନ୍, ପାଠାଗାର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ୍, ମାର୍କେଟ୍ ସେଡ୍, ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ଆଦି ନିର୍ମାଣ କରାଯିବା ସହ ଧାର୍ମିକ ପୀଠ, ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀ, ଶିକ୍ଷା ତଥା କ୍ରୀଡା ଭିତ୍ତିଭୂମି ଆଦିର ବିକାଶ ମଧ୍ୟ କରାଯିବ ବୋଲି କହିଥିଲେ । ସରକାରଙ୍କର ସ୍ୱଷ୍ଟ ନୀତି; ଆମେ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' ମନ୍ତ୍ରକୁ ନେଇ ପରିଚାଳିତ ବୋଲି ସେ ବକ୍ତବ୍ୟ ରଖିଥିଲେ । ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଉପାଅଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ରଂଜିତା ସିଂ, ସୁନୀଲ କୁମାର ବେହେରା, ବିଡ଼ିଓ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ତିର୍ତ୍ତୋଲ ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ନେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ଇଜତମା ପାଇଁ ବନ୍ଦ ହେଲା ମଦ ଦୋକାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଚଉଦକୁଲାଟ ଠାରେ ରାଜ୍ୟସ୍ତରୀୟ ଇଜତମା ୭, ୮ ଓ ୯ ତାରିଖରେ ଅନୁଷ୍ଠିତ ହେଉଥିବାରୁ ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦ରୁ ୩୦ ହଜାର ଭକ୍ତ ସମାଗମ ହେବାର ସମ୍ଭାବନା ରହିଛି । ଇଜତମା ସ୍ଥାନ ନିକଟରେ ଥିବା ମଦ ଦୋକାନକୁ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ୪ ଦିନ ପାଇଁ ବନ୍ଦ କରିଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମଦ ଦୋକାନକୁ ଚାରିଦିନ ପାଇଁ ବନ୍ଦ ରଖିଥିବା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରକାଶ କରିଛନ୍ତି ।



# କିଶୋର କିଶୋରୀମାନଙ୍କର ପ୍ରତିଭା ଅନ୍ୱେଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ସମ୍ମିଳନୀ କକ୍ଷରେ କିଶୋର କିଶୋରୀ ମାନଙ୍କର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସଡିପିଓ ସୁଜାତା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରଶ୍ମିତା ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ସମ୍ମାନୀତ ଅତିଥି ଭାବେ, ଡି.ଏସ୍.ଡବ୍ଲୁ.ଓ ମନୋରମା ସ୍ୱାଇଁ, କେନ୍ଦ୍ରାପଡା ବିଡିଓ ଅବିନାଶ ସ୍ୱାଇଁ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ । କିଶୋର କିଶୋରୀ ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । କିଶୋର/କିଶୋରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗୀତା ତଥା ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ ଆୟୋଜନ କରାଯାଇଥିଲା । ପ୍ରତିଯୋଗୀତାରେ ୬୦ରୁ ଉର୍ଦ୍ଧ୍ୱ କିଶୋର କିଶୋରୀ ଅଂଶଗ୍ରହଣ କରିଥିଲେ । ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ପିଓ ଭାରତୀ ମଲ୍ଲିକ, ଡିପିସି ମମତା, ମନୋରଂଜନ ଦାସ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ||||୨୬ ତମ ସାଂସ୍କୃତିକ ଯୁବ ମହୋତ୍ସବ 'ଇଉଫୋରିଆ' ଉଦ୍‌ଘାଟିତ ||||

# 'ଯୁବ ପ୍ରତିଭାର ବିକାଶ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ'

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଯୁବ ପ୍ରତିଭା ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଦୀର୍ଘ ୨୬ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ରାଜ୍ୟସ୍ତରୀୟ ଆନ୍ତମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ-୨୦୨୫ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅଧକ୍ଷ ଅସିତ କୁମାର ଗିରିଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ବିଭୁ ପ୍ରସାଦ ଦାସ, ଶାନ୍ତନୁ କୁମାର ସିଂହ, ସୁତନୁ ରୁପ, ଅଭିଜିତ




ମହାନ୍ତି ପ୍ରମୁଖ ଯୋଗଦେଇ ଯୁବ ପ୍ରତିଭାର ବିକାଶ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି କହିଥିଲେ । ଚଳିତ ଥର ରାଜ୍ୟର ୨୨ ଗୋଟି ଶିକ୍ଷାନୁଷ୍ଠାନରୁ ୨୩୭ ଜଣ ପ୍ରତିଯୋଗୀ ଯୋଗ ଦେଇଥିବା ସମ୍ପାଦକ ସତ୍ୟ ସ୍ୱରୂପ ଦାଶ ପ୍ରକାଶ କରିଛନ୍ତି । ସ୍ଥାନୀୟ ସହୀଦ ସ୍ମୃତି ଭବନରେ ୪ ଦିନ ଧରି ଏହି ମହୋତ୍ସବରେ ୧୭ଟି ଏକକ ଓ ୭ଟି ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ମିଷ୍ଟର ଓ ମିସ୍ ଇଉଫୋରିଆ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ କୁମାର ବେହେରା ଜଣାଇଛନ୍ତି । ଉପସଭାପତି ଅଂକୁର ଖୁରାନା ସଭା ପରିଚାଳନା କରିଥିବା ବେଳେ, ସଭାପତି ତାପସ ପାତ୍ରୀଙ୍କ ତତ୍ତ୍ୱାବଧାନ କାର୍ଯ୍ୟକ୍ରମ ଚାଲୁ ରହିଛି । ଅନ୍ୟମାନଙ୍କ ମଧ୍ୟରେ ଶିବ ନାରାୟଣ ମିଶ୍ର, ମହେଶ ସାହୁ, ଜୟସ ପାତ୍ର, ଧନଞ୍ଜୟ ସାହୁ, ଲିଜାରାଣୀ ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାରୁ ୫୨ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଗଲେ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାର ୫୨ ଜଣ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ତୀର୍ଥ ଯାତ୍ରୀ ବସ୍‌କୁ ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲା ଓ ଜିଲ୍ଲାପାଳ ଅନ୍ୟା ଦାଶ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିବା ସହ ସଫଳ ଯାତ୍ରା ନିମନ୍ତେ ଶୁଭକାମନା କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ କଲେକ୍ଟର ସତ୍ୟବ୍ରତ ସାହୁ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଜିଲ୍ଲା ସ୍ତରୀୟ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ସଫଳ ତୀର୍ଥ ଭ୍ରମଣ ପୂର୍ବକ ଆଧାତ୍ମିକ ଦିବ୍ୟ ଦର୍ଶନର ଅନୁଭବ ନିମନ୍ତେ ଶୁଭକାମନା କରି ଉତ୍ସାହିତ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସହଦେବ ମେହେର ଓ ବିଶ୍ୱପ୍ରତାପ ସେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରୁ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ଏହି ବସ୍ ସନ୍ଧ୍ୟାରେ ସମ୍ବଲପୁରରେ ପହଞ୍ଚି ପାନ୍ଥନିବାସରେ ରାତ୍ରୀ ରହଣି




ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ଗୋଛି, ଆସିଷ୍ଟାଣ୍ଟ କରିଥିଲେ । ୭ ତାରିଖରେ ସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ସ୍ୱତନ୍ତ୍ର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଟ୍ରେନ୍ ସୁବର୍ଣ୍ଣପୁର ଜିଲ୍ଲାର ୩୨ ଜଣ ପୁରୁଷ ଓ ୨୦ ଜଣ ମହିଳା ବରିଷ୍ଠ ତୀର୍ଥ ଯାତ୍ରୀଙ୍କ ସହ ପଡୋଶୀ ୭ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ କାମାକ୍ଷା ଓ କଲିକତା ଅଭିମୁଖେ ଯାତ୍ରା କରିଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୫ବୃ / ୬ଚନ୍ଦ୍ର | ୪ | ଶୁରାମ / ଶ୍ମ୨ |
| ୭ | ୫ / ୨ | ରବୁଲ |
| ୮ / ୯କେ | ୧୦ | ୧୨ / ୧୧ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୮।୨।୨୦୨୫, ମାଘ ଦି୨୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୨୦।୦୧** **ଚନ୍ଦ୍ରୋଦୟ- ଦିଘ ୧।୩୯।୦୪**

**ଏକାଦଶୀ-** ରାଘ ୮।୧୭ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ସଂଘ ୬।୦୮ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୮।୧୭ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୭ ଗତେ ଘ ୧୧।୦୮ ମଧ୍ୟେ, ରାଘ ୮।୧୨ ଗତେ ଘ ୧୦।୪୪ ମଧ୍ୟେ । ପର୍ବୋତ୍ସବ- ଭୌମୀ ଏକାଦଶୀ, ବ୍ୟାସ ସରୋବର ଓ କପୋତେଶ୍ୱର ମେଳା, ଭକ୍ତ ଦାସିଆ ତିରୋଧାନ ଦିବସ, ଅଚ୍ୟୁତାନନ୍ଦ ଜୟନ୍ତୀ ।




**ମେଷ:** ଆଜି ଦିନଟି ବେଶ୍ ହସ ଖୁସିରେ ବିତାଇବେ । କାର୍ଯ୍ୟ ସାଫଲ୍ୟ ହେତୁ ମନରେ ଆନନ୍ଦ ଆସିବ । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ବନ୍ଧୁ ସହଯୋଗ ଲାଭ କରିବେ । ରୋଜଗାରରେ ପ୍ରଗତି ।




**ବୃଷ:** ସମସ୍ତଙ୍କ ଅସହଯୋଗ ଆପଣଙ୍କୁ ହତୋତ୍ସାହିତ କରିବ । କର୍ମହାନୀର ସମ୍ଭାବନା । ଦୁଶ୍ଚିନ୍ତାରେ ପଡ଼ିପାରନ୍ତି । ଆୟର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳଗ୍ରସ୍ତ ହେବେ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ପୁରାତନ କର୍ମପ୍ରାପ୍ତିର ସୁଯୋଗ ଲାଭ କରିବେ । ଆଜି ଆହାର ବ୍ୟବହାର ପ୍ରତ୍ୟେକରେ ତୃପ୍ତି ଲାଭ କରିବେ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ପ୍ରାପ୍ତି ହେବ । ଦେହ ଭଲ ରହିବ ।



**କର୍କଟ:** ବନ୍ଧୁ ସହଯୋଗ ଲାଭ କରିବା ସହିତ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ କ୍ରମଶଃ ଅଧିକ ହେବ । କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । କିନ୍ତୁ ଘରେ ଅଶାନ୍ତି ।



**ସିଂହ:** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଗତି କରିବେ । କର୍ମକ୍ଷେତ୍ରରେ ସହଯୋଗ ଲାଭ କରିପାରିବେ । ପାରିବାରିକ ସମସ୍ୟା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରରେ ବୃଦ୍ଧି ହେବ ।



**କନ୍ୟା:** ସାହାଯ୍ୟ ସହଯୋଗ ଲାଭ କରିବେ । କର୍ମକ୍ଷେତ୍ରରେ ଅଗ୍ରଗତି କରିବେ । ଆୟର ପରିମାଣ ବଢ଼ିବ । ଦିନ ସାରା କର୍ମଚଞ୍ଚଳ ରହିବେ । ସୁସମ୍ବାଦ ପ୍ରାପ୍ତି ସହ ଗୃହେ ଆନନ୍ଦ ଲାଭ ହେବ । ମନ ଭଲ ରହିବ ।



**ତୁଳା:** ଅନ୍ୟମାନଙ୍କ ମଧ୍ୟରେ କର୍ମ ସମ୍ପାଦନ ପାଇଁ ପରିସ୍ଥିତି ସୃଷ୍ଟି ହେବ । ବନ୍ଧୁ ସହଯୋଗ ପାଇବେ । ତଥାପି ଅଳସୁଆ ପଣରୁ ପାରିବାରିକ କର୍ମହାନୀ । ଆୟ ଓ ବ୍ୟୟର କିଛି ପରିବର୍ତ୍ତନ ହେବନାହିଁ ।



**ବିଛା:** ମନରେ ଅଶାନ୍ତି ସହିତ ଦୁଶ୍ଚିନ୍ତା ବଢ଼ିବାର ଆଶଙ୍କା ରହିଛି । କର୍ମହାନୀର ସୂଚନା । ଦେହ ପୀଡ଼ା ଅନୁଭବ କରିବେ । ଆୟ ଠାରୁ ବ୍ୟୟର ପରିମାଣ ଅଯଥାରେ ବଢ଼ିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ଧନୁ:** ବନ୍ଧୁ ସହଯୋଗରେ ନିଜର କାର୍ଯ୍ୟ ସାଧନା କରିପାରିବେ । କର୍ମକ୍ଷେତ୍ରରେ ବେଶ୍ ଆନନ୍ଦ ଅନୁଭବ କରିବେ । ଆହାରେ ତୃପ୍ତି କିନ୍ତୁ ରୋଜଗାରରେ ବାଧା । କର୍ମକ୍ଷେତ୍ରରେ ଅନୁପସ୍ଥିତ ରହିବାର ସୂଚନା ।



**ମକର:** ଆପଣଙ୍କ ଅନିଷ୍ଟ କର୍ତ୍ତା ଆଜି ହାର୍ ମାନିବେ । ଶତ୍ରୁ ହାନୀ କରି ଆପଣ କର୍ମପଥରେ ଆଗେଇଯିବେ । ପାରିବାରିକ ଶାନ୍ତି ଅନୁଭବ କରିବେ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । ମନ ଅସ୍ଥିର ରହିବ ।



**କୁମ୍ଭ:** ନିଜକୁ ଜଗିରଖି ଚଳିବା ସହିତ ରସନା ସଂଯମ କରଣୀୟ । ନଚେତ୍ ଅଯଥା ମାନହାନୀର ଆଶଙ୍କା । ବ୍ୟୟର ପରିମାଣ ଅଧିକ ହେବ । ଘରେ ଜଞ୍ଜାଳ ବଢ଼ିବ । ବହୁ ସମୟ ଅନ୍ୟମନସ୍କ ରହିବେ ।



**ମୀନ:** ମନରେ ବିଭିନ୍ନ ପ୍ରକାର ଆଶଙ୍କା ଉଙ୍କି ମାରିବ । ପ୍ରତ୍ୟେକ କର୍ମରେ ପ୍ରତିରୋଧର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଶାନ୍ତି ଲାଭ କରିବାର ସୂଚନା ମଧ୍ୟ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୨।୨୦୨୫, ମାଘ ଦି୨୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୧୯।୩୪** **ଚନ୍ଦ୍ରୋଦୟ- ଦିଘ ୨।୪୦।୧୧**

**ଦ୍ୱାଦଶୀ-** ସଂଘ ୭।୨୬ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ସଂଘ ୫।୫୩ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ସଂଘ ୭।୨୬ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୨ ଗତେ ଘ ୧୦।୦୮ ମଧ୍ୟେ, ଦିଘ ୧।୨୬ ଗତେ ଘ ୧।୫୪ ମଧ୍ୟେ । ପର୍ବୋତ୍ସବ- ବରାହ ଦ୍ୱାଦଶୀ, ଲକ୍ଷ୍ମୀ ବରାହ ଜନ୍ମ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପେନ୍‌ସନରେ ଅଧିକ ଖର୍ଚ୍ଚ

କେନ୍ଦ୍ର ସରକାର ଏବଂ ତିନିଟି ରାଜ୍ୟ କର୍ମଚାରୀମାନଙ୍କ ବେତନ ଓ ପାଉଣାରେ ଯେତିକି ଟଙ୍କା ଖର୍ଚ୍ଚ କରୁନାହାନ୍ତି, ତାଠାରୁ ଅଧିକ ଟଙ୍କା ପେନସନ ପାଇଁ ବ୍ୟୟ କରୁଛନ୍ତି ସିଏଜି ରିପୋର୍ଟରୁ ଏହା ଜଣାପଡିଛି । ଗୁଜୁରାଟ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ଦରମାଠୁ ପେନସନ ଖର୍ଚ୍ଚ ଅଧିକ ରହିଛି । ସିଏଜି ରିପୋର୍ଟ ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ରଙ୍କ ମୋଟ ବ୍ୟୟ ୯.୭୮ ଲକ୍ଷ କୋଟି ଟଙ୍କା ଥିଲା । ସେଥିରୁ ବେତନ ଓ ପାଉଣା ବାବଦରେ ୧.୩୯ ଲକ୍ଷ ଟଙ୍କା ଏବଂ ୧.୮୩ ଲକ୍ଷ କୋଟି ଟଙ୍କା ପେନସନ ଦେବାରେ ଖର୍ଚ୍ଚ ହୋଇଥିଲା । ଋଣ ପରିଶୋଧ ଓ ସୁଧ ପ୍ରଦାନରେ ସରକାର ୬.୫୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ । କେନ୍ଦ୍ର ସରକାରଙ୍କ ମୋଟ ଖର୍ଚ୍ଚରେ ପେନ୍‌ସନର ଭାଗ ୧୯ ପ୍ରତିଶତ ଓ ଦରମା ଭାଗ ୧୪ ପ୍ରତିଶତ ରହିଥିଲା । ୨୦୧୯-୨୦ରେ ଗୁଜୁରାଟ ୧୭,୬୩୩ କୋଟି ଟଙ୍କା ପେନ୍‌ସନରେ ଖର୍ଚ୍ଚ କରିଥିବା ବେଳେ ବେତନ ପାଇଁ ୧୧,୧୨୬ କୋଟି ଟଙ୍କା ବ୍ୟୟ କରିଥିଲା । ସେହିପରି କର୍ଣ୍ଣାଟକ ପକ୍ଷରୁ ପେନ୍‌ସନରେ ୧୮,୪୦୪ କୋଟି ଟଙ୍କା ଏବଂ ବେତନରେ ୧୪,୫୭୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ପଶ୍ଚିମବଙ୍ଗର ପେନସନ ଖର୍ଚ୍ଚ ୧୭,୪୬୨ କୋଟି ଟଙ୍କା ଏବଂ ବେତନ ଖର୍ଚ୍ଚ ୧୬,୯୧୫ କୋଟି ଟଙ୍କା ଥିଲା । ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ତାମିଲନାଡୁରେ ବେତନ ଖର୍ଚ୍ଚର ଦୁଇ ତୃତୀୟାଂଶ ହେଉଛି ପେନସନ ଖର୍ଚ୍ଚ । ଗୁଜରାଟ ଓ ହିମାଚଳପ୍ରଦେଶ ନିର୍ବାଚନରେ ପୁରୁଣା ପେନସନ ସ୍କିମ ଏକ ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ଭାବେ ଉଭା ହୋଇଥିଲା । ଭୋଟ ହାତେଇବା ଲାଗି କିଛି ରାଜ୍ୟ ପୁରୁଣା ପେନସନ ସ୍କିମ୍‌କୁ ପୁଣି ଥରେ ଲାଗୁ କରିବା ବିଷୟରେ ବିଚାର କରୁଛନ୍ତି । କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ ସରକାର ଏହି ସ୍କିମ୍‌କୁ ପୁନର୍ବାର ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବେତନ, ପେନ୍‌ସନ, ଋଣ ପରିଶୋଧ ଓ ସୁଧ ଆଦିରେ ହେଉଥିବା ଖର୍ଚ୍ଚକୁ ପ୍ରତିବଦ୍ଧ ଖର୍ଚ୍ଚ କୁହାଯାଉଛି । ଏଥିରେ ଅଧିକ ଖର୍ଚ୍ଚ ହେଲେ ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ ସ୍କିମ ବା ପ୍ରକଳ୍ପରେ ଖର୍ଚ୍ଚ ବଢାଇବା ଲାଗି ସରକାରଙ୍କ ପାଖରେ ସୁଯୋଗ ରହେନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)
ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅଶ୍ୱ ବ୍ୟସ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସ୍ୱମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡ଼ି ତୋର ପାଶେ
ଶରଣ ପଶିଲି (୨୩)


ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ବଧୂ ବିଦେଶିନୀ-୧୪

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୨୮. ପୁଷ୍ପଗିରି ବିଶ୍ୱ ବିଦ୍ୟାପୀଠର ଅନ୍ୟ ତିନି ଶାଖା ପରିଦର୍ଶନ


ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ (କଲ୍ଲୋଳିନୀ) ଓ ସଖୀ ସୁହାସିନୀ ଦୁହିଁଙ୍କର ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଗ୍ରହଣ କରିବାପାଇଁ ନାମଲିଖନ ଏହି ବିଶ୍ୱବିଦ୍ୟାଳୟର ଏକ ପ୍ରମୁଖ ପରିସର ଲଳିତଗିରି ବୌଦ୍ଧ ବିହାରରେ ଆମ୍ଭର ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ସମାପନ କରିବା ପରେ ଆମ୍ଭର ସେଠାରେ ରହିଥିବା ଦ୍ୱିତୀୟ ଦିନରେ ସମଗ୍ର ଲଳିତଗିରି ବିହାରର ବୌଦ୍ଧ କୀର୍ତ୍ତିମାନ ବିଦ୍ୟାପୀଠର ଜଣେ କର୍ମଚାରୀଙ୍କ ମାର୍ଗଦର୍ଶନରେ ଭ୍ରମଣ କରି କରି ପ୍ରୀତ ହେଲୁ। ତା'ପରେ ଆମ୍ଭଙ୍କୁ ଓ ଆମ୍ଭ ସହ ପାଲୁରାରୁ ଆସିଥିବା ସହାୟକମାନଙ୍କୁ ନିଜ ସହିତ ନେଇକରି ଉକ୍ତ ମାର୍ଗଦର୍ଶକ ବିଶ୍ୱ ବିଦ୍ୟାପୀଠର ଅନ୍ୟତ୍ର ଥିବା ଆଉ ତିନି ପରିସର ଯଥା-ଲାଙ୍ଗୁଡି, ଉଦୟଗିରି ଓ ରତ୍ନଗିରି ମହାବିହାରମାନଙ୍କରେ ଭ୍ରମଣ କରିବା ଉଦ୍ଦେଶ୍ୟରେ ତୃତୀୟଦିନ ଅଗ୍ରସର ହେଲେ। ପ୍ରଥମେ ପ୍ରାୟ ଦୁଇ ଯୋଜନ ଦୂରରେ ଆମ୍ଭର ଉତ୍ତର ଦିଗକୁ ଥିବା ଲାଙ୍ଗୁଡି ପାହାଡ଼ମାନଙ୍କ ଉପରେ ସ୍ଥିତ ମହାବିହାରକୁ ଆମ୍ଭେ ଗମନ କରି ସେଠରେ ଅପରାହ୍ନରେ ପହଞ୍ଚିଲୁ।

ଅପରାହ୍ନରେ **ଲାଂଗୁଡି** ଶିକ୍ଷା ଓ ଧାର୍ମିକ ପରିସରରେ ଭ୍ରମଣ କରି ଏକ ବିରାଟ ପ୍ରସ୍ତର ଖୋଦିତ ବୌଦ୍ଧସ୍ତୁପ ସହିତ ଅନେକ ଛୋଟବଡ ତଦନୁରୂପ ସ୍ତୁପମାନ ଦେଖିବା ଆମ୍ଭମାନଙ୍କପାଇଁ ଏକ ନୂତନ ଅନୁଭୂତିଥିଲା। ଅନେକ ଇଟା ବା ପଥରରେ ସାଧାରଣତଃ ସ୍ତୁପ ନିର୍ମାଣ ହେବା ସର୍ବତ୍ର ପରିଲକ୍ଷିତ ହେଉଥିବା ବେଳେ ଏଠାରେ ପାହାଡମାନଙ୍କ କ୍ଷୁଦ୍ରବୃହତ୍ ପଥରଗୁଡିକୁ କାଟି ନିର୍ମାଣ କରାଯାଇଥିବା ଅନେକ ଏକ -ପ୍ରସ୍ତର ବିଶିଷ୍ଟ ସ୍ତୁପ ବିଦ୍ୟମାନ ଥିବା ଦୃଶ୍ୟମାନ ହୋଇଥାଏ। ଅନେକ ବୁଦ୍ଧଦେବଙ୍କ ମୂର୍ତ୍ତି, ବୌଦ୍ଧସ୍ତମ୍ଭ, ପ୍ରାର୍ଥନାଗୃହ, ବୌଦ୍ଧ ଭିକ୍ଷୁମାନଙ୍କ ନିମିତ୍ତ ବାସ ଗୃହ, ଶିକ୍ଷାଦାନ କକ୍ଷ, ଶିଳାଲେଖ, ସଭାସ୍ଥଳ ଆଦି ଅନେକ ସଂରାଚନାରେ ପରିପୂର୍ଣ୍ଣ ଏହି ଅନେକ ପାହାଡ ଉପରେ ସ୍ଥିତ ଲାଙ୍ଗୁଡି ମହାବିହାର ଆମ୍ଭେ ଦର୍ଶନ କରି ରାତ୍ରରେ ବିଶ୍ରାମ ନେଲୁ।

ଆମ୍ଭର ଏକ ଭ୍ରମଣର ଦ୍ୱିତୀୟ ଦିନରେ ଏ ଯୋଜନରୁ କିଛି ଅଧିକ ଦୂରରେ ଥିବା **ଉଦୟଗିରି ମହାବିହାର**ରେ ମଧ୍ୟାହ୍ନରେ ପହଞ୍ଚିଲୁ। ଉଦୟଗିରି ମଧ୍ୟ ମାଧବପୁର ମହାବିହାର ନାମରେ ପରିଚିତ ଥିଲା। ଏହାର ସବୁଠାରୁ ଆକର୍ଷଣ ଥିଲା ପ୍ରାଚୀର ପରିବେଷ୍ଟିତ ଏକ ବିରାଟ ବୌଦ୍ଧମଠ ସଂକୁଳ ଓ ତା' ମଧ୍ୟରେ ଥିବା ୨୩ଫୁଟ ଉଚ୍ଚତା ବିଶିଷ୍ଟ ଏକ ସ୍ତୁପ, ଯାହାର ଚାରିପଟେ ରହିଥିବା ଚାରିଟି ଧ୍ୟାନଗତ ବୁଦ୍ଧଦେବଙ୍କ ମୂର୍ତ୍ତି। ଏହା ବ୍ୟତୀତ ଏକ ଅନେକ ପାବଚ୍ଛଯୁକ୍ତ ପ୍ରସ୍ତରର କୂପ ମଧ୍ୟ ଦର୍ଶନ ଯୋଗ୍ୟ। ପୁନଶ୍ଚ ମହାବିହାରର ପ୍ରବେଶଦ୍ୱାରରେ ଦଉଡିରେ ଝୁଲାୟମାନ ଚକ୍ଷୁମୁଦ୍ରିତ ମାନବାକୃତି ରହିଥିବା ଦର୍ଶାଏ ଯେ ମାନବ ଜୀବନ ସୁଖମୟ ଅଟେ। ସେହିପରି ଅନେକ ବୌଦ୍ଧମଠ, ବୃହତ କକ୍ଷ, ପ୍ରାର୍ଥନାଗୃହ ଆଦି ମଧ୍ୟ ବହୁଳ ସଂଖ୍ୟାରେ ପରିଲକ୍ଷିତ ହେଉଥିଲା।

ଏତଦ୍‌ବ୍ୟତୀତ ବୁଦ୍ଧଦେବ, ତାରା, ମଂଜୁଶ୍ରୀ, ଅବଲୋକିତଶ୍ୱର, ଜାଟମୁକୁଟ, ଲୋକେଶ୍ୱର ପ୍ରଭୃତି ବୌଦ୍ଧ ଚରିତ୍ରମାନଙ୍କ ସୁଂଦର ମୂର୍ତ୍ତିମାନ ସଂଦର୍ଶନ କରିବା ମନୋରମ ଥିଲା।

ଏ ଉଦୟଗିରିର ଆଉ ଏକ ବିଶେଷତ୍ୱ ହେଉଛି ଯେ ତିବତୀୟ ବୌଦ୍ଧ ଧର୍ମର ପ୍ରବର୍ତ୍ତକ ଗୁରୁ ପଦ୍ମସମ୍ଭବ ଏହିଠାରେ ମୃତ୍ୟୁବରଣ କରିଥିଲେ। ପଦ୍ମସମ୍ଭବ ୮ମ ଶତାବ୍ଦୀରେ ବୌଦ୍ଧ ଧର୍ମରେ ତାନ୍ତ୍ରିକ ଭାବଧାରାର ପ୍ରସାର କରିଥିଲେ। ସେ ଉଡ୍‌ଡୀୟାନା ବା ଉଡିଆନାରେ ଜନ୍ମଗ୍ରହଣ କରିଥିଲେ ବୋଲି ନାନା ଗନ୍ଥରେ ଉଲ୍ଲେଖ ଅଛି। ଏହି ଉଡିଆନା ଉତ୍ତ୍ରଦେଶ ଅଟେ। ତାଙ୍କର ଜନ୍ମ ଉତ୍ତ୍ରଦେଶର ସମ୍ବଲପୁର ଅଂଚଳର ଏକ ରାଜପରିବାରରେ ଥିଲା। (ବି:ଦ୍ର:- ଉଡିଆନା ଅଂଚଳ ପଶ୍ଚିମ ଭାରତରେ ଅବସ୍ଥିତ ବୋଲି କେତେକ ଐତିହାସିକ ମତଜ୍ଞାପନ କରୁଥିଲେ ମଧ୍ୟ ଅନେକ ତାହା ଉତ୍ତ୍ରଦେଶ ବା ବର୍ତ୍ତମାନର ଓଡ଼ିଶା ବୋଲି କହିଥାନ୍ତି।- ଲେଖକ)

ଉଦୟଗିରିରେ ଏକ ରାତ୍ରିଯାପନ କରି ପରଦିନ ପ୍ରଭାତରେ ଏକ ଯୋଜନରୁ କିଛି ନ୍ୟୁନ ଦୂରତାରେ ଅବସ୍ଥିତ ରତ୍ନଗିରି ପର୍ବତ ମହାବିହାରରେ ଉପନୀତ ହେଲୁ ଓ ସେଠାରେ ନାନା ଦର୍ଶନୀୟ ସ୍ଥାନ ବୁଲି ଲେଖିଲୁ।

ରତ୍ନଗିରି ମହାବିହାର ବ୍ରାହ୍ମଣୀ ଓ ବିରୁପା ନଦୀଦ୍ୱୟର ଅବବାହିକା ମଧ୍ୟରେ ଅବସ୍ଥିତ ଏକ ପ୍ରଖ୍ୟାତ ବିଦ୍ୟାପୀଠ ତଥା ବୌଦ୍ଧ ମଠର ସମଷ୍ଟି। ମୁଖ୍ୟତଃ ତିନୋଟି ପାହାଡ ଉପରେ ବିରାଟ ବିରାଟ ୩ଟି ଚାରିକୋଣିଆ ବୌଦ୍ଧ ମଠ ଓ ତନ୍ମଧ୍ୟମ ଉପାସନା ସ୍ଥଳପାଇଁ ଏହା ପ୍ରସିଦ୍ଧ। ସମସ୍ତ ସରଂଚନା ମୁଖ୍ୟତଃ ଇଟା କାନ୍ଥ ବିଶିଷ୍ଟ ଅଟେ। କିନ୍ତୁ ସେ ସବୁର ଦ୍ୱାରଦେଶ, ସ୍ତମ୍ଭ, ବିଭିନ୍ନ ଖୋଦିତ ମୂର୍ତ୍ତି ଆଦି ପ୍ରସ୍ତର ନିର୍ମିତ ଅଟେ। କାରୁକାର୍ଯ୍ୟ କେବଳ ପ୍ରସ୍ତର ଉପରେ ଅଂକିତ ହୋଇନାହିଁ, ଅନେକ ଖୋଦିତ କଳାକୃତି କଂସା ଓ ପିତ୍ତଳ ଉପରେ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏଠାରେ ବ୍ୟବହୃତ ପ୍ରସ୍ତରମାନ ଧୂଷରା ଓ ନୀଳ ରଂଗର ଅଟନ୍ତି।

ସବୁଠାର ଦୃଷ୍ଟି ଆକର୍ଷଣ କରୁଥିବା କୃତି ହେଲା ପୂର୍ବୋକ୍ତ ୩ଟି ବୃହତ ବୌଦ୍ଧମଠ ସହ ସଂଶ୍ଳିଷ୍ଟ ଏକ ବିରାଟକାୟ ସ୍ତୁପ ଓ ତା'ର ନିକଟବର୍ତ୍ତୀ ଅନେକ ବିଭିନ୍ନାକୃତିର ଛୋଟଛୋଟ ସ୍ତୁପ। ଏହି କ୍ଷୁଦ୍ର ସ୍ତୁପଗୁଡିକର ସଂଖ୍ୟା ବହୁଳ ଥିବାର କାରଣ ମାନସିକ ରଖି ଲୋକମାନେ ଏ ସବୁ ସ୍ତୁପ ନିର୍ମାଣ କରି ଏଠାରେ ସ୍ଥାପନ କରୁଥିଲେ। ଏହା ମଧ୍ୟରେ ଏକ ବୃହତକାୟ ସୁଂଦର ବୁଦ୍ଧ ଦେବଙ୍କ ମୂର୍ତ୍ତି ମଧ୍ୟ ପରିଦୃଷ୍ଟ ହେଉଥିଲା। ଏ ସବୁ ମଠର ପରିସରରେ ରହିଥିବା ତିନୋଟି ବିରାଟକାୟ ବୁଦ୍ଧଦେବଙ୍କ ପ୍ରସ୍ତର ନିର୍ମିତ ମସ୍ତକମାନ ଅତି ଆକର୍ଷଣୀୟ। ଏ ତିନି ମସ୍ତକ ବ୍ୟତୀତ ୨୦ରୁ ଉର୍ଦ୍ଧ୍ୱ ବୁଦ୍ଧଦେବଙ୍କ ଛୋଟ ବଡ ମସ୍ତକ ମଧ୍ୟ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଅଛି। ଏତଦ୍ ବ୍ୟତୀତ ଏକ ବିରାଟକାୟ ସିଂହମୂର୍ତ୍ତି ତଥା କୁବେର, ତାଙ୍କ ପତ୍ନୀ ହରିତି, ମାରିଚି, ଯମୁନା, ଗଙ୍ଗା, ମଂଜୁଶ୍ରୀ ସନାତନ ଧର୍ମସହ ସଂଯୁକ୍ତ ସୁଂଦର ସୁଂଦର ପ୍ରସ୍ତର ଖୋଦିତ ମୂର୍ତ୍ତିମାନ ସ୍ତମ୍ଭ, କାନ୍ଥ ଆଦିରେ ସ୍ଥାପିତ କରାଯାଇ ଉପାସନ ସ୍ଥଳମାନଙ୍କର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଥିଲା। ଅନେକ ସ୍ଥାନରେ ମଧ୍ୟ ଖୋଦିତ ଲେଖମାନ ମଧ୍ୟ ରହିଥିଲା। ଏହି ରତ୍ନଗିରି ମହାବିହାର ଥିଲା ବଜ୍ରଯାନ ପଦ୍ଧତିର ଉପାସନାପାଇଁ ଏକ ପ୍ରକୃଷ୍ଟ ସ୍ଥଳ।

ଏହିପରି ଆମ୍ଭେ ରତ୍ନଗିରି ଭ୍ରମଣ କରି ଯାହା ଅନୁମାନ କଲୁ ଯେ ରତ୍ନଗିରି କାରୁକାର୍ଯ୍ୟ, ସ୍ଥାପତ୍ୟ, ବିଶାଳତା ତଥା ପ୍ରାଧାନ୍ୟ ଦୃଷ୍ଟିକୋଣରୁ ପୁଷ୍ପଗିରିର ସମସ୍ତ ପରିସର ଅପେକ୍ଷା ଅଧିକ ଅଟେ। ପରିଦର୍ଶନରେ ତୃପ୍ତ ହୋଇ ରାତ୍ରରେ ବିଶ୍ରାମ କଲୁ। ରତ୍ନଗିରି ଆଦି ଚାରି ପରିସର ବିଷୟରେ ମୋ ମନକୁ ଯାହା ଆସିଲା ସଂକ୍ଷିପ୍ତରେ କବିତା ଆକାରରେ ଉପସ୍ଥାପନ କରୁଛି।

ନୁହଁଇ ଏକ ଗ୍ରାମ ନୁହେଁ ଏକ ନଗରୀ
ନୁହେଁ ଦେଶ ରାଜ୍ୟ ଜନପଦ
ଚାରି ଜନବସତି ଶିକ୍ଷାସ୍ଥଳ ମିଳନେ
ଗଢ଼ା ପୁଷ୍ପଗିରି ବିଦ୍ୟାପୀଠ ।।୧।।
ଲଳିତ ରତ୍ନ ଉଦୟ ଗିରି ଲାଙ୍ଗୁଡି ମଧ୍ୟେ
ସ୍ଥିତ ଏ ମହାବିଦ୍ୟାଳୟ ମାନ
ଅସଂଖ୍ୟ ଶିକ୍ଷାପ୍ରାର୍ଥୀ ଦେଶ ବିଦେଶୁ ଆସି
ପ୍ରାପ୍ତ ଉଚ୍ଚମାନ ବିଦ୍ୟାଧନ ।।୨।।
ବିଶ୍ୱବିଦ୍ୟାଳୟାଧୀନ ଏ ଶିକ୍ଷାସ୍ଥଳମାନ
ଦିଅନ୍ତି ଉଚ୍ଚଶିକ୍ଷା ବିଭିନ୍ନ
ସେମାନଙ୍କ ମଧ୍ୟରେ ବିନିମୟ ଭିତ୍ତିରେ
ହୁଏ ଶିକ୍ଷା ଆଦାନପ୍ରଦାନ ।।୩।।
ପ୍ରତ୍ୟେକରେ ବିଦ୍ୟାର୍ଥୀ ଅବସ୍ଥାନ ଉଦ୍ଦେଶ୍ୟେ
ଥିଲା ବାସସ୍ଥଳି ବ୍ୟବସ୍ଥିତ
ସଂଗେ ରହି ଶିକ୍ଷକ ବିତରନ୍ତି ସୁଶିକ୍ଷା
ଯତ୍ ସମ୍ଭବ ଦିବସ ରାତ୍ର ।।୪।।
ବିଦ୍ୟାର୍ଥୀଙ୍କ ପସନ୍ଦ ସ୍ୱତନ୍ତ୍ର ବିଷୟାବଳୀ
ବିଶଦେ ହୁଏ ତହିଁ ପଠନ
ତା'ସହ ପାଠଗାର ପରୀକ୍ଷାଗାର ଆଦି
ବଢାନ୍ତି ଶିକ୍ଷାର ଉଚ୍ଚମାନ ।।୫।।
ସର୍ବ କ୍ଷେତ୍ର ସଂଯୁକ୍ତ ମହାବିହାର ସ୍ତୁପ
କ୍ରୀଡାକ୍ଷେତ୍ର ମଠ ଓ ମନ୍ଦିର
ରହିଣ ଉନ୍ମୁକ୍ତ ସଦା କରନ୍ତି ଶିକ୍ଷାର୍ଥୀଙ୍କ
ବହିର୍ଜ୍ଞାନାଦିର ସୁବିସ୍ତାର ।।୬।।
ବର୍ଷସାରା ଶିକ୍ଷାର୍ଥୀ ସମ୍ମୁଖୀନ ମୂଲ୍ୟାୟନୁ
ଜ୍ଞାତ ହୁଏ ଜ୍ଞାନ ପରିମାଣ
ପ୍ରାପତ ବର୍ଷ ଶେଷେ ଉପାଧି ପ୍ରଶଂସାପତ୍ର
ଉଚ୍ଚ ଉତ୍ସବ ସମାବର୍ତ୍ତନ ।।୭।।

(ଲେଖକଙ୍କ କାବ୍ୟ କଲ୍ଲୋଳିନୀରୁ)

ଅତଃ ଏହିଠାରେ ଆମ୍ଭର ପୁଷ୍ପଗିରି ବିଶ୍ୱବିଦ୍ୟାପୀଠର ସମସ୍ତ ୪ ପରିସର ଭ୍ରମଣ ସମାପ୍ତ କରି ଯେଉଁ ଧାରଣା ପ୍ରାପ୍ତ ହେଲୁ, ତାହା ଆମ୍ଭର ପରବର୍ତ୍ତୀ ଜୀବନଯାତ୍ରାକୁ ସୁଗମ କରିଦେଲା। ସଖୀ ମଂଜୁଳିକା ଏ ସବୁ ପରିଦର୍ଶନରେ ବିଶେଷ ଆନଂଦ ପ୍ରକଟ କରି ଆମ୍ଭକୁ ଆଭାର ବ୍ୟକ୍ତ କରି ଚାଲିଲା ଓ ନଟଖଟି ସଖୀ ସୁହାସିନୀ ତାକୁ ହସରେ ଅଧିକରୁ ଅଧିକ ପ୍ରଶଂସା କରି ଆମ୍ଭର ପରିବେଶରେ ହାସ୍ୟରୋଳ ସୃଷ୍ଟି କରିଚାଲିଲା। ପରଦିନ ରହିଲା ଆଉ ଏକ ପ୍ରଧାନ କାର୍ଯ୍ୟକ୍ରମ। ଏହା ହେଲା ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ସହ ଔପଚାରିକ ତଥା କାର୍ଯ୍ୟଭିତ୍ତିକ ସାକ୍ଷାତ କରିବା। (ଏହା ଉଲ୍ଲେଖଯୋଗ୍ୟ ଯେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏହି ଚାରି ପରିସର ମଧ୍ୟରେ କାର୍ଯ୍ୟରତ ଥିବାର କୌଣସି ସଠିକ୍ ପ୍ରମାଣ ନାହିଁ। କିନ୍ତୁ ଅବସ୍ଥିତି ନିକଟବର୍ତ୍ତୀ ଥିବାରୁ, ଏ ସମସ୍ତ ବିଶ୍ୱବିଦ୍ୟାପୀଠର ଅଂଶ ବୋଲି ଅନେକ ଐତିହାସିକ ମତଜ୍ଞାପନ କରନ୍ତି । କେତେକଙ୍କ ମତରେ ଲାଙ୍ଗୁଡି ହିଁ ପୁଷ୍ପଗିରି ବିଶ୍ୱବିଦ୍ୟାଳୟଥିଲା। ଏ ସମସ୍ତ ପରିସର ଭଗ୍ନ ଅବସ୍ଥାରେ ବର୍ତ୍ତମାନ ବିଦ୍ୟମାନ। ସମସ୍ତ ଓଡ଼ିଆ ବୁଦ୍ଧିଜୀବୀ ଏହାକୁ ପରିଦର୍ଶନ କରିବାକୁ ମୋର ଅନୁରୋଧ । - ଲେଖକ)

(କ୍ରମଶଃ)

# ଯୁଦ୍ଧକାଳରେ ସାହିତ୍ୟର ବାର୍ତ୍ତା


ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ପୃଥିବୀରେ ଯୁଦ୍ଧର ବିଭୀଷିକା । ଋଷିଆ-ୟୁକ୍ରେନ୍ ପରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷର ଭୟାନକ ଦୃଶ୍ୟ । ଜେରୁଜେଲମ୍‌ର ସାମ୍ବାଦିକ ଓ 'ଥିଙ୍କ୍ ଟ୍ୟାଙ୍କ୍ ଇଣ୍ଟରନେସନାଲ୍ କ୍ରାଇସିସ୍ ଗ୍ରୁପ୍'ର ପ୍ରାକ୍ତନ ନିର୍ଦ୍ଦେଶକ ନାଥାନ୍ ଥ୍ରାଲ୍‌ଙ୍କର ସଦ୍ୟ ପ୍ରକାଶିତ ପୁସ୍ତକ 'ଏ ଡେ ଇନ୍ ଦି ଲାଇଫ୍ ଅଫ୍ ଆବେଦ୍ ସଲ୍‌ମା : ଆନାଟୋମି ଅଫ୍ ଏ ଜେରୁଜେଲମ୍ ଟ୍ରାଜେଡ଼ି'ରେ ଇସ୍ରାଏଲ-ପାଲେଷ୍ଟାଇନ୍ ସଂଘର୍ଷର ଜଟିଳତା ରୂପାୟିତ । ପୁସ୍ତକଟିରେ ଗୋଟେ ସ୍କୁଲ ବସ୍ ଦୁର୍ଘଟଣା ପରେ ଜଣେ ବାପା ଉନ୍ମତ୍ତ, ପାଗଳ ହୋଇ ତା'ର ପୁଅକୁ ଖୋଜୁଛି ।

ଇସ୍ରାଏଲ୍ ଓ ପାଲେଷ୍ଟାଇନ୍‌ର ଅଧିବାସୀମାନେ ଯେଉଁ ବ୍ୟବସ୍ଥାର ଅଧୀନ ହୋଇ ଅଛନ୍ତି, ସେଥିପ୍ରତି ଲେଖକ ନାଥାନ୍ ଥ୍ରାଲ୍ ସମଗ୍ର ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ଏପରି ଏକ ବ୍ୟବସ୍ଥା, ଯେଉଁଥିରେ ୭ନିୟୁତ ପାଲେଷ୍ଟିନୀୟ ଓ ୭ନିୟୁତ ଇସ୍ରାଏଲୀ ଜୀଉ ସମସ୍ତେ ଇସ୍ରାଏଲୀ ନିୟନ୍ତ୍ରଣରେ ବାସ କରୁଛନ୍ତି, ଯହିଁରେ ବହୁସଂଖ୍ୟକ ପାଲେଷ୍ଟିନୀୟଙ୍କର ମୌଳିକ ନାଗରିକ ଅଧିକାର ନାହିଁ । ସେହି ସମସ୍ୟାରୁ ସୃଷ୍ଟି ହୋଇଛି ଗାଜାରେ ବିପୁଳ ହିଂସା । ହିଂସାର ଉଦ୍‌ଗୀରଣ ପୂର୍ବରୁ ଯେପରି ଶାନ୍ତି ଥିଲା, ତା'ର ପୁନଃପ୍ରତିଷ୍ଠା ପାଇଁ ଆହ୍ୱାନ ଦେବା ହେଉଛି ସମସ୍ତଙ୍କର ସ୍ୱାଭାବିକ, ମୂଳ ପ୍ରବୃତ୍ତି । କିନ୍ତୁ ହିଂସା ପୂର୍ବର ଯେଉଁ ବ୍ୟବସ୍ଥା, ତାହାହିଁ ହିଂସା-ଉଦ୍‌ଗୀରଣର ମୂଳ କାରଣ, ସେହି ବ୍ୟବସ୍ଥା ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରନ୍ତି ଲେଖକ ନାଥାନ୍ ଥ୍ରାଲ୍ । ସେ ଗୋଟେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରନ୍ତି, କ'ଣ ପାଇଁ ନିୟୁତ ନିୟୁତ ଲୋକଙ୍କର ସ୍ୱାଧୀନତାକୁ ଅସ୍ୱୀକାର କରାଯାଉଛି ? ଏହି ଭୀଷଣ ଭୟଙ୍କର ରକ୍ତପାତକୁ ବନ୍ଦ କରିବାକୁ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଆମେ କ'ଣ କରିପାରିବା? ଆବେଦ୍ ସଲ୍‌ମା ଚରିତ୍ର ଜରିଆରେ ଗାଜାବାସୀଙ୍କ ଜୀବନ କାହାଣୀ, ସେମାନଙ୍କ ପାରିବାରିକ ଇତିହାସ ଉପସ୍ଥାପନ କରି ଲେଖକ ଆମକୁ ଇସ୍ରାଏଲ-ପାଲେଷ୍ଟାଇନ୍‌ର ସମଗ୍ର କାହାଣୀକୁ ଆନ୍ତରିକ ରୂପରେ ଅନୁଭବ କରାଇବାର ଇଚ୍ଛା କରିଛନ୍ତି । ଇସ୍ରାଏଲ୍-ପାଲେଷ୍ଟାଇନ୍‌ରେ ଥିବା ବ୍ୟବସ୍ଥାଟି ଖୁବ୍ ନିର୍ଦ୍ଦୟ, କ୍ରୂର, ଯେଉଁ ବ୍ୟବସ୍ଥାଟି ନୀତିଗତ ନିର୍ଣ୍ଣୟଗୁଡ଼ିକର ଫଳ । ପାଲେଷ୍ଟିନୀୟମାନଙ୍କ ସଂଖ୍ୟା ହ୍ରାସ କରିବା ଓ ଜୀଉମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଇସ୍ରାଏଲ୍ ଏକ ନୀତିଗତ ଲକ୍ଷ୍ୟ ଧାର୍ଯ୍ୟ କରିଛି, ଯେଉଁଥିପାଇଁ ଗୋଟେ ୨୬ଫୁଟ୍ ଉଚ୍ଚର କଂକ୍ରିଟ୍ କାନ୍ଥ ନିର୍ମିତ ହୋଇଛି ଓ ଅପର ପାର୍ଶ୍ୱରେ ଥିବା ଲୋକମାନେ ଘୋର ଅବହେଳାରେ ବାସ କରୁଛନ୍ତି ।

ଲେଖକ ସେହି ବ୍ୟକ୍ତିମାନଙ୍କୁ ଦୋଷ ଦେଇନାହାନ୍ତି, ଯେଉଁମାନେ ଏ ବ୍ୟବସ୍ଥା ଭିତରେ ଫସିଯାଇଛନ୍ତି, ଉଭୟ ଜୀଉ ଓ ପାଲେଷ୍ଟିନୀୟମାନେ, ଯେହେତୁ ବ୍ୟବସ୍ଥାଟି ସେପରି ବାଟରେ ସୃଷ୍ଟି ହୋଇଛି । ପୁସ୍ତକରେ ବର୍ଣ୍ଣିତ ସ୍କୁଲ୍ ବସ୍ ଦୁର୍ଘଟଣା (ଏକ କାଳ୍ପନିକ ଘଟଣା)ରେ କିଛି ଅବହେଳିତ ଶିଶୁ ପ୍ରାଣ ହରାଇଛନ୍ତି । ଉଭୟ ଜୀଉ ଓ ପାଲେଷ୍ଟିନୀୟମାନଙ୍କର ଅମାନବୀକରଣର ଅନୁଭୂତି ହୋଇଛି, ସେମାନେ ହିଂସା ଓ ନିର୍ଦ୍ଦୟତା, ନିଷ୍ଠୁରତାର କ୍ଷତ ଭୋଗିଛନ୍ତି । ଲେଖକ ଗୋଟେ କାହାଣୀ କହୁଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ବସ୍‌ରେ ଥିବା ଶିଶୁବିହାର ବା ବାଲ୍‌ବିହାରର ନିରୀହ ଶିଶୁମାନଙ୍କର ମୃତ୍ୟୁ ପରେ କିଛି ଇସ୍ରାଏଲୀ ଯୁବକ ଅନ୍‌ଲାଇନ୍ ପୋଷ୍ଟ୍ ଜରିଆରେ ଉତ୍ସବ ମନାଉଛନ୍ତି ଏବଂ ଏତଦ୍ଦ୍ୱାରା ଜଣେ ଉଦାରବାଦୀ ଇସ୍ରାଏଲୀ ଟିଭି ନ୍ୟୁଜ୍ ଆଙ୍କର୍ ଏତେ ଭୟାତୁର ହୋଇଛନ୍ତି ଯେ ସେ ଗୋଟେ ଟିଭି ଫିଚର୍ ସୃଷ୍ଟି କରି ନିଜ ସମାଜର ଲୋକମାନଙ୍କୁ ଆତ୍ମନିରୀକ୍ଷଣ, ଆତ୍ମସମୀକ୍ଷାର ମାର୍ଗଦର୍ଶନ କରିଛନ୍ତି। ଉଭୟ ପାଲେଷ୍ଟିନୀୟ ଓ ଇସ୍ରାଏଲୀମାନେ ଅମାନବୀକରଣର ଗଭୀର କ୍ଷତ ଭୋଗୁଛନ୍ତି । ଲେଖକ ନାଥାନ୍ ଥ୍ରାଲ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ ୨୦୨୩ବର୍ଷ ଅକ୍ଟୋବର ୭ତାରିଖର ଆକ୍ରମଣ ନିଶ୍ଚିତ ନିନ୍ଦନୀୟ । କିନ୍ତୁ ଆମକୁ ମଧ୍ୟ ଖାଦ୍ୟ, ପାନୀୟ, ବିଜୁଳିରୁ ବଞ୍ଚିତ ହୋଇ ରହିଥିବା ଗାଜାର ନିୟୁତ ନିୟୁତ ଲୋକ ଭୋଗୁଥିବା ସାମୂହିକ ଦଣ୍ଡ ଏବଂ ଆଜିଯାଏ ରହିଥିବା ଏକ ଘୋର ଅନ୍ୟାୟୀ ବ୍ୟବସ୍ଥାକୁ ନିନ୍ଦା କରିବାକୁ ହେବ ।

ଇସ୍ରାଏଲ-ସାଉଦି ଶାନ୍ତି ଆଲୋଚନା ଦ୍ୱାରା ପାଲେଷ୍ଟିନୀୟମାନେ ଅନୁଭବ କରୁଛନ୍ତି ଯେ ସେମାନଙ୍କର ପରିସ୍ଥିତି ଅତ୍ୟନ୍ତ ନିରାଶାଜନକ ଏବଂ ସେମାନେ ପୂର୍ଣ୍ଣତଃ ପରିତ୍ୟକ୍ତ ହୋଇଛନ୍ତି । ଯେଉଁ ଆରବରାଷ୍ଟ୍ରଗୁଡ଼ିକୁ ସେମାନେ ସେମାନଙ୍କର ସ୍ୱାଭାବିକ, ନିକଟ ଓ ଦୀର୍ଘଦିନର ମିତ୍ର ବୋଲି ଭାବିଥିଲେ, ସେହି ରାଷ୍ଟ୍ରଗୁଡ଼ିକ ଗୋଟିକ ପରେ ଗୋଟିଏ ସେମାନଙ୍କୁ ପରିତ୍ୟାଗ କରିଛନ୍ତି ଓ ଇସ୍ରାଏଲ୍, ଆମେରିକା ସହିତ ନିକଟ ସମ୍ବନ୍ଧ ସ୍ଥାପନ କରିଛନ୍ତି । ପାଲେଷ୍ଟିନୀୟମାନଙ୍କର ଏହି ନିରାଶା ଅତ୍ୟନ୍ତ ଭୟାନକ । ଲେଖକ ନାଥାନ୍ ଥ୍ରାଲ୍ ତାଙ୍କ ପୁସ୍ତକରେ ଓ ସାକ୍ଷାତ୍‌କାରରେ ଏକ ଘୋର ଅନ୍ୟାୟୀ ବ୍ୟବସ୍ଥାକୁ ନିନ୍ଦା କରିବା ସହିତ ଯୁଦ୍ଧରେ ପ୍ରଭାବିତ, କ୍ଷତିଗ୍ରସ୍ତ, ନିରୀହ ଲୋକଙ୍କ ପ୍ରତି ଅଜସ୍ର ସମବେଦନା ପ୍ରକଟ କରିଛନ୍ତି ।

୨୦୨୩ ବର୍ଷରେ ନିଜର ୮୯ତମ ଜନ୍ମଦିନ ପାଳନ କରିଥିବା ଲେଖକ ରସ୍କିନ୍ ବଣ୍ଡ୍ ଜନ୍ମଦିନ ଉପଲକ୍ଷେ ପ୍ରକାଶ କରିଛନ୍ତି ବହିଟିଏ 'ଦି ଗୋଲ୍‌ଡେନ୍ ଇଅର୍ସ୍ - ଦି ମେନି ଜଏଜ୍ ଅଫ୍ ଲିଭିଂ ଏ ଗୁଡ୍ ଲଙ୍ଗ୍ ଲାଇଫ୍' । ଲାଣ୍ଡରସ୍ଥିତ ବାସଭବନରେ ରସ୍କିନ୍ ବଣ୍ଡ୍ ଏବେ ପଢ଼ାଲେଖାରେ ସମୟ ଅତିବାହିତ କରୁଛନ୍ତି । ୨୦୨୩ ବର୍ଷରେ ଏକ ସାକ୍ଷାତ୍‌କାରରେ ସେ ଯାହା କହିଛନ୍ତି, ସେଥିରେ ଅନେକ ବ୍ୟକ୍ତିଗତ ଅନୁଭବ ସହିତ ଯୁଦ୍ଧ ସଂକ୍ରାନ୍ତ ଅନୁଭବ ରହିଛି, ତା'ର ସାରମର୍ମ ଏହିଭଳି ହେବ - '୮୯ ବର୍ଷ ବୟସରେ ବେଶି ବୃଦ୍ଧ ଅନୁଭବ କରୁନାହିଁ । ମୋର ଲେଖାଲେଖି ବେଳେବେଳେ ମୋତେ କ୍ଲାନ୍ତ କରୁଛି, ଯାହା ମୁଁ ଅନୁଭବ କରୁନଥିଲି ଯେତେବେଳେ ଯୁବକ ଥିଲି । ବେଳେବେଳେ ଯନ୍ତ୍ରଣାର ଦଂଶନ ଅଛି । ଅବଶ୍ୟ ଯେତେବେଳେ ଦର୍ପଣରେ ଚାହେଁ, ଦେଖେ ମୋର ଦୁଇଟା ଦାନ୍ତ ଗଳିପଡ଼ିଛି, ଚିବୁକରେ ଶିଥିଳତା ଆସିଛି, କିନ୍ତୁ ମାନସିକ ସ୍ତରରେ ମୁଁ ଏବେ ସେମିତି ଅଛି ଯାହା ଥିଲି ୨୯, ୧୯ ବା ୯ବର୍ଷ ବୟସରେ । ଏବେ ମୋତେ ୮୯, ଯଥୋଚିତ ଭାବରେ ସୁଖୀ ମଣିଷଟିଏ ମୁଁ, ମୋର ବଡ଼ ଦୁଃଖ ନାହିଁ, ମୁଁ କଠିନ ଶ୍ରମ କରେ, ଏବଂ ତାହାହିଁ ଗୁରୁତ୍ୱପୂର୍ଣ୍ଣ । କାମ କରିଚାଲ ଯାହା ତୁମେ ସର୍ଜନଶୀଳ ଭାବରେ କରୁଛ। ଯେଉଁଦିନ କାମକରିବା ବନ୍ଦ କରିଦେବ, ତୁମର ବଞ୍ଚିବା ବନ୍ଦ ହୋଇଯିବ । ଭବିଷ୍ୟତ ସମ୍ବନ୍ଧରେ କହିଲେ, ଜୀବନ ଅନିଶ୍ଚିତତାରେ ଭରା । ଦୂର ଭବିଷ୍ୟତ ସମ୍ବନ୍ଧରେ ଅଧିକ ଚିନ୍ତା ନକରି 'ଆସନ୍ତାକାଲି ମୁଁ କ'ଣ କରିପାରିବି' ଏଇ ଅଭିବୃତ୍ତି ବା ମନୋଦୃଷ୍ଟି ନେଇ ମୁଁ ବଞ୍ଚେଁ । ମୁଁ ଜଣେ ଖୁବ୍ ଆଧ୍ୟାତ୍ମିକ ବ୍ୟକ୍ତି ନୁହେଁ, ଜଣେ ଦାର୍ଶନିକ ବ୍ୟକ୍ତି । କିନ୍ତୁ ମୁଁ ଆଧ୍ୟାତ୍ମିକ ଏଇ ଭାବରେ ଯେ ମୁଁ ବହିଃପ୍ରକୃତିର ନିକଟରେ ଅଛି, ବହିଃପ୍ରକୃତିର ପବିତ୍ରତା, ଶୁଚିତା, ଶୁଦ୍ଧିରେ ମୁଁ ବିଶ୍ୱାସ କରେ - ଚଢ଼େଇ, ଗଛ, ଫୁଲ, ଝରଣା - ସମସ୍ତ, ଯାହାର ବୃଦ୍ଧି ଅଛି । ନିତିଦିନ ସକାଳେ ମୁଁ ଗୋଡ଼ ଛନ୍ଦି ଧ୍ୟାନ କରେ ନାହିଁ । ମୁଁ ଗୋଟେ ଫୁଲକୁ ଚାହେଁ ଓ ମନନ, ଚିନ୍ତନ, ବିଚାର କରେ । ପ୍ରାକୃତିକ ଜଗତ ଆମକୁ ତିଆରି କରିଛି । ତୁମେ କହିପାର ମୁଁ ଧ୍ୟାନ ନକରି ମନନ, ଚିନ୍ତନ କରେ । ବହି ମୋତେ ସୁଖୀ କରେ । ପକ୍ଷୀର ମଧୁର ଧ୍ୱନି ମୋତେ ସୁଖୀ କରେ । ମାନବୀୟ ସମ୍ପର୍କ ମୋତେ ସୁଖୀ କରେ । ମୋର ଅଧିକ ସାଙ୍ଗସାଥୀ ନାହାନ୍ତି, କିନ୍ତୁ ଯେଉଁ କେତେକ ଅଛନ୍ତି, ମୋତେ ସୁଖୀ କରନ୍ତି, ମୋର ପରିବାର ମୋତେ ସୁଖୀ କରେ । ମାନବୀୟ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ । ଜଣେ ପ୍ରତିଦିନ କିଛି କିଛି ଲେଖାଲେଖି କରିବା କଥା, କିନ୍ତୁ ପଢ଼ାପଢ଼ି ମୋତେ ସୁଖୀ କରେ । ବେଳେବେଳେ ମୁଁ ବହିପଢ଼ା ବନ୍ଦ କରି ଲେଖା ଆରମ୍ଭ କରେ ନାହିଁ । ପ୍ରଥମେ ମୁଁ ପାଠକ, ଦ୍ୱିତୀୟରେ ଲେଖକ । ଲୋକମାନେ ମୋତେ ସୁଖୀ କରନ୍ତି, ମୁଁ ବେଳେବେଳେ ଲୋକମାନଙ୍କୁ ସୁଖୀ କରିବାକୁ ଚେଷ୍ଟା କରେ । ପୃଥିବୀକୁ ସେପରି ଚାହିଁ ଯେପରି ତାହା ଏବେ ସୃଷ୍ଟି ହୋଇଛି, ଆତ୍ମା, ପ୍ରାଣ, ଭାବର ନୂତନତ୍ୱ ନେଇ ଏହାକୁ ଦେଖ । ପ୍ରତିଦିନ ଗୋଟେ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଅନେକ କିଛି ଆବିଷ୍କାର କରିବାର ଅଛି । ମୁଁ ଜଣେ ଗ୍ରନ୍ଥକୀଟ, ପ୍ରତି ସପ୍ତାହରେ ୩/୪ଟି ବହି ପଢ଼େ । ଡିଟେକ୍ଟିଭ୍ ଉପନ୍ୟାସ, ସୁ-ଲିଖିତ ଆତ୍ମଚରିତ, ଇତିହାସ ବହି ପଢ଼ିବାକୁ ଭଲପାଏ। ଜଣେ ବହୁତ ନପଢ଼ି କିପରି ଭଲ ଲେଖକ ହୋଇପାରିବ, ମୁଁ ଭାବିପାରୁନାହିଁ । ମୁଁ ଟେକ୍‌ନୋଲୋଜି-ନିରକ୍ଷର ବା ଅନ୍‌ପଢ଼୍ । ମୋର ମୋବାଇଲ୍ ବା ଲ୍ୟାପଟପ୍ ନାହିଁ । ଲେଖାଲେଖି କରିବାକୁ ମୁଁ ସେହି ଆଶ୍ଚର୍ଯ୍ୟଜନକ ଉଦ୍‌ଭାବନ, ବଲ୍‌ପଏଣ୍ଟ କଲମ୍ ବ୍ୟବହାର କରେ । ମୁଁ ଟେକ୍ନୋଲୋଜି ବିରୋଧୀ ନୁହଁ, କିନ୍ତୁ ମୁଁ ତା'ର କ୍ରୀତଦାସ ନୁହଁ । ମୁଁ ଜାଣେ ଲେଖକମାନଙ୍କର ବଡ଼ ଅହଂକାର ଥାଏ, ତେଣୁ ମୋର ଅହଂକୁ ନିୟନ୍ତ୍ରଣ କରିବାକୁ ମୁଁ ଚେଷ୍ଟାକରେ । ବିନା କାରଣରେ ଯୁଦ୍ଧ କରିବାକୁ ମଣିଷର ଇଚ୍ଛା ମୋତେ ସବୁଠୁ ବେଶି ଉଦାସ କରେ । କ୍ଷୁଦ୍ର, ମାମୁଲି, ନଗଣ୍ୟ କାରଣ ପାଇଁ ମଣିଷମାନେ ପରସ୍ପରକୁ ହତ୍ୟା କରିବାକୁ ଇଚ୍ଛା କରୁଥିବାର ଦୃଶ୍ୟ ମୋତେ ଉଦାସ କରେ । କେତେକ ମାନବୀୟ ବିଶେଷତା ବା ଲକ୍ଷଣ ଯଥା ବୈରଭାବ, କୁଚକ୍ର, ଚୁଗୁଲି, ନିନ୍ଦା - ଏଗୁଡ଼ିକ ମାନବୀୟ ଲକ୍ଷଣ, ପାଶବୀୟ ନୁହେଁ - ମୋତେ ଉଦାସ କରେ । ପୃଥିବୀରେ ସବୁଠାରୁ ଭୟାନକ ଅସ୍ତ୍ର ହେଉଛି ଜିହ୍ୱା । ଜିହ୍ୱା ଶତ୍ରୁ ସୃଷ୍ଟି କରିପାରେ, ସଂଘର୍ଷ ଆଡ଼କୁ ବାଟ କଢ଼ାଇ ନେଇପାରେ, ଯୁଦ୍ଧ ଘଟାଇପାରେ । ଜିହ୍ୱା ପ୍ରତି ସତର୍କ ହୁଅ । ଆମେ ମନେରଖିବା ଆବଶ୍ୟକ ଯେ ସବୁ ଯୁଦ୍ଧ ଶେଷ ହେଲାପରେ ଗୋଟେ ପ୍ରଜାପତି ତଥାପି ସୁନ୍ଦର ଦେଖାଯିବ ।'

କି ଉପାଦେୟ କଥା ସତରେ ରସ୍କିନ୍ ବଣ୍ଡଙ୍କର ! ଯୁଦ୍ଧର ପୃଷ୍ଠଭୂମିରେ ଲେଖାହେଇଛି ଉଇଲିୟମ୍ ଗୋଲ୍‌ଡିଂଙ୍କ 'ଲର୍ଡ଼ ଅଫ୍ ଦି ଫ୍ଲାଇଜ୍', ଗାବ୍ରିଏଲ୍ ଗାର୍ସିଆ ମାର୍‌କ୍ୱେଜ୍‌ଙ୍କ 'ୱାନ୍ ହଣ୍ଡ୍ରେଡ୍ ଇଅର୍ସ୍ ଅଫ୍ ସଲିଟ୍ୟୁଡ୍', ଗୁଣ୍ଟର୍ ଗ୍ରାସ୍‌ଙ୍କ 'ର୍‍ୟାଟ୍' ଓ 'ଦି ଟିନ୍ ଡ୍ରମ୍' ଉପନ୍ୟାସଗୁଡ଼ିକ । ଏମିତି ଅସଂଖ୍ୟ ପୁସ୍ତକର ରଚନା ହୋଇଛି ଯୁଦ୍ଧ ଆଧାରରେ । ଯେମିତି ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷ ରୂପାୟିତ ହୋଇଛି ନାଥାନ୍ ଥ୍ରାଲ୍‌ଙ୍କର ସଦ୍ୟ ପ୍ରକାଶିତ ଉପନ୍ୟାସ 'ଏ ଡେ ଇନ୍ ଦି ଲାଇଫ୍ ଅଫ୍ ଆବେଦ୍ ସଲ୍‌ମା : ଆନାଟୋମି ଅଫ୍ ଏ ଜେରୁଜେଲମ୍ ଟ୍ରାଜେଡ଼ି'ରେ । ଯୁଦ୍ଧକାଳୀନ ବିଭୀଷିକାର ଦୃଶ୍ୟ ବର୍ଣ୍ଣିତ ହୋଇଛି ପୃଥିବୀର ସବୁ ଭାଷାର ସାହିତ୍ୟର ପୃଷ୍ଠାରେ, ଯାହାଦ୍ୱାରା ମାନବ-ଜାତି ସଚେତନ ହେଉ । ଯୁଗେ ଯୁଗେ ସାହିତ୍ୟ ପ୍ରଦତ୍ତ ଶାନ୍ତି, ମୈତ୍ରୀ ଓ ପ୍ରଗତିର ବାର୍ତ୍ତାକୁ ପ୍ରତିଟି ମାନବ ଗ୍ରହଣ କରୁ, ଯୁଦ୍ଧର ଅନ୍ତ ହେଉ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଝିଅ

*କବିତା ମହାନ୍ତି*



ପ୍ରସବ ବେଦନାରେ ଛଟପଟ ହେଉଥିବା ବେଳେ
ହଠାତ୍ ଛୁଆର କୁଆଁ କୁଆଁ ରାବ
ଉଭେଇ ଯାଇଥିଲା ସବୁ କଷ୍ଟ ତାର
ଅଧଚେତନ ଅବସ୍ଥାରେ ଶୁଣୁଥିଲା ସିଏ
କଥା ହେଉଥିଲେ ଶାଶୁ ନଣନ୍ଦ
ପ୍ରଥମ ଛୁଆଟା ପୁଅ ହୋଇଥିଲେ
କୁଳ ରକ୍ଷା ହୋଇଥାନ୍ତା
ହଁ, ଝିଅଟାଏ ତ !!

ପୁଣି ପର ବର୍ଷକୁ ଅନ୍ତଃସତ୍ତ୍ୱା
ଆଉ ଗୋଟେ ଝିଅ
ଶାଶୁ ନଣନ୍ଦ ଖାଲି ନୁହେଁ
ମୁହଁ ମୋଡ଼ି ଥିଲେ
ଆଉ ଜଣେ ଦୁଇ ଜଣ
ପୁଣି ଗୋଟାଏ ଝିଅ !!
ବଂଶ କଣ ଆଗକୁ ଯିବନି !!

କି ଦୋଷ ଥିଲା ତାର
କେଉଁ ପାପ କରିଥିଲେ ସେ ନିଷ୍ପାପ ଛୁଆ
ସମସ୍ତଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ
କୁଳ ରକ୍ଷା ନାଁରେ

ମାଆ ହେବାର ଆଉ ଏକ ଥର
ପୁଣି ଏକ କନ୍ୟା ସନ୍ତାନ
ଅଲୋଡ଼ା, ଅବାଞ୍ଛିତ, ଅଯାଚିତ
କଣ ନା, ସିଏ ଝିଅ !!

କେତେ ଲୁହ ପିଇ
କେତେ କୋହ ଛାତିରେ ଚପି
କେତେ ଗଞ୍ଜଣା ସହି
ତିନି ଝିଅଙ୍କୁ ବଢ଼ାଇଥିବା ମାଆ
ଦେଖୁଛି ଆଖି ଆଗରେ
ତାର ତିନି କନ୍ୟା ରତ୍ନଙ୍କୁ
ଅନେକ ପୁଅଙ୍କୁ ପଛରେ ପକାଇ
ସୃଷ୍ଟି କରିଛନ୍ତି ନିଜର ପରିଚୟ

ଠିଆ ହୋଇଛନ୍ତି ଢାଲ ପରି
ଚାରି ପଟରେ ମା'ର
ଆଉ ଆଜି !!

ଆଜି ଝିଅର ମାଆ ବୋଲି
ମୁଣ୍ଡ ତଳକୁ କରୁନି ମାଆ
ବରଂ ମୁଣ୍ଡ ଟେକି ଗର୍ବରେ କହୁଛି
ହଁ, ଏଇ ତିନି ରତ୍ନ ମୋ ରକ୍ତର ମାଂସର
ମୋତେ ମାଆ ବୋଲି ପରିଚୟ ଦେଇଥିବା ମୋ ଝିଅ ।

*ନିଗମାନନ୍ଦ ନଗର, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

## ବସନ୍ତର ଆଖି

*ନାରାୟଣ ପ୍ରସାଦ ରାଉଳ*

ଖୋଲିଲେ ତ ପୁଳକ
ଖେଳି ଯାଏ ଶିହରଣ
ଆପାଦ ମସ୍ତକ
ପହଁରିଯାଏ ଦିଗ୍‌ବଳୟ ଡେଇଁ
ଛୁଇଁଯାଏ ସ୍ୱପ୍ନ ହେଇ
ସବୁ ସନ ଠିକ୍ ଏଇ ସମୟରେ
ଡେଣାରେ ସବାର ହେଇ

ବାହୁଡ଼ା ବିହଙ୍ଗମ
ପ୍ରଶାନ୍ତ ଝଡ଼

ପରଦା ଛୁଇଁଯାଏ ଠାଣି
ମନ ଜାଣି
ଚୋରା ଚାହାଁଣୀ
ବୟସ ନ ପାରେ ଜାଣି
ପୃଥିବୀ ଛାତିରେ
ଖେଳେ ଆକାଶର ମଣି
ବିଭାବରୀ ଖୋଲିଲେ
ଓଢ଼ଣୀ
ଆଲିଙ୍ଗନ କରେ
ଯଉବନ ବେଣୀ

ସତେ ଯେମିତି ଲୋଡ଼ାଥାଏ
ମଲ୍ଲିର ବାସ୍ନା
ଚନ୍ଦ୍ରର ଜ୍ୟୋତ୍ସ୍ନା
ନୀଳ ନିସୀମ ଆକାଶର
ମୁକ୍ତ ବିହଙ୍ଗ ମନ
ସାଗର ଲହରୀ
ଛୁଇଁବାକୁ ଆସୁଥିବା
ନିଶ୍ଚିତ ବେଳାଭୂମି ମନ

ସତେଜ ହୁଏ ଶରୀର
ଫେରିଆସେ କାନ୍ତି
ଚାଦର ତଳେ ଢାଙ୍କିଥିବା
ଦେହର ମୁକ୍ତି
ଅପରାହ୍ଣ ବଗିଚାରେ
ପ୍ରଜାପତି ଭିଡ଼

ହଳଦୀ ଲେପିଛି ଦେହେ
କଉରବ ରାଣୀ
ଲୋଚନ ଖୋଲୁଚି
ପ୍ରୀତିର ପରଶ
ଅତର ଅନ୍ତର ଜିଣି
ଏଇ ପରି ଆସୁଥାଉ
ଋତୁରାଜ ଅନ୍ତକରି
ବନବାସ ବିରହ ରାଗିଣୀ ।

*କଷଣଅଣ୍ଟା, ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡ଼ା*

## ତୁ ବଡ଼ ଦେଉଳିଆ

*ସିଦ୍ଧାନ୍ତ ପ୍ରଧାନ*



ଯାଇଥିଲି ଥରେ ତୋ ବଡ଼ ଦେଉଳ
ତୋତେ ଟିକେ ଦେଖିବି ବୋଲି
ହେଲେ ଦୂରୁ ତୋତେ ଦେଖି ମନ ଭରିଲାନି
କହିଲି ମୁଁ ଆଉ କେବେ
ବହୁ ଦୁଃଖୀ ଦେଖି ତୋ ବଡ଼ ଦେଉଳେ
ତରଳି ଯାଏ ସେ ହୃଦୟ,
କିଏ ବା କି କରି ପାରିବ କହତୁ
ତୁନି ହୋଇ ବସି ଯାଇଛୁ ତୁ ଚକାନୟନ
ଦେଉଳ ଭିତରେ ବସି ମୁଁ ଭାବେ
ତୋତେ ଦେଖି ବସିଛୁ ତୁ,
କରୁଣ କଣ୍ଠରେ ଗାଉଥିଲେ ସେ
ସେ ଗୀତ ଶୁଣେ ମୁଁ
ଗୀତର ଭାବନା ଏମିତି ଲାଗଇ
ସତେ ପାଖରେ ଅଛୁ ତୁ,
ହେଲେ ଆଖି ଖୋଲି ଦେଖେ
ଭାବନା ରାଇଜେ ମୁଁ
ମନରେ ମୋର ଅନେକ ପ୍ରଶ୍ନ ଯେ
ତୋ ବଡ ଦେଉଳ ଦେଖି,
ହେଲେ କାହାକୁ ସେ ପ୍ରଶ୍ନ ପଚାରିପାରିବ
ସେ କଥା ବସି ମୁଁ ଭାବି
ମନ ତୋ ମନ୍ଦିରେ ଲାଖି ଯାଇଅଛି
ଆଉ ଥରେ ଯିବି କେବେ,
ତୋତେ ପାଖେ ପାଇ
ଦୁଃଖ ମୋର ଯିବ ସେବେ ।

## ଅଭୁଲା ସ୍ମୃତି

*ନଳିନୀ ଦାଶ*

ଛାତି ପକେଟରେ ସାଇତି ରଖିଛି
ତୁମେ ଦେଇଥିବା ଗୋଲାପ ଫୁଲ
ଏବେ ବି ସିନା ପ୍ରିୟା ଭୁଲିଗଲ ମୋତେ
ଏବେବି ତୁମକୁ ପାଉଛି ମୁଁ ଭଲ
ଆଉ କା ସବାରୀ ଚଢ଼ି ଚାଲିଗଲ
ମଥାରେ ନାଲିଆ ସିନ୍ଦୂର ନାଇ
ଏ ମନ କାନ୍ଦୁଛି ତୁମକୁ ଝୁରୁଛି
ଆଖି କୋଣେ ବହେ ଲୁହର ନଈ
ଅଳପ କଥାରେ ଅଭିମାନ କରି
ଯାଉଥିଲ ପରା ତୁମେ ତ ରୁଷି
ମିଠା କଥା ପଦେ କହି ଦେଉଥିଲେ
ମିଳି ଯାଉଥିଲା ଅଧରା ଖୁସି
ହୃଦୟରେ ନିଆଁ ଜାଳି ଦେଇ ଆଜି
କେଉଁ ଅଚିହ୍ନାରେ ଯାଇଛ ରହି
ହୃଦୟ କାନ୍ଦୁଛି ତୁମକୁ ଝୁରୁଛି
ଫେରି ଆସ ପ୍ରିୟା ସବୁତ ଭୁଲି
ମନ ଉପବନେ ଫୁଲ ଫୁଟାଇଲ
ମହକ ତାହାର ଯାଇନି ସରି
ଯୁଆଡ଼େ ରହୁଛି ତୁମକୁ ଦେଖୁଛି
ସପନରେ ଥରେ ଆସଗୋ ଫେରି
ତୁମ ହାତଲେଖା ପ୍ରଥମ ଚିଠିକୁ
ପୁରୁଣା ବାକ୍ସରେ ମୁଁ ସାଇତିଛି
ପ୍ରେମର ସନ୍ତକ ରଖିଛି ତୋ ପ୍ରିୟା
ଦେଇଥିଲ ମୋତେ ଅମାପ ଖୁସି
ଯେତେ ପଢୁଥିଲେ ନୂଆ ଲାଗୁଥାଏ
ସେ ଚିଠିରେ ତୁମ ମୁହଁଟି ଦିଶେ
ନିମିଷେ ମଉଳେ ସେ ଖୁସୀ ଟିକକ
ଅମାନିଆ ଲୁହ ଆଖିରୁ ଖସେ
ଏବେବି ରହୁଛି ତୁମର ପଥକୁ
ଫେରିଆସ ତୁମେ ନକରି ଡେରି
ମୋ ମନ ହୃଦୟ ତୁମକୁ ଖୋଜୁଛି
ଆସି ଥରେ ଦିଅ ଜୀବନ ଭରି ।

*ଭିକାରିପଡ଼ା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*



## ପ୍ରେମିକର ମୋହ

*ସିଦ୍ଧେଶ୍ୱର ତ୍ରିପାଠୀ*



କାହିଁକି ଏ ମନ ତୁମକୁ ଖୋଜୁଛି
ଝୁରୁଛି ସେ ବାରବାର

ହେଲେ ଏ ଜୀବନେ ତୁମରି ସାଥିରେ
ଭେଟ ହେବନାହିଁ ମୋର

ସେଇମିତି ସବୁ ବିରହ ବେଦନା
ଏ ସାରା ଜୀବନ ଥିବ
ଅତୀତର ସ୍ମୃତି ମୁଁ ମଲା ପରେ
ମୁଠାଏ ପାଉଁଶ ହେବ

ସେଇ ପାଉଁଶବି ସପନେ କହିବ
ହେବି ତୁମ ଗଳା ହାର
କାହିଁକି ଏ ମନ ତୁମକୁ ଖୋଜୁଛି
ଝୁରୁଛି ସେ ବାରବାର


ତୁମେ ବହୁ ଦୂରେ ନୂଆ ଇଲାକାରେ
ନୂଆ ସାଥିଟିଏ ପାଇ
ହେଲେ ମୁଁ ପୁରୁଣା ଦିନରେ ବଞ୍ଚିଛି
ମନ ବଦଳାଇ ନାହିଁ

କେବେ ଲିଭିବନି ଲିଭେଇ ହେବନି
ଏଇ ସେ ଛାତିର ଗାର
କାହିଁକି ଏ ମନ ତୁମକୁ ଖୋଜୁଛି
ଝୁରୁଛି ସେ ବାରବାର ।

*ଖୋର୍ଦ୍ଧା*

## ପାଇଛୁ... ପଢ଼ିଛୁ...

### ଏକାମ୍ର ଭାରତୀ




ହୀରକ ଜୟନ୍ତୀ ଉପଲକ୍ଷେ ପ୍ରକାଶ ପାଇଛି ୟୁନିଟ -୬ ଆଲୁମନି ଟ୍ରଷ୍ଟର ମୁଖପତ୍ର 'ଏକାମ୍ର ଭାରତୀ' । ସରକାରୀ ଉଚ୍ଚ ବିଦ୍ୟାଳୟ ୟୁନିଟ-୬ ର ହୀରକ ଜୟନ୍ତୀ ଉପଲକ୍ଷେ ପୁରାତନ ଛାତ୍ର/ଛାତ୍ରୀଙ୍କ ସ୍ମୃତିକୁ ସଜଳ କରିବା ପାଇଁ ପ୍ରକାଶ ପାଇଛି ଏହାର ମୁଖପତ୍ର 'ଏକାମ୍ର ଭାରତୀ' ଯେଉଁଥିରେ ଲେଖିବା ପାଇଁ ସମସ୍ତେ ଫେରିଯାଇଛନ୍ତି ନିଜ ନିଜ ସ୍କୁଲ ଦିନକୁ । ଏହି ପତ୍ରିକାର ଆରମ୍ଭରେ ରହିଛି ଆଲୁମନି ଟ୍ରଷ୍ଟ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଫଟୋସବୁ । ବର୍ଷର ବିଭିନ୍ନ ସମୟରେ ଆଲୁମନି ଟ୍ରଷ୍ଟ ଦ୍ୱାରା ସ୍କୁଲ ପିଲାମାନଙ୍କୁ ନେଇ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା ରଚନା ଲିଖନ, ସାହିତ୍ୟ ଲିଖନ, ସାଧାରଣ ଜ୍ଞାନ ପ୍ରତିଯୋଗିତା, ଝୋଟି ତଥା ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପୁରସ୍କୃତ କରାଯାଏ । ସୁନ୍ଦର ଭାବେ ସଂପାଦିତ ଏହି ପତ୍ରିକାଟି ପୁରାତନ ଏବଂ ବର୍ତ୍ତମାନ ପଢୁଥିବା ଛାତ୍ର/ଛାତ୍ରୀ ତଥା ପଢାଉଥିବା ଶିକ୍ଷକମାନଙ୍କ ଲେଖାକୁ ନେଇ ସମୃଦ୍ଧ ହୋଇଛି । ପୁରାତନ ଛାତ୍ର/ଛାତ୍ରୀମାନେ ନିଜ ପଢିବା ସମୟର ସୁନ୍ଦର ସ୍ମୃତିସବୁକୁ ମନେ ପକାଇ କବିତା, ଗଳ୍ପ ଏବଂ ପ୍ରବନ୍ଧରେ ତାହା ପ୍ରକାଶ କରିଛନ୍ତି । ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲିଖିତ ଏହି ପତ୍ରିକାଟିର ଲେଖାସବୁ ଖୁବ୍ ସୁନ୍ଦର ହୋଇଛି । ମନ କଥା ବଖାଣିବାରେ ପୁରାତନ ଛାତ୍ର/ଛାତ୍ରୀମାନେ ଆଦୌ ସଂକୋଚ କରିନାହାନ୍ତି । ପତ୍ରିକାଟିକୁ ସଂପାଦନା କରିଛନ୍ତି ବାବୁ ପ୍ରଣବ କୁମାର ପ୍ରଧାନ । ନିଜ ସଂପାଦକୀୟରେ ସେ ବିଦ୍ୟାଳୟର ସ୍ମୃତିକୁ ରୋମନ୍ଥନ କରିଛନ୍ତି । ସୁନ୍ଦର ପ୍ରଚ୍ଛଦ ସହ ପତ୍ରିକାଟି ଆକର୍ଷଣୀୟ ହୋଇପାରିଛି ।

### ଗପ ଚଢ଼େଇ



ପ୍ରକାଶ ପାଇଛି ଲୋପାମୁଦ୍ରା ପରିଡ଼ାଙ୍କର ପ୍ରଥମ ଗଳ୍ପ ସଂକଳନ 'ଗପ ଚଢ଼େଇ' । ବର୍ତ୍ତମାନ ସମୟର ପ୍ରତିଭାମୟୀ କଥାଶିଳ୍ପୀ ଲୋପାମୁଦ୍ରା ଖାଲି ଗପ ନୁହେଁ କବିତା, ପ୍ରବନ୍ଧ, ଭ୍ରମଣ କାହାଣୀ ଲେଖିବା ସହ ଚିତ୍ର ଅଙ୍କନରେ ମଧ୍ୟ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ଲୋପାମୁଦ୍ରାଙ୍କ ଗଳ୍ପରେ ରହିଥାଏ ଏପରି ଏକ ଆତ୍ମିକ ଆବେଦନ ଯାହା ପାଠକଙ୍କୁ ବାନ୍ଧି ରଖିପାରେ, ଆଗକୁ ପଢିବା ପାଇଁ ପ୍ରେରିତ କରିପାରେ । ଗଳ୍ପ ଲେଖିବାରେ ଲୋପାମୁଦ୍ରା ନିଶ୍ଚିତ ଭାବେ ଚାତୁରୀ । ଶବ୍ଦ ଏବଂ ବାକ୍ୟ ବ୍ୟବହାର କରିବାରେ ମଧ୍ୟ ସେ ଖୁବ୍ ସଜାଗ । କ୍ଷୁଦ୍ର ଗଳ୍ପର ଚରିତ୍ରମାନଙ୍କୁ କିପରି ଭାବରେ ମନାଇବାକୁ ପଡେ ତାହା ଲୋପାମୁଦ୍ରାଙ୍କୁ ବେଶ୍ ଜଣା । ଗଳ୍ପର ଚରିତ୍ରମାନଙ୍କ ସହ ସେ ଏକାତ୍ମ ହୋଇ ପାରୁଥିବାରୁ ତାଙ୍କ ଗଳ୍ପଗୁଡିକ ପାଠକଙ୍କୁ ଆଚ୍ଛନ୍ନ କରିଥାଏ । 'ଗପ ଚଢ଼େଇ' ସଂକଳନରେ ରହିଛି ସମୁଦାୟ ୨୮ଟି ଗପ । ଏହି ଗପଗୁଡ଼ିକ ହେଲା 'ଇଭ୍‌ର ମଟରଦାନା, ଆଲଜିମେରିଆ, ଅକର୍ମଣ୍ୟ, କଚ୍ଚି, ଶରଣାର୍ଥୀ, କଙ୍କଡ଼ା, ସାହାଜୀ ବୁଢ଼ୀ, ଓଡ଼ଶ, ହୁଡ୍, ଟିଓ, ପ୍ରତିପକ୍ଷ, ଅନ୍ଧ ପୁତୁଳି, ବିଶ୍ୱାସ, ଉପଲବ୍ଧି, ଇଣ୍ଟିରିୟର, ମୁଖା ପ୍ରମୁଖ । ସବୁ ଗୁଡ଼ିକ ପାଠକଙ୍କୁ ଛୁଇଁପାରିବ ବୋଲି ଆଶା କରାଯାଏ । ଅଭିମାନ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ସଂକଳନର ପୃଷ୍ଠା ସଂଖ୍ୟା ୧୬୦ ଏବଂ ମୂଲ୍ୟ ରହିଛି ୧୮୦ଟଙ୍କା ।

## ମହକ





ବିଷ୍ଣୁ ପ୍ରସାଦ ଦାସ

ଜୁନ୍ ମାସ ୨୪ ତାରିଖ ଶୁକ୍ରବାର ମେଘମୁକ୍ତ ଆକାଶରେ ଉଜ୍ଜ୍ୱଳ ସୂର୍ଯ୍ୟାଲୋକ ଆଜି ଶୋଭା ଦେବୀଙ୍କୁ ଖୁବ୍ ଆନନ୍ଦ ଦେଉଛି, ସକାଳୁ ଉଠି ନିଜ ନିତ୍ୟକର୍ମ ସାରି ଶୋଭା ଦେବୀ ଠାକୁର ପୂଜା କରିଦେଲେ । ସେ ଖୁବ୍ ଖୁସି ଏବଂ ଚଞ୍ଚଳ ଜଣା ପଡୁଛନ୍ତି । ତାର କାରଣ ଆଜି ତାଙ୍କ ଦୁଇ ଝିଅ ସହିତ ଜ୍ୱାଇଁ ନାତୁଣୀମାନେ ଆସୁଛନ୍ତି, ପୁଅ ବୋହୂ ନାତି ଆସନ୍ତା କାଲି ପହଞ୍ଚିବେ । କାରଣ ନାତିର କିଛି ଗୋଟିଏ ପରୀକ୍ଷା ଚାଲିଛି । ଅନେକ ଦିନ ପରେ ସେମାନଙ୍କ ସହିତ ଦେଖା ହେବ । ଅନେକ ହସ ଖୁସି ମଉଜ ମଜ୍‌ଲିସ୍ ଭିତରେ କିଛିଟା ଦିନ କଟିଯିବ । ତା'ପରେ ଯେଉଁ ନିଃସଙ୍ଗ ଜୀବନ ଥିଲା ତାକୁହିଁ ପାଥେୟ କରି ଜୀବନର ଶେଷ ସୂର୍ଯ୍ୟାସ୍ତକୁ ଅପେକ୍ଷା କରିବାକୁ ପଡିବ । ଏହାହିଁ ଜୀବନର ନିରାଟ ସତ୍ୟ ବୋଲି ଶୋଭା ଦେବୀ ଜାଣିଛନ୍ତି । ଶୋଭା ଦେବୀଙ୍କ ଘରେ କାର୍ଯ୍ୟ କରୁଥିବା ରାନ୍ଧୁଣିଆ ଆସି ପହଞ୍ଚି ଗଲା, ସେ ଶୋଭା ଦେବୀଙ୍କୁ ପଚାରିଲା- ମା' ଆଜି କଣ ରନ୍ଧା ହେବ କୁହ ? ଶୋଭା ଦେବୀ କହିଲେ- ମାଧବୀ ଫ୍ରିଜ୍‌ରେ ଚିକେନ୍ ଅଛି, ତୁ ଚିକେନ୍ କଷା, ପନିର ତରକାରୀ, ଭଲ ଡାଲି, ବାଇଗଣ ଭଜା, ବିଲାତି ଖଟା କରିଦେବୁ । ହଁ ଯେମିତି ୭/୮ ଜଣ ଖାଇବେ । ମାଧବୀ ପଚାରିଲା- ମା' ଆଜି ଭୋଜି ଅଛି ନା କଣ ? ନା'ରେ ଆଜି ପରା ମୋର ଝିଅ, ଜ୍ୱାଇଁ, ନାତୁଣୀମାନେ ଆସୁଛନ୍ତି । ମାଧବୀ କହିଲା- ହଉ ମା' ମୁଁ ସବୁ କରି ଦେଉଛି । ତୁମେ ଟିକେ ବିଶ୍ରାମ ନିଅ । ଶୋଭା ଦେବୀ ମାଧବୀକୁ ଚାହିଁ ଟିକେ ହସି କହିଲେ- ନାହିଁଲୋ ମା' ସତୁରି ବର୍ଷ ହେଲାଣି ମୋତେ ଏଥର ତ ପୁରା ବିଶ୍ରାମ ନେବା ସମୟ ହେଇଗଲା । ମାଧବୀର ଉତ୍ତର ଥିଲା- ମା' ତୁମେ ଏସବୁ ଅଶୁଭ କଥା କାହିଁକି କହୁଛ କହିଲ ? ମୁଁ ତୁମ ଝିଅ ପରି ତୁମ ଘରେ ପାଞ୍ଚ ବର୍ଷ ହେଲା କାମ କରୁଛି, ତୁମେ ଚାଲିଗଲେ ମୋର କ'ଣ ହେବ ଜାଣିଛ ? ମା' ତୁମକୁ ମୋ' ରାଣ ତୁମେ ଏପରି କଥା ଆଉ କହିବ ନାହିଁ' । ହଉ ହେଲା ତୁ ଏବେ ଶୀଘ୍ର କାମ କର । ସେମାନେ ବାରଟା ବେଳେ ଆସି ପହଞ୍ଚିବେ । ମାଧବୀ ତାର କାମ ସାରିଦେଇ ଚାଲିଗଲା ପୁଣି ଉପରବେଳା ଆସି ରାତି ପାଇଁ ରାନ୍ଧି ଦେବ ।

ଦିନ ୧୨ଟା ପାଖାପାଖି ଦୁଇଟି ଗାଡ଼ି ଆସି ଘର ସାମ୍ନାରେ ରହିଲା । ଜିନିଷପତ୍ର ଧରି ଦୁଇ ଝିଅ ଦୁଇ ଜ୍ୱାଇଁ ଏବଂ ଦୁଇ ନାତୁଣୀ ଘରେ ପ୍ରବେଶ କରି ଆଈଙ୍କୁ ପ୍ରଣାମ କରି କୁଣ୍ଢାଇ ପକାଇଲେ । ଶୋଭା ଦୁଇ ନାତୁଣୀକୁ ପାଇ ଏତେ ଆନନ୍ଦିତ ହୋଇଯାଇଥିଲେ ଯେ ତାଙ୍କ ଆଖିରୁ ଅନନ୍ଦାଶ୍ରୁ ବୋହି ଚାଲିଥିଲା । ସ୍ୱାଗତ ପର୍ବ ପରେ ସମସ୍ତେ ମିଶି ବାପା (ରୁଦ୍ର ବାବୁଙ୍କ) ରୁମ୍‌କୁ ଗଲେ, ପିଲାମାନେ ବାପାଙ୍କୁ ପ୍ରଣାମ କରି ତାଙ୍କର ଭଲମନ୍ଦ ବୁଝିଲେ । ନାତୁଣୀ ମାନଙ୍କୁ ଟିକେ ଆଦର କରି ଅଜା ତାଙ୍କର ପାଠ ପଢ଼ା ବିଷୟ ପଚାରିଲେ । ବଡ଼ ନାତୁଣୀ କୁନି କହିଲା- ଅଜା ମୁଁ ପ୍ଲସ୍ ଟୁ ବିଜ୍ଞାନ ନେଇ ନାରାୟଣ ଜୁନିଅର୍ କଲେଜ୍ ମୁମ୍ବାଇରେ ପଢୁଛି । ଆଗକୁ ମେଡିକାଲ୍ କଲେଜ୍‌ରେ ଆଡ଼ମିଶନ୍ ପାଇଁ ଚେଷ୍ଟା କରୁଛି । ଅଜା କହିଲେ ଠିକ୍ ଅଛି ମା' ତୋର ଚେଷ୍ଟା ନିଶ୍ଚିତ ସଫଳ ହେବ । ତୁ ଜଣେ ଭଲ ଡାକ୍ତର ହେବୁ । ଆରେ ନିରୁ ତୋ ଖବର କଣ ? ତୁ କଣ କିଛି ଖାଉ ନାହୁଁ ନା କ'ଣ ? ପବନ ବହିଲେ ତୁ ତ ଉଡ଼ିଯିବୁ ହା ହା ହା, ଅଜାଙ୍କ କଥା ଶୁଣି ନିରୁ ଟିକେ ରାଗିଯାଇ କହିଲା- ଅଜା ତୁମେ ଆଉ ହବନି । ସବୁବେଳେ ସେଇ କଥା । ଅଜା କହିଲେ ହଉ ହେଲା ମା' ଏଥର ତୋ କଥା ଟିକେ ଏଇ ବୁଢ଼ା ଅଜାକୁ କହ । ନିରୁ କହିଲା ଅଜା ତମେ ଜାଣିଛ ମୁଁ ନା ଆମ କ୍ଲାସ୍‌ରେ ଫାଷ୍ଟ ହେଉଛି । ବେଙ୍ଗାଲୁରୁର ବିଶପ କଟନ୍ ସ୍କୁଲ୍‌ରେ ଏବେ ସପ୍ତମ ଶ୍ରେଣୀରେ ପଢୁଛି । ଜାଣିଛ ଆମ ସ୍କୁଲ୍ ବହୁତ ପୁରୁଣା ଆଉ ବହୁତ ବଡ଼ । ସେଠାରୁ ବହୁତ ବଡ଼ ବଡ଼ ଲୋକମାନେ ପାସ୍ କରି ଯାଇଛନ୍ତି ଏବଂ ଦେଶର ବଡ଼ ବଡ଼ ସ୍ଥାନରେ ଅଛନ୍ତି । ଅଜା କହିଲେ ହଉ ମା' ତୁ ବି ବଡ଼ ହୋଇ ଜଣେ ବଡ଼ ମଣିଷ ହେବୁ । ଅଜା ମୁଁ ତ ଜଣେ ବିଜ୍ଞାନୀ ହେବି । ନାସା ଯିବି । ଅଜା କହିଲେ ଠିକ୍ ଅଛି ତୁମେମାନେ ମନଦେଇ ପାଠ ପଢ଼ । ନିଜର ଅଧ୍ୟବସାୟର ଫଳ ନିଶ୍ଚିତ ପାଇବ । ତେବେ ମନେରଖ ତୁମେମାନେ ଜଣେ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରିବ । ଋଷି ମଧ୍ୟ ଭଲ ପଢୁଛି ବୋଲି ମାମୁଁ ମାଇଁ କହୁଥିଲେ । ସେ ଟୋକା କାଲି ଆସି ପହଞ୍ଚିବ । ତାପରେ ତୁମ ତିନିଜଣଙ୍କ ପାଇଁ ଘର ଉଠିବ କି ପଡିବ । ଆଉ କିଛି ହସ ମଜା ସାରି ନାତୁଣୀ ମାନେ ଆଈଙ୍କ ପାଖକୁ ଆସିଗଲେ । ଆଈ ସେମାନଙ୍କୁ କିଛି ଜଳଖିଆ ଖାଇବାକୁ ଦେଲେ । ଦୁଇ ଭଉଣୀ ଆଈଙ୍କୁ ପଚାରିଲେ ମାମୁଁ, ମାଇଁ ଆଉ ଋଷି କେବେ ଆସିବେ ? ଶୋଭା ଦେବୀ କହିଲେ- ଋଷିର ଆଜି ପରୀକ୍ଷା ଅଛି । ସରିଲେ ସେମାନେ କାଲି ଆସିବେ । ଦୁଇ ଝିଅ ଜ୍ୱାଇଁଙ୍କ ପାଇଁ ଦୁଇଟି ଘର ପରିଷ୍କାର କରି ରଖାଯାଇଥିଲା । ସେମାନେ ସେଠାରେ ବିଶ୍ରାମ ନେଲେ । ଦୁଇ ନାତୁଣୀ ଆଈଙ୍କ ସହ ରହିବେ ବୋଲି ଜିଦ୍ ଧରିଲେ ।

ରୁଦ୍ର ବାବୁ ଏବେ ୭୯ ବର୍ଷର ବୃଦ୍ଧ । ବେଶି ଚାଲି ପାରନ୍ତି ନାହିଁ । ପ୍ରାୟ ୨୦ ବର୍ଷ ଧରି ମେରୁଦଣ୍ଡ ଜନିତ ଯନ୍ତ୍ରଣା ଭୋଗୁଛନ୍ତି । ବାଡ଼ିଟିଏ ଧରି ଶୌଚାଳୟ ଯିବା ବା କେତେବେଳେ କେମିତି ବାଲ୍‌କୋନୀକୁ ଯାଇ ଟିକେ ରାସ୍ତାରେ ଯାଉଥିବା ଗାଡ଼ି ମଟର ଦେଖିଥାନ୍ତି । ସେ ଭୀଷଣ ଗାଡି ସଉକିଆ ଲୋକ । ନିଜର ୨୩ ବର୍ଷର ପୁରୁଣା ଅଲ୍ଟୋ ଗାଡ଼ିଟିକୁ ମାସକୁ ଥରେ ଦୁଇଥର ନିଜେ ଷ୍ଟାର୍ଟ କରି ଗାଡିକୁ ଆଉଁସି ଦିଅନ୍ତି । ଏହା ତାଙ୍କର ଏକ ସ୍ମୃତି ଛଡା ଆଉ କିଛି ନୁହେଁ । ପୁଅ ଅନେକ ଥର ଗାଡି ବଦଳାଇବାକୁ ଜିଦ୍ କରି ଅକୃତକାର୍ଯ୍ୟ ହୋଇ ଏବେ ଆଉ କିଛି କହୁନାହିଁ । ବୟସର ଅପରାହ୍ନରେ ନିଜ ଅତୀତକୁ ରୋମନ୍ଥନ କରିବା ସହିତ ଜୀବନର ଧ୍ରୁବ ସତ୍ୟ ମୃତ୍ୟୁର ଶୀତଳ ପଦଧ୍ୱନୀକୁ ସ୍ୱାଗତ କରିବାକୁ ସେ ଅପେକ୍ଷା କରି ବସିଛନ୍ତି । ଜଞ୍ଜାଳମୟ ଜୀବନର ବିଭିନ୍ନ ସ୍ୱାଦକୁ ସେ ଅନୁଭବ କରିଛନ୍ତି, ଦୁଃଖର ପାହାଡ଼ ଅତିକ୍ରମ କରିବା ସହିତ ଆନନ୍ଦର ମହା ସମୁଦ୍ରରେ ଜୀବନର ଭରପୁର୍ ମଜା ନେଇଛନ୍ତି । ତାଙ୍କ ରୁମ୍‌ର କଣରେ ଗୋଟିଏ ପୁରୁଣା ଟେବୁଲ୍ ଉପରେ ୧୦ ବର୍ଷ ତଳେ କିଣା ହୋଇଥିବା କମ୍ପ୍ୟୁଟରଟିଏ ଥୁଆ ହୋଇଛି । ମନେହୁଏ ଅନେକ ଦିନ ହେଲା ବ୍ୟବହାର ହୋଇନାହିଁ । ଆଗରୁ ରୁଦ୍ର ବାବୁ ପ୍ରତିଦିନ ଦୁଇ ତିନି ଘଣ୍ଟା କମ୍ପ୍ୟୁଟର ବ୍ୟବହାର କରୁଥିଲେ । ପ୍ରାୟ ମାସକୁ ୧୫/୨୦ ଥର ତାଙ୍କ ଲେଖା ଛୋଟ ବଡ଼ ସମ୍ବାଦପତ୍ରର ସମ୍ପାଦକୀୟ ପୃଷ୍ଠା ମଣ୍ଡନ କରୁଥିଲା । ଅନେକ ଚିଠି, ଫୋନ୍ ମଧ୍ୟ ଆସୁଥିଲା । ଏବେ ସେ ସମୟ ଅତୀତ ହୋଇଯାଇଛି । ଅନେକ ଦେଶ ବିଦେଶ ଭ୍ରମଣ କରିଛନ୍ତି । ଦୁଇ ତିନୋଟି ପୁସ୍ତକ ମଧ୍ୟ ଲେଖି ପ୍ରକାଶ କରିଛନ୍ତି । ଏବେ ରୁଦ୍ର ବାବୁଙ୍କ ହାତ କି-ବୋର୍ଡ ଉପରେ ଚାଲିବାର ଶକ୍ତି ହରାଇଛି । ମସ୍ତିଷ୍କ ଲେଖନୀକୁ ରୂପ ଦେବା ପାଇଁ ପ୍ରାୟ ଅକ୍ଷମ, ଏକ ବାଳୁତ ସୁଲଭ ଅବସ୍ଥାରେ ଆଜି ରୁଦ୍ର ବାବୁ ପହଞ୍ଚି ଯାଇଛନ୍ତି । ଶରୀରର କଷ୍ଟ ଜନିତ ଚିଡଚିଡା ପ୍ରକୃତି ଟିକେ ବଢ଼ି ଯାଇଛି । ଶୋଭା ଦେବୀ ନିୟମିତ ରୁଦ୍ର ବାବୁଙ୍କୁ ଔଷଧ ଖୁଆଇ ଥାଆନ୍ତି । ପଚାଶ ବର୍ଷର ଜୀବନ ସାଥିକୁ ଦେଖିଲେ ରୁଦ୍ର ବାବୁ ଯେତେ ରାଗି ଥିଲେ ମଧ୍ୟ ଶାନ୍ତ ହୋଇଯାଆନ୍ତି ଆଉ ଶୋଭା ଦେବୀଙ୍କର ଏହା ଏକ ଦେହ ସୁହା କଥା ହୋଇଗଲାଣି । ଦୁହେଁ ଦୁଇ ଜଣଙ୍କ ବିନା ଘଡ଼ିଏ ରହିବା କଷ୍ଟକର ବ୍ୟାପାର ହୋଇଥାଏ । ଜୀବନର ଅନେକ ଘାତ ପ୍ରତିଘାତ, ଭୁଲ୍ ବୁଝାମଣାକୁ ଦୁହେଁ ଦୁହିଁଙ୍କ ମଧ୍ୟରେ ବାଣ୍ଟି ସମାଧାନ କରି ନିଜ ନିଜ ଭଲ ପାଇବାକୁ ଆହୁରି ସୁଦୃଢ଼ କରିପାରିଛନ୍ତି ।

ଶନିବାର ୨୫ ଜୁନ୍ ପୁଅ ବୋହୂ ଏବଂ ନାତି ଋଷି ହାଇଦ୍ରାବାଦ୍‌ରୁ ଦିନ ୧୧ଟା ସମୟରେ ଆସି ଘରେ ପହଞ୍ଚିଗଲେ । ଗତ ଦୁଇବର୍ଷ ହେଲା ପୁଅ ହାଇଦ୍ରାବାଦ୍ ଠାରେ ଗୋଟିଏ ବହୁ ରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ବେତନ ଭୋଗୀ କର୍ମଚାରୀ ଭାବେ ଯୋଗଦେଇ ସସ୍ତ୍ରୀକ ସେଠାରେ ରହୁଛି । ନାତି ଏବେ ହାଇଦ୍ରାବାଦ୍ ଡି.ଏ.ଭି ସ୍କୁଲ୍‌ର ୪ର୍ଥ ଶ୍ରେଣୀର ଛାତ୍ର । ବୋହୂ ଚାକିରୀ ଛାଡି ଏବେ ଋଷିର ଦେଖାଶୁଣା କରୁଛି । ଦୁଇଜଣ ଲୋକ ଆସି ଘର କାମ ରୋଷେଇ କରିଦେଇଯା'ନ୍ତି । ବୋହୂ ଟିକେ ସମୟ ପାଇଲେ ସମସ୍ତଙ୍କ ସହିତ ଫୋନ୍‌ରେ କଥା ବାର୍ତ୍ତା କରେ । ଶୋଭା ଏବଂ ରୁଦ୍ର ବାବୁ ନିଜ ପୈତୃକ କଟକ ଘରେ ରହିବାକୁ ପସନ୍ଦ କରନ୍ତି । କାରଣ ରୁଦ୍ର ବାବୁ ବେଶୀ ଚଲାବୁଲା କରିପାରନ୍ତିନାହିଁ । ଝିଅ ବା ପୁଅ ଘରକୁ ଯିବାକୁ ହେଲେ ଏୟାର୍‌ପୋର୍ଟ ପର୍ଯ୍ୟନ୍ତ ଟ୍ୟାକ୍ସି ତାପରେ ହୁଇଲ୍ ଚେୟାର୍‌ରେ ବିମାନ ଭିତରକୁ ଯିବା ବାହାରିବା ଏସବୁ ଶୋଭା ଦେବୀଙ୍କ ପକ୍ଷେ କଷ୍ଟ ଦାୟକ ହୁଏ । ତେଣୁ ସେମାନେ ପ୍ରାୟ ଯାନ୍ତିନାହିଁ । ପିଲାମାନେ ବର୍ଷକୁ ଥରେ ଦୁଇଥର ସମୟ ଦେଖି ଆସି ବୁଲିଯାନ୍ତି । ବାପା ମା'ଙ୍କର ଭଲ ମନ୍ଦ ବୁଝି ପୁନଶ୍ଚ ନିଜ କର୍ମସ୍ଥଳୀକୁ ଫେରିଯାଆନ୍ତି ।

ଆସନ୍ତା ୨୬ ଜୁନ୍ ବାପା ମା'ଙ୍କର ୫୦ତମ ବିବାହ ବାର୍ଷିକୀ ପାଇଁ ପରିବାରର ସମସ୍ତେ ଏକତ୍ରିତ ହୋଇଛନ୍ତି । ଖୁବ୍ ନିରାଡ଼ମ୍ବର ଭାବେ କିଛି ବନ୍ଧୁମାନଙ୍କୁ ନେଇ ବିବାହ ବାର୍ଷିକୀ ପାଳନ ହେବ । ଶୋଭା ଦେବୀ ଏବଂ ରୁଦ୍ର ବାବୁ ଏଥିରେ ସମ୍ମତ ନଥିଲେ । କିନ୍ତୁ ପରିବାରର ସମସ୍ତେ ଅନୁରୋଧ କରିବା ପରେ ରାଜି ହୋଇଛନ୍ତି । ନିର୍ଦ୍ଧାରିତ ଦିନ ସନ୍ଧ୍ୟା ସମୟରେ ପିଲାମାନେ ବାପା ମା'ଙ୍କୁ ବର କନ୍ୟା ପରି ସଜାଇ ଏକ ଦାମୀ ହୋଟେଲ୍‌କୁ ନେଇଗଲେ । ସେଠାରେ ସବୁ ପ୍ରକାର ଆୟୋଜନ ହୋଇଥିଲା । ଅନେକ ବନ୍ଧୁ ବାନ୍ଧବଙ୍କ ଗହଣରେ ପଣ୍ଡିତଙ୍କ ଦ୍ୱାରା ମନ୍ତ୍ର ପାଠ ସହିତ ପୂଜାର୍ଚ୍ଚନା ହୋଇଥିଲା । ତାପରେ ପାଶ୍ଚାତ୍ୟ ପରମ୍ପରା ସହିତ କେକ୍ କଟା, ସଙ୍ଗୀତ ନାଚର ଆୟୋଜନ ପରିବେଶକୁ ଆହୁରି ରଙ୍ଗୀନ କରିଦେଇଥିଲା । ନାତି ନାତୁଣୀ ମାନଙ୍କ ନାଚ ଶୋଭା ଦେବୀ ଓ ରୁଦ୍ର ବାବୁଙ୍କ ମନକୁ ଛୁଇଁ ଯାଉଥିଲା । ବନ୍ଧୁ ବାନ୍ଧବମାନେ ଶୁଭେଚ୍ଛା ଜଣାଇ କିଛି କିଛି ଉପହାର ଦେବା ସହିତ ସୁସ୍ୱାଦୁ ଭୋଜନର ଆନନ୍ଦ ନେଉଥିଲେ ।

ରାତ୍ରି ୧୧ଟା ବେଳକୁ ସମସ୍ତେ ଘରକୁ ଫେରିଆସି ଗପସପରେ ମାତିଥିଲେ । ରୁଦ୍ର ବାବୁ ତିନି ନାତି ନାତୁଣୀଙ୍କୁ ଆଦର କରିବା ସହିତ ଅନ୍ୟ ସମସ୍ତଙ୍କୁ ଶୁଭରାତ୍ରି ଜଣାଇ ନିଜ ବିଛଣାକୁ ଶୋଇବାକୁ ଚାଲିଯାଇଥିଲେ । ଶୋଭା ଦେବୀ ରୁଦ୍ର ବାବୁଙ୍କୁ ଔଷଧ ଦେଇ ପାଣି ପିଆଇ ପିଲାଙ୍କ ପାଖକୁ ଚାଲି ଆସିଥିଲେ । ସେଦିନ କାହାରି ଆଖିକୁ ନିଦ ଆସୁନଥିଲା । ସମସ୍ତେ ଗଳ୍ପରେ ବ୍ୟସ୍ତ । ନାତି ନାତୁଣୀ ତିନିଜଣ କିନ୍ତୁ ଶୋଭା ଦେବୀଙ୍କ ପାଖରେ ଗପ ଶୁଣିବାକୁ ଅଳି କରୁଛନ୍ତି । ଶୋଭା ଦେବୀ ଖଟ ଉପରେ ବସି ତିନିଜଣଙ୍କୁ ଗପ କହିବାକୁ ଲାଗିଲେ । ବଡ଼ ନାତୁଣୀର ଏକା ଜିଦ୍ ଯେ ଆଇ ତୁମେ ତୁମ ପିଲାବେଳ ଆଉ ଅଜାଙ୍କ ପିଲାବେଳ କଥା କୁହ । ଆରେ ଦୁଷ୍ଟ ଆମ ପିଲାବେଳ କଥା ଶୁଣି ତୁ କଣ ପାଇବୁ ? ନା ନା ତୁମେ କୁହ ଆମେ ଶୁଣିବୁ । ହଉ ଶୁଣ ପିଲାବେଳେ ଆମ ଦୁଇ ଜଣଙ୍କ ଘର ପାଖାପାଖି ଥିଲା । ତୋ ଅଜାଙ୍କ ମା' ଏବଂ ମୋ ମା' ଖୁବ୍ ଭଲ ସାଙ୍ଗ ଥିଲେ । ସଙ୍ଗାତ ବସିଥିଲେ । ଆମ ଦୁଇ ପରିବାରର ବନ୍ଧୁତା ଖୁବ୍ ଭଲ ଥିଲା । କାଳକ୍ରମେ ବାପାଙ୍କର ବ୍ରହ୍ମପୁର ବଦଳି ହୋଇଗଲା । ଆମେ ଘରଭଡ଼ା ଦେଇ ବ୍ରହ୍ମପୁର ଚାଲିଗଲୁ । ମୋର ଜନ୍ମ ବ୍ରହ୍ମପୁରରେ ହୋଇଛି । ଲେଖା ପଢା ମଧ୍ୟ ବ୍ରହ୍ମପୁରରେ । ବାପାଙ୍କ କାମ ଥିଲେ ମଝିରେ ମଝିରେ ଆମେ କଟକ ଆସୁ ମାଉସୀଙ୍କ ସହିତ ଦେଖା କରୁ ପୁଣି ଫେରି ଯାଉ । ଆମେ ସାତ ଭଉଣୀ ଏବଂ ଦୁଇ ଭାଇ ଥିଲୁ । ମୋର ଯେତେବେଳେ ପଞ୍ଚମ ଶ୍ରେଣୀ ହଠାତ୍ ଦିନେ ମା'ଙ୍କ ଦେହ ଖରାପ ହେଲା । ବାପା ମା'ଙ୍କୁ ମେଡିକାଲ ନେଇଗଲେ, ମୋ ମା' କିନ୍ତୁ ଆଉ ଜୀବନ ନେଇ ମେଡିକାଲ୍‌ରୁ ଫେରିଲେନି । ସେ ଏକ ଅଜଣା ରାଇଜକୁ ଚାଲିଗଲେ । ମୁଁ ଅନେକ ଲୁହ ଗଡାଇଛି, ଲୁହରେ ତକିଆ ଓଦା କରି ଦେଇଛି । ମା'ଙ୍କୁ ସ୍ୱପ୍ନରେ ଅନୁଭବ କରିଛି କିନ୍ତୁ ବାସ୍ତବରେ ସବୁ ଓଲଟା ହୋଇଛି । ମୋ ମା' ପରି ଆଉ କିଏ ହେବ ଯେ ? ଆମ ପରିବାରକୁ କିଏ ସାହା ହେବ ? ଅନେକ ଥର ଆକାଶକୁ ଚାହିଁ ମା'ଙ୍କୁ ଖୋଜେ । ଶୁଣିଥିଲି ମା' କୁଆଡେ ତାରା ହୋଇ ଆକାଶରେ ଚିକ୍ ମିକ୍ କରୁଛି । ଆମକୁ ହାତ ଠାରି ଡାକୁଛି ସେଇଟା ସେତେବେଳ ମୋର ମନର ଭ୍ରମ ଥିଲା । ସମୟ ଧିରେ ଧିରେ ଆଗକୁ ବଢ଼ି ଚାଲିଲା । ସେତେବେଳକୁ ମୋର ତିନି ଜଣ ବଡ ଭଉଣୀ ବାହା ହୋଇଯାଇଥିଲେ । ମୋ ଉପରେ ଦୁଇ ଭଉଣୀ ଏବଂ ମୋ ତଳେ ଗୋଟିଏ ଭଉଣୀ । ଦୁଇ ଭାଇ ବଡ ଥିଲେ । ଆମର ଭୁବନେଶ୍ୱର ବଦଳି ହୋଇଗଲା । ତାପରେ ବାପା ଚାକିରୀରୁ ଅବସର ନେଇ କଟକ ଘରକୁ ଚାଲି ଆସିଲେ । କଟକରେ ଚିହ୍ନା ପଡିଶା କହିଲେ ମାଉସୀ ଘର । ମାନେ ତମ ଅଜାଙ୍କ ଘର ଥିଲା । ବାପା ଅବସର ନେବାର ପ୍ରାୟ ଏକ ବର୍ଷ ପରେ ଉଚ୍ଚ ରକ୍ତଚାପ ତଥା ମଧୁମେହ ଜନିତ ରୋଗରେ ପୀଡ଼ିତ ହେଲେ । ସେହି ସମୟରେ ମୋର ବଡ଼ ଭଉଣୀ ଏବଂ ବଡ ଭାଇଙ୍କର ବିବାହ ମଧ୍ୟ ହୋଇଗଲା ।

କୁନି ପଚାରିଲା କୁହ ଆଇ ତାପରେ କ'ଣ ହେଲା ? ଶୋଭା ଟିକେ ରହିଯାଇ କହିଲେ, ଦିନେ ସ୍କୁଲ୍‌ରୁ ଆସି ଶୁଣିଲି ବାପା ମେଡ଼ିକାଲ୍ ଚିକିତ୍ସା ପାଇଁ ଯାଇଛନ୍ତି । ଦୁଇଥର ବାପାଙ୍କୁ ଦେଖିବାକୁ ମେଡ଼ିକାଲ୍ ଯାଇଥିଲି । ଅଗଷ୍ଟ ୧୭ ବାପା ବି ଆମକୁ ଭାଇ ଭାଉଜ ପାଖରେ ଛାଡ଼ି ମୋ ମା'ଙ୍କ ପାଖକୁ ଚାଲିଗଲେ । ସେଦିନ ମଧ୍ୟ ଅନେକ ଦୁଃଖକୁ ସାମ୍ନା କରିଥିଲି । ଜୀବନର ସଂଜ୍ଞାକୁ ବୁଝିବାର କ୍ଷମତା ମୋ ପାଖରେ ନଥିଲା । କେହି ସହାନୁଭୂତି ଜଣାଇନଥିଲେ କି ଲୁହ ଟିକେ ପୋଛି ଦେଇନଥିଲେ । କଥାରେ ଅଛି ବିଧିର ବିଧାନ କେ କରିବ ଆନ । ଜୀବନର ସବୁ ସ୍ନେହ ମମତା ଯେମିତି ଆମ ପାଖରୁ କିଏ ଛଡାଇ ନେଲା ପରି ମନେ ହେଲା । ଆମେ ତିନି ଭଉଣୀ ବାପା ମା' ଛେଉଣ୍ଡ ହୋଇଗଲୁ । ମୋ ପାଠ ପଢ଼ା ମାଟ୍ରିକ୍ ପାସ୍ ପରେ ବନ୍ଦ ହୋଇଗଲା । ଏମିତି ଯିବା ଆସିବା ଭିତରେ ତୋ ଅଜା ସହିତ ଏକ ସମ୍ପର୍କର ସୃଷ୍ଟି ଆଉ ତାପରେ କିଛି ବାଦ ବିବାଦ ପରେ ଖୁବ୍ ନିରାଡମ୍ବର ଭାବେ ମନ୍ଦିରରେ ବିବାହ ହୋଇଗଲା । ମୋର ବୟସ ସେତେବେଳ ଉଣେଇଶ ବର୍ଷ ହୋଇଥିଲା । ସତ କହିବାକୁ ଗଲେ ବିବାହର ମାନେ ମୁଁ କିଛି ଜାଣିନଥିଲି । ବାପା ମା' ନଥିବା ସ୍ନେହ କାଙ୍ଗାଳୀ ଝିଅଟିଏ ଯେଉଁଠି ଟିକିଏ ସ୍ନେହ ମମତା ପାଇଲା ସେ ଢଳି ଗଲା ପରି ମୁଁ ତୋ ଅଜାଙ୍କୁ ନିଜର କରିନେଲି । ମୋ ଶାଶୁ ଶ୍ୱଶୁରଙ୍କ ଠାରୁ ଅନାବିଳ ସ୍ନେହ ମମତା ପାଇଲି । ତିନି ବୋହୂଙ୍କ ମଧ୍ୟରୁ ମୋ ଶାଶୁ ମୋତେ ସବୁଠାରୁ ବେଶୀ ବିଶ୍ୱାସ କରୁଥିଲେ ଏବଂ ସ୍ନେହ ମମତା ଭିତରେ ବାନ୍ଧି ରଖିଥିଲେ । ତାଙ୍କ ନାଁଟି ସ୍ନେହ ଥିଲା ଆଉ ସତରେ ସେ ସ୍ନେହ ମମତାମୟୀ ଥିଲେ । ଆଜି ସେ ନାହାନ୍ତି ସତ ତଥାପି ମୁଁ ମୋର ମା' ବାପାଙ୍କ ପରି ତାଙ୍କୁ ମଧ୍ୟ ଝୁରୁଛି । ତାପରେ ତେଲ ଲୁଣର ସଂସାର, ପରିବାରର ଅନେକ ଦାୟିତ୍ୱ, ଅଜାଙ୍କ ଚାକିରୀର ବଦଳି, ପିଲାଙ୍କ ପାଠପଢା, ପିଲାଙ୍କ ଚାକିରୀ, ବାହାଘର ଇତ୍ୟାଦି ଦେଖୁ ଦେଖୁ ସମୟ ସହିତ ତାଳ ଦେଇ ଆଜି ଏଇଠି ପହଞ୍ଚି ଯାଇଛି । ପିଲାମାନେ ଏଥର ତୁମେମାନେ ଶୋଇବାକୁ ଯାଅ । ରାତି ୧୨ଟା ବାଜିଲାଣି । ଋଷି କେତେବେଳୁ ଶୋଇଗଲାଣି । ନିରୁ ଆଖିରେ ନିଦ ଭର୍ତ୍ତି । କୁନି କହିଲା- ହଉ ଆଇ, ଆସନ୍ତା କାଲି ତୁମେ ଯେମିତି ହେଲେ ଅଜାଙ୍କ କଥା କହିବ ଆଉ ଆମେ ଅଜାଙ୍କ ପିଲାବେଳ କଥା ଶୁଣିବା । ଶୁଭ ରାତ୍ରୀ ଜଣାଇ କୁନି, ନିରୁ ଚାଲିଗଲେ । ଋଷିକୁ ଶୋଭା ଦେବୀ ନେଇ ବିଛଣାରେ ଶୁଆଇ ଦେଲେ । ଜୀବନର କିଛି ସ୍ମୃତିକୁ ରୋମନ୍ଥନ କରି ଶୋଭା ଦେବୀ ଭାବୁଥିଲେ ଜୀବନଟା ସତେ କେତେ ବିଚିତ୍ର । ପୃଥିବୀ ଏକ ରଙ୍ଗମଞ୍ଚ ପରି ମନେ ହୁଏ ଆଉ ଆମେ ସବୁ ସେହି ରଙ୍ଗମଞ୍ଚର ଗୋଟିଏ ଗୋଟିଏ ଚରିତ୍ର ଏବଂ ନିର୍ଦ୍ଦେଶକ ସ୍ୱୟଂ ଭଗବାନ ।

## ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ୱାରିଅର୍ସ କ୍ରିକେଟ କ୍ଲବ୍



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆ ଠାରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଶୁକ୍ରବାର ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ୍ ୱାରିଅର୍ସ କ୍ରିକେଟ କ୍ଲବ୍ ଚନ୍ଦନପୁର ସହିତ ଆଇଡ଼ିଆଲ ୟୁଥ୍ କ୍ଲବ୍ ଲାଲବାଗ ଯାଜପୁର ମଧ୍ୟରେ ହୋଇଥିଲା । ଏଥିରେ ୱାରିଅର୍ସ କ୍ଲବ୍ ବିଜୟ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଆଇଡିଆଲ ୟୁଥ୍ କ୍ଲବ୍ ଟସ୍ ଜିତି ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା । ଦଳର ତାପସ ରାଉତରାୟ ୨୪ ରନ, ଜଗତ ଜିବୀନ ନାୟକ ୧୮ ରନ କରିଥିଲେ । ପ୍ରତିପକ୍ଷ ବୋଲର ସ୍ୱରାଜ ଚୌଧୁରୀ ୪ ଓଭରରେ ୩ ଉଇକେଟ, କାର୍ତ୍ତିକ ପତି ୪ ଓଭରରେ ୩ ଉଇକେଟ ନେଇଥିଲେ । ଜବାବରେ ୱାରିଅର୍ସ କ୍ରିକେଟ କ୍ଲବ୍ ୧୭.୨ ଓଭରରେ ୭ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ସେମି ଫାଇନାଲକୁ ପ୍ରବେଶ କରିଛି । ଦଳର ମନୋରଞ୍ଜନ ଦାସ ୫୧ ରନ, ସ୍ୱରାଜ ଚୌଧୁରୀ ୨୧ ରନ, ଏସ୍. ଅମନ କୁମାର୍ ୨୩ କରିଥିଲେ । ପ୍ରତିପକ୍ଷ ବୋଲର ସୟଦ ରକବି ୪ ଓଭର ୨ ଉଇକେଟ, ଦିବାକର ସାହୁ ୪ ଓଭର ୩ ଉଇକେଟ ନେଉଥିଲେ । ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ମନୋରଞ୍ଜନ ଦାସଙ୍କୁ ପୁରସ୍କୃତ କରାଯାଇଥିଲା । ଅମ୍ପାୟାର ଭାବେ ନରେନ୍ଦ୍ର ପଣ୍ଡା ଓ ଅନିଲ ସାମଲ ଖେଳ ପରିଚାଳନା କରୁଥିଲେ । ସ୍କୋରାର ଥିଲେ ପ୍ରଦୀପ ଆନ୍ଦିଆ, ସତ୍ୟପ୍ରକାଶ ନାୟକ, ଧାରା ବିବରଣୀ ପ୍ରଦାନ କରିଥିଲେ । ଅଜୟ ସାହୁ, ସମୀର ସାହୁ, ଭୋଳାନାଥ ସାହୁ । ଏହି ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଖବରଦାତା ପ୍ରଦୀପ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ସାହୁ, ସଞ୍ଜୟ ମହାକୁଡ, କୃଷ୍ଣ ଚନ୍ଦ୍ର ପତି, ଧର୍ମପଦ ପତି, ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।

# ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ସବୁ ପ୍ରକାରର ପରୀକ୍ଷା କରିବାକୁ ଚାହୁଁଛନ୍ତି ରୋହିତ

**ନୂଆଦିଲ୍ଲୀ**



ଅଧିନାୟକ ରୋହିତ ଶର୍ମା କହିଛନ୍ତି ଯେ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ କିଛି ବିଶେଷ ହାସଲ କରିବାକୁ ଚେଷ୍ଟା କରୁନାହିଁ । କିନ୍ତୁ ଇଂଲଣ୍ଡ ବିପକ୍ଷ ପ୍ରଥମ ଏକଦିବସୀୟ ମ୍ୟାଚ୍ ପରି ଯଥାସମ୍ଭବ ସଠିକ୍ ପ୍ରଦର୍ଶନ କରିବାକୁ ଚାହୁଁଛି । ୨୪୯ ରନର ଏକ ସାଧାରଣ ଟାର୍ଗେଟକୁ ପିଛା କରି, ଭାରତ ୨୨୧ ରନରେ ୩ ୱିକେଟ ରୁ ୬ ୱିକେଟ ହରାଇ ୨୩୫ ରନ କରିଥିଲା । ଗୋଟିଏ ଛୋଟ ଭୁଲ ଛାଡ଼ିଦେଲେ, ଭାରତ ପ୍ରାୟ ନିଖୁଣ ପ୍ରଦର୍ଶନ କରିଥିଲା ଏବଂ ଚାରି ୱିକେଟରେ ବିଜୟ ସହିତ ସିରିଜ୍‌ରେ ୧-୦ ରେ ଅଗ୍ରଣୀ ହାସଲ କରିଥିଲା ।

ମ୍ୟାଚ୍ ପରେ ରୋହିତ କହିଥିଲେ, 'କିଛି ବିଶେଷ ନୁହେଁ ।' ସାମଗ୍ରିକ ଭାବରେ ଏକ ଦଳ ଭାବରେ, ମୁଁ କେବଳ ଚାହେଁ ଯେ ଆମେ ଯଥାସମ୍ଭବ ସଠିକ୍ କାମ କରୁଛୁ ତାହା ନିଶ୍ଚିତ କରିଚାଲିବା । ଆମେ ହାସଲ କରିବାକୁ ଚାହୁଁଥିବା ନିର୍ଦ୍ଦିଷ୍ଟ କିଛି ନାହିଁ । ଆମେ ବୋଲିଂ, ବ୍ୟାଟିଂ ଏବଂ ଏହି ଭଳି ଜିନିଷଗୁଡ଼ିକରେ ଯାହା ସମ୍ଭବ ତାହା କରିବାକୁ ଚାହୁଁଛୁ । ତେଣୁ, ଆମେ ତାହା କରିବାରେ ଅନେକାଂଶରେ ସଫଳ ହୋଇଥିଲୁ । ଯଦିଓ ମୁଁ ଅନୁଭବ କରିଥିଲି ଯେ ଶେଷରେ ଆମେ ସେହି ୱିକେଟ୍ ହରାଇବା ଉଚିତ୍ ନୁହେଁ ।

ସେ କହିଥିଲେ, 'ଖେଳାଳିମାନେ ବୋଲରମାନଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି ଏବଂ ଏପରି କରିବା ସମୟରେ ଏପରି ଜିନିଷ ଭୁଲ ହୋଇପାରେ ।' ଭାରତୀୟ ଅଧିନାୟକ କହିଛନ୍ତି ଯେ ପ୍ରାୟ ଛଅ ମାସ ପରେ ଦଳ ଏକଦିବସୀୟ ଖେଳୁଥିବାରୁ ସେ ଭାରତର ପ୍ରଦର୍ଶନରେ ସନ୍ତୁଷ୍ଟ । ରୋହିତ କହିଛନ୍ତି, 'ମୁଁ ବହୁତ ଖୁସି କାରଣ ଆମେ ସମସ୍ତେ ଜାଣିଥିଲୁ ଯେ ଆମେ ବହୁତ ଦିନ ପରେ ଏହି ଫର୍ମାଟରେ ଖେଳୁଛୁ, ତେଣୁ ଆମ ପାଇଁ ଯଥାଶୀଘ୍ର ପୁନର୍ବାର ଏକତ୍ରିତ ହେବା ଏବଂ କ'ଣ କରିବାକୁ ହେବ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଥିଲା ।'

ରୋହିତ କହିଥିଲେ, 'ଏହା ଟିକେ ଲମ୍ବା ଫର୍ମାଟ୍ ଯେଉଁଠାରେ ତୁମର ଖେଳକୁ ଫେରିବା ପାଇଁ ସମୟ ଅଛି ।' ଯେତେବେଳେ ମ୍ୟାଚ୍ ଆପଣଙ୍କଠାରୁ ଟିକିଏ ଦୂରେଇ ଯିବା ଆରମ୍ଭ କରେ, ତାହାର ଅର୍ଥ ନୁହେଁ ଯେ ଏହା ଆଗକୁ ବଢ଼ିବ । ତୁମକୁ ଫେରିବାକୁ ଚେଷ୍ଟା କରିବାକୁ ପଡିବ ଏବଂ ଆମେ ଠିକ୍ ସେହିପରି କରିଛୁ । ସେ କହିଥିଲେ, 'ଏହି ଶ୍ରେୟ ସମସ୍ତ ବୋଲରଙ୍କୁ ଯାଏ, ସମସ୍ତେ ଏହି ପ୍ରଦର୍ଶନରେ ଅବଦାନ ଦେଇଛନ୍ତି ଏବଂ ଏହାକୁ ଜାରି ରଖିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଆବଶ୍ୟକ ଥିଲା ।'

ରୋହିତ ପଞ୍ଚମ ନମ୍ବରରେ ଆସି ୪୭ ବଲରୁ ୫୨ ରନ କରିଥିବା ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ପ୍ରଶଂସା କରିଥିଲେ । ସେ କହିଥିଲେ, 'ଆମକୁ ମଧ୍ୟଭାଗରେ ଜଣେ ବାମହାତୀ ଖେଳାଳିଙ୍କ ଆବଶ୍ୟକତା ଥିଲା ।' ଆମେ ଜାଣୁ ଯେ ଇଂଲଣ୍ଡ ପାଖରେ କିଛି ସ୍ପିନର ଅଛନ୍ତି ଯେଉଁମାନେ ବାମହାତୀ ବ୍ୟାଟ୍‌ସମ୍ୟାନଙ୍କୁ ବୋଲିଂ କରିବେ ଏବଂ ଆମେ ଚାହୁଁଥିଲୁ ଯେ ଜଣେ ବାମହାତୀ ବ୍ୟାଟ୍‌ସମ୍ୟାନ ପଡ଼ିଆରେ ଥାଆନ୍ତୁ । ରୋହିତ କହିଛନ୍ତି, 'ଗତ କିଛି ବର୍ଷ ମଧ୍ୟରେ ଆମେ ଦେଖିଛୁ ଯେ ଜଣେ କ୍ରିକେଟର ଭାବରେ ଅକ୍ଷର କେତେ ଉନ୍ନତି କରିଛନ୍ତି, ବିଶେଷକରି ତାଙ୍କ ବ୍ୟାଟରେ ଏବଂ ଆମେ ଏହାକୁ ପୁଣି ଥରେ ଦେଖିବାକୁ ପାଇଲୁ ।' ସେହି ସମୟରେ ଆମେ ଟିକେ ଚାପରେ ଥିଲୁ, ଆମକୁ ଏକ ଲମ୍ବା ପାର୍ଟନରସିପ ଆବଶ୍ୟକ ଥିଲା ଏବଂ ଗିଲ୍ ଏବଂ ଅକ୍ଷର ପ୍ରକୃତରେ ଭଲ ବ୍ୟାଟିଂ କରିଥିଲେ ।

ଶୁଭମନ ଗିଲ୍, ଯିଏ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ବିଜୟୀ ୮୭ ରନ୍ ଖେଳିଥିଲେ, କହିଥିଲେ: "ମୁଁ କେବଳ ସକାରାତ୍ମକ ରହିବାକୁ ଚେଷ୍ଟା କରୁଥିଲି । ନୂତନ ବଲ୍ ସହିତ ଦ୍ରୁତ ବୋଲରମାନଙ୍କ ପାଇଁ କିଛି ସମ୍ଭାବନା ଥିଲା । ତେଣୁ ଚିନ୍ତାଧାରା ଥିଲା ଯେ ଅଧିକ ବ୍ୟାକ୍‌ଫୁଟ୍‌ରେ ନ ଯାଇ କିଛି ଭଲ କ୍ରିକେଟ୍ ସଟ୍ ଖେଳିବା ଉଚିତ୍ ।

ଅନ୍ୟପଟେ ଇଂଲଣ୍ଡ ଅଧିନାୟକ ଜସ୍ ବଟଲର୍ ଏହି ଗସ୍ତରେ ପୁଣି ଥରେ ୱିକେଟ୍ ହରାଇବା ନେଇ ନିରାଶା ପ୍ରକାଶ କରିଥିଲେ ଏବଂ କହିଥିଲେ ଯେ ଆଉ କିଛି ରନ୍ ତାଙ୍କ ଦଳକୁ ସାହାଯ୍ୟ କରିଥାନ୍ତେ । ବଟଲର୍ କହିଥିଲେ, 'ପାୱାରପ୍ଲେରେ ଆମର ଆରମ୍ଭ ବହୁତ ଭଲ ଥିଲା, କିନ୍ତୁ ଆମେ ୱିକେଟ୍ ହରାଇଥିଲୁ ।' ଶେଷରେ ୱିକେଟର ପ୍ରକୃତିକୁ ବିଚାରକୁ ନେଲେ, ୪୦-୫୦ ଅଧିକ ରନ ଉପଯୋଗୀ ହୋଇପାରିଥାନ୍ତା ।

# ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମୟୂରଭଞ୍ଜ ଗ୍ରୀନ୍ ବିଜୟୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନର ଖେଳରେ ମୟୂରଭଞ୍ଜ ଗ୍ରୀନ ମୟୂରଭଞ୍ଜ (ଏ)କୁ ୯ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ (ଏ) ୨୫.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୪ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଶେଖ ନଫିସୁଲ ହୁସେନ ୨୮ ଓ ଅଭିଷେକ ନାଏକ ୨୫ ରନ କରିଥିବାବେଳେ ବିପକ୍ଷ ଦଳର ସୁରଜ ଶୁଭ୍ରଜିତ ମହାନ୍ତ ୪ଟି ଉଇକେଟ ଅକ୍ତିଆର କରିନେଇ ଥିଲେ । ଉତ୍ତରରେ ମୟୂରଭଞ୍ଜ ଗ୍ରୀନ ୧୯.୪ ଓଭରରେ ଗୋଟିଏ ଉଇକେଟ ହରାଇ ୯୫ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଶୁଭ୍ର ରଞ୍ଜନ ପତି ୬୦ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଶନିବାର ଡିଆରକେ ଓ ବିସିଏ ମଧ୍ୟରେ ଖେଳ ହେବ ।

# କ'ଣ ବିରାଟ କୋହଲି ବାରବାଟୀ ଦିନିକିଆରେ ଖେଳିବା ପୂର୍ବରୁ ଫିଟ୍ ହୋଇପାରିବେ ?

**ଭୁବନେଶ୍ୱର**



ଭାରତୀୟ କ୍ରିକେଟ୍ ତାରକା ବିରାଟ କୋହଲି ନାଗପୁରରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦିନିକିଆ ଖେଳିପାରି ନଥିଲେ କାରଣ ତାଙ୍କର ଡାହାଣ ଆଣ୍ଠୁ ଫୁଲିଯାଇଥିଲା । ଏହା ଫିଟନେସ୍ ପ୍ରତି ସଚେତନ ବ୍ୟାଟରଙ୍କ ପାଇଁ ଏକ ଅସାଧାରଣ ଘଟଣା । ଯଦିଓ ତାଙ୍କୁ ଟସ୍ ପୂର୍ବରୁ ଅଭ୍ୟାସ କରୁଥିବା ଦେଖାଯାଇଥିଲା, ତାଙ୍କ ଆଣ୍ଠୁରେ ଷ୍ଟ୍ରାପ୍ ଥିଲା ଏବଂ ସେ ସତର୍କତାର ସହିତ ଅଭ୍ୟାସ କରିଥିଲେ ।

ପ୍ରଥମ ଦିନିକିଆ ସମୟରେ ଟସ୍ ସମୟରେ, ଭାରତୀୟ ଅଧିନାୟକ ରୋହିତ ଶର୍ମା ନିଶ୍ଚିତ କରିଥିଲେ ଯେ ଆଣ୍ଠୁ ସମସ୍ୟା ଯୋଗୁଁ କୋହଲିଙ୍କୁ ପ୍ଲେଇଂ ଏକାଦଶରୁ ବାଦ୍ ଦିଆଯାଇଥିଲା । ତଥାପି, ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଫେବୃାରୀ ୯ ତାରିଖରେ କଟକର ବାରବାଟୀରେ ଦ୍ୱିତୀୟ ଦିନିକିଆ ପାଇଁ ତାଙ୍କ ପ୍ରତ୍ୟାବର୍ତ୍ତନ ବିଷୟରେ ଆଶାବାଦୀ ଅଛନ୍ତି ।

"ଅଭ୍ୟାସ ସମୟରେ ତାଙ୍କ ଆଣ୍ଠୁ ଠିକ୍ ଥିଲା, କିନ୍ତୁ ହୋଟେଲକୁ ଫେରିବା ପରେ ଏହା ଫୁଲି ଯାଇଥିଲା । ଏହା ବହୁତ ଗମ୍ଭୀର ମନେ ହେଉନାହିଁ, ଏବଂ ସେ କଟକରେ ଖେଳିବାର ସମ୍ଭାବନା ଅଛି," ବୋଲି ରିପୋର୍ଟରୁ ଜଣା ପଡିଛି । ଯଦି କୋହଲି ସମୟ ମଧ୍ୟରେ ସୁସ୍ଥ ହୁଅନ୍ତି, ତେବେ ତାଙ୍କର ପ୍ରତ୍ୟାବର୍ତ୍ତନ ସିରିଜରେ ଭାରତ ପାଇଁ ଏକ ବଡ଼ ଉତ୍ସାହ ହେବ ।

ଆଗାମୀ ବାରବାଟୀ ଦିନିକିଆ ସାରା ଓଡ଼ିଶାର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହର ଲହରୀ ସୃଷ୍ଟି କରିଛି । ଆଗାମୀ ଭାରତ ବନାମ ଇଂଲଣ୍ଡ ଦିନିକିଆ ମ୍ୟାଚ୍ ପାଇଁ ସମସ୍ତ ଅଫଲାଇନ୍ ଟିକେଟ୍ ପୂର୍ବରୁ ବିକ୍ରି ହୋଇସାରିଥିଲେ ମଧ୍ୟ ଗୁରୁବାର ବାରବାଟୀ ଷ୍ଟାଡିୟମର ଟିକେଟ୍ କାଉଣ୍ଟରରେ ଉତ୍ସାହୀ କ୍ରିକେଟ ପ୍ରେମୀମାନେ ଭିଡ଼ ଜମାଇଥିଲେ ।

ଭାରତ-ଇଂଲଣ୍ଡ ମୁକାବିଲା ପାଇଁ ବହୁ ପ୍ରତୀକ୍ଷା ଯୋଗୁଁ ଟିକେଟ୍ ପାଇଁ ବ୍ୟାପକ ଚାହିଦା ସୃଷ୍ଟି ହୋଇଛି । ବୁଧବାର, ହଜାର ହଜାର କ୍ରିକେଟ୍ ପ୍ରେମୀ ଟିକେଟ୍ କିଣିବା ପାଇଁ ଧାଇଁ ଆସିବାରୁ ଷ୍ଟାଡିୟମରେ ଅରାଜକତାପୂର୍ଣ୍ଣ ଦୃଶ୍ୟ ଦେଖାଦେଇଥିଲା । ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଯେଉଁମାନେ ଅନଲାଇନରେ ଟିକେଟ୍ କିଣିଛନ୍ତି ସେମାନେ ଫେବୃଆରୀ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ଦୁଇଟି ସ୍ଥାନରେ ଟିକେଟ୍ ରିଡିମ୍ କରିପାରିବେ । କଟକର କେମ୍ବ୍ରିଜ୍ ସ୍କୁଲ୍ ଏବଂ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟରେ ଫେବୃଆରୀ ୮ ତାରିଖ ସକାଳ ୧୦ ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଏବଂ ଫେବୃଆରୀ ୯ ତାରିଖ ସକାଳ ୭ ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନଲାଇନ୍ ରିଡିମ୍ କରିହେବ ।

# ଭାରତ-ଇଂଲଣ୍ଡ ମ୍ୟାଚ୍ : ଖେଳାଳିଙ୍କୁ ପରଷାଯିବ ସ୍ୱତନ୍ତ୍ର ଓଡ଼ିଆ ଖାଦ୍ୟ ଖାଇବେ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ସୁପର ସଣ୍ଡେରେ ହେବ ସୁପର ମୁକାବିଲା । ବାରବାଟୀରେ ମୁହାଁମୁହିଁ ହେବେ ଇଣ୍ଡିଆ ଓ ଇଂଲଣ୍ଡ । ରବିବାର ଦିନିକିଆ ଲଢ଼େଇ ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି ଉଭୟ ଦଳର ଖେଳାଳି । ଏମାନଙ୍କୁ ସ୍ୱାଗତ କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଖେଳାଳିମାନେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଜୋରଦାର ସ୍ୱାଗତ କରାଯାଇଥିଲା । ମେ' ଫେୟାର ହୋଟେଲରେ ଖେଳାଳିଙ୍କ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଖେଳାଳି ଓ ଟିମ୍ ରହିବା ପାଇଁ ୯୬ଟି ରୁମ୍ ବୁକ୍ ହୋଇଛି । ଖେଳାଳିମାନେ ସ୍ୱତନ୍ତ୍ର ଓଡ଼ିଆ ଖାଦ୍ୟ ଖାଇବେ । ଖାଇବା ମେନୁରେ ମିଲେଟ ଆଇଟମ୍ ରହିଛି । ଖାଦ୍ୟରେ ଦେଶୀ ଚିକେନ, ମସରୁମ ପକୋଡ଼ା, ମାଛ ତରକାରୀ, ଡାଲେମା, ପନିର, ସାଧା ବେସର ରହିଛି । ଏଥି ସହ ଛେନାପୋଡ଼, ରସଗୋଲା, ମଣ୍ଡା ପିଠା, ବରା, କାକରା ଆଦି ଖାଇବେ ଖେଳାଳି । ସେପଟେ ଭୁବନେଶ୍ୱରରେ କମିଶନରେଟ ପୋଲିସ ପକ୍ଷରୁ କଡ଼ା ବ୍ୟବସ୍ଥା କରାଯାଇଥିଲା । ରୁଟ୍ ଲାଇନରେ ହୋଇଥିଲା ପୋଲିସ ଛାଉଣୀ । ଏଥିପାଇଁ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ଖେଳାଳି ରହିବା ସ୍ଥଳରେ ଚାରିପଟେ ପୋଲିସ ମୁତୟନ ହୋଇଛନ୍ତି । ସୁରକ୍ଷା ଦାୟିତ୍ୱରେ ଦୁଇ ଜଣ ଆଡ଼ିସନାଲ ଡିସିପି, ୪ ଜଣ ଏସିପି ରହିଛନ୍ତି ।

# ମୁଁ ଚାହୁଁଛି ଜଣେ ଭଲ ମଣିଷ ଭାବେ ମୋର ପରିଚୟ ରହୁ : ଧୋନୀ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଅବସର ନେବାର ୫ବର୍ଷରୁ ଅଧିକ ସମୟ ବିତିଗଲାଣି, କିନ୍ତୁ ଏପରି କୌଣସି ଦିନ ନାହିଁ ଯେଉଁଦିନ ସେ ଖବରରେ ନ ଥାଆନ୍ତି । ଏବେ ସୋସିଆଲ ମିଡିଆରେ ଏମଏସଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଏକ ହୃଦୟସ୍ପର୍ଶୀ କଥା କହୁଥିବାର ଦେଖାଯାଉଛି । ଆସନ୍ତୁ ଜାଣିବା ମାହି କ'ଣ କହିଛନ୍ତି । ଭାରତୀୟ କ୍ରିକେଟ ଦଳର ଷ୍ଟାର କ୍ରିକେଟର ମହେନ୍ଦ୍ର ସିଂହ ଧୋନି କୋଟି କୋଟି ଲୋକଙ୍କର ଆଦର୍ଶ । ତାଙ୍କର ସଫଳତା ଉପରେ ଏକ ସମ୍ପୂର୍ଣ୍ଣ ପୁସ୍ତକ ଲେଖାଯାଇପାରିବ । କିନ୍ତୁ ମାହି ଚାହାଁନ୍ତି ଯେ ତାଙ୍କୁ ତାଙ୍କ ସଫଳତା ପାଇଁ ନୁହେଁ ବରଂ ଜଣେ ଭଲ ମଣିଷ ଭାବରେ ମନେ ରଖାଯାଉ । ନିକଟରେ, ନମିତା ଥାପରଙ୍କ ସହ କଥାବାର୍ତ୍ତା ସମୟରେ ମାହି ଏହି ଇଚ୍ଛା ପ୍ରକାଶ କରିଥିଲେ ।

ଏମଏସ ଧୋନି କହିଥିଲେ, 'ମୁଁ ଚାହୁଁଛି ଜଣେ ଭଲ ମଣିଷ ଭାବେ ମୋର ପରିଚୟ ରହୁ, ଜଣେ ଫଲୋୟର୍ସ ଭାବେ ନୁହେଁ । କେତେ ଲୋକଙ୍କର ଅବୁ ଅଧିକ ଫଲୋୟର୍ସ ହେବା କାରଣରୁ ସେହି ବ୍ୟକ୍ତି ସବୁଠାରୁ ଖରାପ ଲୋକ ହୋଇପାରନ୍ତି । ଏମ୍‌ଏସ୍ ଧୋନି କେବଳ ଦେଶରେ ନୁହେଁ ବରଂ ବିଶ୍ୱର ସବୁଠାରୁ ସଫଳ ଅଧିନାୟକମାନଙ୍କ ମଧ୍ୟରୁ ଜଣେ । ସେ ଏକମାତ୍ର ଅଧିନାୟକ ଯିଏ ତାଙ୍କ ଦଳ ପାଇଁ ଟି-୨୦ ବିଶ୍ୱକପ, ଏକ ଦିବସୀୟ ବିଶ୍ୱକପ ଏବଂ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିଛନ୍ତି । ହଁ, ମାହି ତାଙ୍କ ଅଧିନାୟକତ୍ୱରେ ୩ଟି ଆଇସିସି ଟ୍ରଫି ଜିତିଥିଲେ । ମାହି ୧୫ ଅଗଷ୍ଟ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ, ସେବେଠାରୁ ତାଙ୍କୁ କେବଳ ଆଇପିଏଲରେ ଖେଳୁଥିବାର ଦେଖାଯାଉଛି ।


**OFFICE OF THE DIVISIONAL FOREST OFFICER, RAYAGADA FOREST DIVISION: RAYAGADA** MM-466

**QUOTATION CALL NOTICE FOR THE YEAR 2024-25**

Sealed quotations are invited from the intending suppliers / manufacturers for the supply of following uniform articles and shoes for the forest personnel of Rayagada Forest Division as per the following specifications. Interested vendors may submit their quotations along with samples by **postal means only** in a sealed envelope. It must reach the office of the undersigned on or before **15.02.2025.**

| Sl No. | Item | Specifications | Approximate Quantity | Category |
|---|---|---|---|---|
| 1 | Khaki coloured cloth | Khaki-colored uniform cloth, suitable for making full-sleeved shirts and pants, made of durable, breathable fabric with a minimum GSM of 250, ideal for field conditions. Fabric must be of a recognized brand | 350 meters | Forest Staff |
| 2 | Camouflage Uniform | Full-sleeved shirt & pants in a durable camouflage pattern, suitable for rugged terrain and forest blending | 125 Pairs | Forest Protection Squad |
| 3 | Patrol Shoes | Good Quality with better comfort, durability, and rugged design for enhanced protection in forest operations | 125 pairs | Forest Protection Squad |
| 4 | Fire Squad Dress | Full-sleeved shirt & pants in a high-visibility, flame-resistant fabric, preferably in bright orange or similar safety colour | 150 Pairs | Fire Squad |
| 5 | Fire Shoes | Affordable yet durable shoes with anti-slip soles, good grip, and water resistance for fieldwork | 150 Pairs | Fire Squad |

For further details on procedure of submission, criteria of selection, delivery, contact information and other important notes please visit the tender section of the webpage *https://rayagada.odisha.gov.in/tender.*

Divisional Forest Officer
Rayagada Division

OIPR : 08062/11/0006/2425



GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI.
'e' Procurement Notice A-1029
**Bid Reference No. SE MID BPT- 08/2024-25**
E-mail :eemikldbpt@gmail.com

Bid documents consisting nameof Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil construction work. |
| 2 | No of Work: - | 09 (Nine) Nos. |
| 3 | Estimated cost: - | From Rs. 5.08 to 49.99 lakhs (Approximately) |
| 4 | Period of completion | 02(Two) to 5 (Five) calendar months |
| 5 | Date and Time of availability of bid documents in the portal: - | From 10.02.2025 (11.00AM) to 20.02.2025 (5.00PM) |
| 6 | Last date / time of receipt of bids in the portal: - | Dt.20.02.2025 up to 5.00PM |
| 7 | Date of opening of Bid: - | Dt.21.02.2025 at 11.00AM onwards |
| 8 | Date of Transparent Lottery( If required) :- | Dt. 28.02.2025 at 11.00 A.M or Onwards |
| 9 | Name and address of the OIT: - | Superintending Engineer, Minor Irrigation Division, Kalahandi. Bhawanipatna. |

** Further details can be seen from the e-Procurement market place http://tendersodisha.gov.in

Sd/- ErJagannathMallik
Superintending Engineer
M.I.Division, Kalahandi
Bhawanipatna

OIPR : 32035/11/0012/2425




ଭୁବନେଶ୍ୱର : ବାରବାଟୀରେ ହେବାକୁ ଥିବା ଦ୍ୱିତୀୟ ଏକଦିବସୀୟ କ୍ରିକେଟ ମ୍ୟାଚ୍‌ରେ ଅଂଶଗ୍ରହଣ କରିବା ପାଇଁ ଭୁବନେଶ୍ୱରରେ ପହଞ୍ଚି ଥିବା ଭାରତ ଓ ଇଂଲଣ୍ଡ ଦଳର ଖେଳାଳିମାନଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ହୋଟେଲ ମେ' ଫେୟାର ସମ୍ମୁଖରେ କ୍ରିକେଟ ଫ୍ୟାନ୍‌ମାନଙ୍କ ପ୍ରବଳ ଭିଡ଼ । (ଫଟୋ : ସମ୍ବାଦ କଳିକା)


OFFICE OF THE MUNICIPAL COUNCIL, JATNI
PHONE:-0674-2490826, MAIL-MUNICIPALITYJATNI@GMAIL.COM
NO: 863 / DATE: 05.02.2025
C-1606

"E" PROCUREMENT NOTICE

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| 1. Tender Reference No | : EO/JMC/081/2024-25 |
| 2. Tender I.D No. | : 2025_ORULB_110158_ 1 to 31 |
| 3. Name of the Work | : Civil Construction works as mentioned in website |
| 4. No. of works | : 31 nos. |
| 5. Estimated Cost | : Rs.4,23,728/- to Rs.16,94,915/- |
| 6. Period of Completion | : 30 days |
| 7. Date and Time of Bidding | : From 07.02.2025, 10:00 A.M to 17.02.2025, 05:00 P.M |
| 8. Last date and time for receipt Of bids in the portal | : Dt.17.02.2025 up to 05:00 P.M |
| 9. Bids received online shall be opened on | : Dt.19.02.2025 at 11.00 A.M |
| 10. Name and address of the Officer inviting Bid | : Executive Officer, Jatni Municipality |

Further details can be seen from the procurement portal i.e. www.tendersorissa.gov.in

Executive Officer
Jatni Municipality

OIPR : 13041/11/0026/2425


# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**



ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଗୋଟିଏ ସପ୍ତାହ ଧରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଆଇସିଡିଏସର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଲିଙ୍ଗଗତ ସମାନତା ବିଷୟରେ ସଚେତନତା ସୃଷ୍ଟି କରିବା, ସମାଜରେ ଝିଅମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଏବଂ ଝିଅମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ କନ୍ୟା-ରତ୍ନଙ୍କ ଗୁରୁତ୍ୱ ବିଷୟରେ ସଚେତନ କରିବା ପାଇଁ ଏକ ସଚେତନତା ରଥ ବାହାରିଥିଲା । ଅନୁଗୁଳ ଏଡିଏମ (ସାଧାରଣ) ପତାପ ପ୍ରୀତିମୟ ଏବଂ ଏଡିଏମ (ରାଜସ୍ୱ) ଉଦୟ ମହାପାତ୍ର, ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଅଡିଓ ଭିଜୁଆଲ ଉପକରଣ, ବ୍ୟାନର ଏବଂ ସୂଚନା ଜରିଆରେ ଲିଙ୍ଗଗତ ତାରତମ୍ୟ ଥିବା ଅଞ୍ଚଳଗୁଡ଼ିକୁ ଭ୍ରମଣ କରି ଏହି ରଥ ଲିଙ୍ଗଗତ ସମାନତା ଏବଂ ଝିଅମାନଙ୍କ ଗୁରୁତ୍ୱ ଉପରେ ଜାଗରଣ ସୃଷ୍ଟି କରିବ । ମୁଖ୍ୟ ଅତିଥି ଉଦୟ ମହାପାତ୍ର ତାଙ୍କ ଅଭିଭାଷଣରେ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ କହିଥିଲେ, କନ୍ୟା ସନ୍ତାନଙ୍କ ଉପରେ ନିବେଶ କରିବା ଆମ ଦେଶର ଭବିଷ୍ୟତରେ ନିବେଶ କରିବା ସହିତ ସମାନ ଜନ ଜାଗରଣ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଅବସରରେ ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ରାଲି ବାହାରିଥିଲା । ହୋର୍ଡିଂ, ଲିଫ୍‌ଲେଟ୍, ଏବଂ ବ୍ୟାନର ବଣ୍ଟାଯିବା ସହ ଝିଅମାନଙ୍କ ଅଧିକାରର ସୁରକ୍ଷା ଏବଂ ତତ ସମ୍ବଳିତ ଆଇନ ସମ୍ପର୍କିତ ନାଟକ ଏବଂ ପାଲା ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ହୋଇଥିବା ମାନସମନ୍ୱୟନ ବୈଠକରେ ସିଡିଏମ୍ ଓ ପିଏଚଓ ଡାକ୍ତର ଶିବାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଗୌରିଶଙ୍କର ବେହେରା, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ଏଡିପିଏଚଓ (ଭେକ୍ଟର ବର୍ଣ୍ଣ) ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା, ଡିଏସଡବ୍ଲୁଓ ନିରୁପମା ପାଣି ଏବଂ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ବକ୍ତା ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ସାମୂହିକ କାର୍ଯ୍ୟ ମାଧ୍ୟମରେ ଝିଅମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଓ.ପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ଶାଲୁ ଜିନ୍ଦଲ କହିଛନ୍ତି, କନ୍ୟା ସନ୍ତାନମାନଙ୍କୁ ସଶକ୍ତ କରିବା ହେଉଛି । ଗୋଟିଏ ରାଷ୍ଟ୍ର ନିଜକୁ ସଶକ୍ତ କରିବାର ସର୍ବୋତ୍ତମ ଏବଂ ବୁଦ୍ଧିମାନ ବାଟ । ମହିଳା ସଶକ୍ତକରଣ ପାଇଁ ଆମର ବହୁମୁଖୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଝିଅମାନଙ୍କ ଶିକ୍ଷା, ସ୍ଥାୟୀ ଜୀବିକା ବିକଳ୍ପ ଏବଂ ସ୍ୱାସ୍ଥ୍ୟସେବା ପ୍ରୋତ୍ସାହନ ପାଇଁ ସହଭାଗୀ ହେବା ସହ ଭାରତର ବିକାଶ ପଥକୁ ଆହୁରି ବ୍ୟାପକ କରିବା ଦିଗରେ ଯୋଗଦାନ ଦେଇଆସିଛୁ । ଜିନ୍ଦଲ ଫାଉଣ୍ଡେସନ, ସଚେତନତା ସୃଷ୍ଟି କରିବା ସହ ସଠିକ୍ ବୟସରେ ଝିଅମାନଙ୍କ ବିବାହକୁ ସମର୍ଥନ ଏବଂ ବାଲ୍ୟ ବିବାହ ରୋକିବା ଦିଗରେ କାର୍ଯ୍ୟ କରି ଆସୁଛି । ୨୦୧୧ ମସିହାରେ ଆରମ୍ଭ ହୋଇଥିବା ଜିନ୍ଦଲ ଫାଉଣ୍ଡେସନର କିଶୋରୀ ଏକ୍ସପ୍ରେସ କାର୍ଯ୍ୟକ୍ରମ ଜରିଆରେ ରକ୍ତହୀନତା ପୀଡ଼ିତ ୨.୭ ଲକ୍ଷ ଝିଅଙ୍କୁ ସହାୟତା ଯୋଗାଇ ଦିଆଯାଇଛି । ଯଶସ୍ୱୀ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଜରିଆରେ ୧୧,୦୦୦ ହଜାରରୁ ଅଧିକ ଝିଅମାନଙ୍କୁ ଶିକ୍ଷା ଗ୍ରହଣ କରିବା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛି । ଏହି ଫାଉଣ୍ଡେସନ, ପ୍ରଜନନ ଅଧିକାର ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହ ମାତୃସ୍ୱାସ୍ଥ୍ୟକୁ ମଧ୍ୟ ପ୍ରୋତ୍ସାହିତ କରି ଆସୁଛି ।

# ଅନ୍ତର୍ଜାତୀୟ ୬୦୦ ୱିକେଟ୍ ପୂରା କଲେ ରବିନ୍ଦ୍ର ଜାଡ଼େଜା

**ନାଗପୁର**

ପଞ୍ଚମ ଭାରତୀୟ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୬୦୦ ୱିକେଟ ପୂରଣ କଲେ ବାମହାତୀ ସ୍ପିନର ରବିନ୍ଦ୍ର ଜାଡ଼େଜା । ଗୁରୁବାର ନାଗପୁରରେ ଖେଳାଯାଉଥିବା ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ଜାଡ଼େଜା ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି ।

ଗୁରୁବାର ଜାଡ଼େଜା ନିଜର ସ୍ପିନ୍ ଯାଦୁରେ ୩ ଇଂଲଣ୍ଡ ବ୍ୟାଟରଙ୍କୁ ଆଉଟ୍ କରି ପାଭିଲିଅନ ପଠାଇ ଦେଇଛନ୍ତି । ଏହି ୱିକେଟ୍ ସହ ଜାଡ଼େଜା ଇଂଲଣ୍ଡର ପୂର୍ବତନ କ୍ରିକେଟର ଜେମ୍ସ ଆଣ୍ଡରସନଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି । ଇଂଲଣ୍ଡ ଓ ଭାରତ ଦିନିକିଆ ମ୍ୟାଚ୍‌ରେ ଆଣ୍ଡରସନ ସର୍ବାଧିକ ୪୦ ୱିକେଟ୍ ନେଇଥିଲେ । ହେଲେ ଜାଡ଼େଜା ଏହି ଟାଲିକୁ ଅତିକ୍ରମ କରିଛନ୍ତି । ଜାଡ଼େଜା ୮୦ ଟେଷ୍ଟରେ ୩୨୩ ୱିକେଟ୍, ୧୯୮ ଦିନିକିଆରେ ୨୨୩ ୱିକେଟ୍ ଏବଂ ୭୪ ଟି-୨୦ରେ ୫୪ ୱିକେଟ୍ ନେଇଛନ୍ତି ।

## ଷୋଡ଼ଶ ଅର୍ଥ ଆୟୋଗଙ୍କୁ ବିଜେଡିର ଦାବିପତ୍ର

# ସ୍ୱତନ୍ତ୍ର ରାଜ୍ୟ ବା ଫୋକସ୍ ରାଜ୍ୟର ମାନ୍ୟତା ଦିଅ : ବିଜେଡି



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଲଗାତାର ଭାବେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡିଶା ଓ ଏହାର ଜନସଂଖ୍ୟାର ଚାଳିଶ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ହୋଇଥିବାରୁ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା କିମ୍ବା ସ୍ୱତନ୍ତ୍ର ଫୋକସ୍ ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ ବିଜୁ ଜନତା ଦଳ ଷୋଡ଼ଶ ଅର୍ଥ ଆୟାଗ ସମ୍ମୁଖରେ ଦୃଢ଼ ଦାବିରଖିଛି । ଏହି ସମ୍ବନ୍ଧରେ, ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଗୁରୁବାର ଷୋଡ଼ଶ ଅର୍ଥ ଆୟୋଗଙ୍କୁ ଭେଟି ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ପ୍ରଦାନ କରିଥିବା ବେଳେ ଶୁକ୍ରବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ତରଫରୁ ଦିଆଯାଇଥିବା ସ୍ମାରକପତ୍ର ବିଷୟରେସୂଚନା ଦେଇଥିଲେ ।

ବିଜେଡିର ବିଧାନସଭାରେ ଉପନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, କେନ୍ଦ୍ର ସରକାରଙ୍କ ତରଫରୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ବା ଫୋକସ୍ ରାଜ୍ୟର ମାନ୍ୟତା ପ୍ରଦାନ ଆବଶ୍ୟକତା ରହିଛି ବୋଲି କୁହାଯାଇଛି, ଯାହା ମାଧ୍ୟମରେ ଉତ୍ତର-ପୂର୍ବ ରାଜ୍ୟ ବା ହିମାଳୟାନ ଷ୍ଟେଟ୍‌ଗୁଡିକୁ ମିଳୁଥିବା ୯୦:୧୦ ଅନୁପାତରେ ଅନୁଦାନ କେନ୍ଦ୍ର ଠାରୁ ମିଳିପାରିବ । ଓଡ଼ିଶା ଲଗାତାର ଭାବେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ଓ ଓଡ଼ିଶାର ପ୍ରାୟ ଚାଳିଶ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ହୋଇଥିବାରୁ ଫୋକସ୍ ରାଜ୍ୟର ମାନ୍ୟତାର ଆବଶ୍ୟକତା ରହିଛି । ତା'ଛଡ଼ା, ରାଜ୍ୟମାନଙ୍କୁ କେନ୍ଦ୍ରୀୟ ଟିକସ ହସ୍ତାନ୍ତର ହାର, ଯାହା ଏବେ ୪୧% ରହିଛି, ତାକୁ ୫୦%କୁ ବୃଦ୍ଧି କରିବାକୁ ବିଜେଡି ଦାବି ରଖିଛି । ପ୍ରତି ତିନି ବର୍ଷରେ କୋଇଲା ରୟାଲିଟି ସଂଶୋଧନ ବ୍ୟବସ୍ଥା ରହିଥିଲେ ହେଁ ଦୀର୍ଘ ୧୪ ବର୍ଷ ହେଲା ଏହା କରାଯାଇ ନାହିଁ, ଯାହା ଫଳରେ ଓଡ଼ିଶା, ଝାଡ଼ଖଣ୍ଡ ଓ ବିହାର ପରି ରାଜ୍ୟମାନେ କ୍ଷତି ସହୁଛନ୍ତି । ତେଣୁ ତୁରନ୍ତ କୋଇଲା ରୟାଲିଟି ସଂଶୋଧନ କରାଯାଉ ବୋଲି ଦଳ ଦାବି କରିଛି ।

ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ. ଅମର ପଟ୍ଟନାୟକ କହିଥିଲେ, ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡ଼ିଶା ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି । ବିଜେଡି ତା'ର ଦାବିପତ୍ରରେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଛି ଯାହା ମାଧ୍ୟମରେ ଓଡ଼ିଶାକୁ ଅଧିକ ଅର୍ଥ ମିଳିପାରିବ । ସେହି ହିସାବରେ, ଯେଉଁ ରାଜ୍ୟ ମାନେ ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ନିର୍ଦ୍ଧାରିତ ମାନଦଣ୍ଡ ପାଳନ କରୁଛନ୍ତି, ସେମାନଙ୍କୁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ପ୍ରଦାନର ବ୍ୟବସ୍ଥା କରାଯାଉ ବୋଲି ବିଜେଡି କହିଛି । ସେହିପରି ପରିବେଶ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆଗୁଆ ଥିବା ରାଜ୍ୟମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଅନୁଦାନ ଦିଆଯାଉ । ଉଲ୍ଲେଖଯୋଗ୍ୟ, ବିପର୍ଯ୍ୟୟ ପରିଚାଳନା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଆଗୁଆ ରାଜ୍ୟ ଭାବେ ରହିଛି । କ୍ଲିନ୍ ଏନର୍ଜି ସେସ୍ ମାଧ୍ୟମରେ ଆଦାୟ କରାଯାଉଥିବା ରାଜସ୍ୱରେ ରାଜ୍ୟମାନଙ୍କ ଭାଗ ରଖାଯାଉ ବୋଲି ଦଳ ଦାବି କରିଛି ।

ଡ. ପଟ୍ଟନାୟକ କହିଥିଲେ, ଓଡ଼ିଶାର ଆର୍ଥିକ ସ୍ଥିତି କିପରି ସୁଦୃଢ଼ ହେବ ସେହି ଲକ୍ଷ୍ୟ ରଖି ବିଭିନ୍ନ ପ୍ରସ୍ତାବ ଓ ଦାବି ରଖାଯାଇଛି । କିନ୍ତୁ ରାଜ୍ୟ ସରକାର ଓ ବିଜେପି ତରଫରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଓଡ଼ିଶା ପାଇଁ ଫୋକସ୍ ରାଜ୍ୟର ମାନ୍ୟତା କି କୌଣସି ସ୍ୱତନ୍ତ୍ର ପ୍ୟାକେଜ ପାଇଁ ଦାବି କରାଯାଇ ନାହିଁ । ବିଜୁ ଜନତା ଦଳ ତରଫରୁ ଆମେ ବିଜେପି ସରକାରଙ୍କୁ ପ୍ରଶ୍ନ ପଚାରିବାକୁ ଚାହୁଁଛୁ ଯେ, ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବା ପାଇଁ ଏତେ ଡର କାହିଁକି ?

ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ଶଶୀ ଭୂଷଣ ବେହେରା କହିଥିଲେ, କେନ୍ଦ୍ରୀୟ ଅବହେଳା ସତ୍ତ୍ୱେ ନବୀନ ପଟ୍ଟନାୟକ ସରକାରଙ୍କ ଉତ୍ତମ ଆର୍ଥିକ ପରିଚାଳନା ଯୋଗୁ ରାଜ୍ୟ ଉତ୍କଟ ଆର୍ଥିକ ସମସ୍ୟାରୁ ବାହାରି ଏକ ଆର୍ଥିକ କ୍ଷେତ୍ରରେ ବଳକା ରାଜ୍ୟ ହୋଇଥିଲା । ରାଜ୍ୟର ବୁଣାକାର ସମୁଦାୟଙ୍କ ଉନ୍ନତି ପାଇଁ ଓ ବନ୍ଦ ହୋଇ ଯାଇଥିବା ଚିନି କଳଗୁଡିକର ପୁନଃରୁଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ ପାଇଁ ଦଳ ଦାବି ରଖିଛି । ସେହିପରି, ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ, ଆଠ ଆଠଟି କେନ୍ଦ୍ରୀୟ ଯୋଜନାକୁ ବନ୍ଦ କରି ଦିଆଗଲା, ଯାହା ଓଡ଼ିଶା ପ୍ରତି କେନ୍ଦ୍ରର ଅବେହଳାର ଉଦାହରଣ । ପୂର୍ବରୁ କେନ୍ଦ୍ରରୁ ୯୦:୧୦ ଅନୁପାତରେ ଅର୍ଥ ପ୍ରଦାନ କରାଯାଉଥିଲା, ଯାହାକୁ ୬୦:୪୦କୁ କମାଇ ଦିଆଗଲା, ଯଦ୍ୱାରା ରାଜ୍ୟ ଉପେର ଆର୍ଥିକ ବୋଝ ବଢିଲା ।



ଭୁବନେଶ୍ୱର : ଆଲୁମିନି ଆସୋସିଏସନ ଉତ୍କଳ ୟୁନିଭର୍ସିଟି ପକ୍ଷରୁ ପ୍ରଥମ ଥର କରି ଏକ ବନ୍ଧୁମିଳନ ଆଇଆରସି ଭିଲେଜ ସ୍ଥିତ ସହକାରୀ ଉଦ୍ୟାନବିତ୍ (ଏକାମ୍ର କାନନ) ଠାରେ ୭ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସତ୍ୟଜିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁମିଳନରେ ଡ. ବାର କିଶୋର ଦାଶ, ରଘୁନାଥ ପୃଷ୍ଟି, ପ୍ରଦୋଷ ରଞ୍ଜନ ଦାସ, ଜୟ ପ୍ରକାଶ ପଟ୍ଟନାୟକ, ସସ୍ମିତା ଶତପଥୀ, ଦେବେନ୍ଦ୍ର ଦାସ, ସନ୍ତୋଷ କୁମାର ମହାପାତ୍ର, ତନ୍ମୟ ସ୍ୱାଇଁ, ସଂଗ୍ରାମ କିଶୋର ଦାସ, ସଞ୍ଜୀବ କୁମାର ବେହେରା, ବିଶ୍ୱଜିତ ବିଶ୍ୱାଳ, ସ୍ମିତା ସାମନ୍ତ, ଲକ୍ଷ୍ମଣ କୁମାର ସିଂହ, ରାମଶଙ୍କର ପଟ୍ଟନାୟକ, ଅନାଦୀ ଚରଣ ଦାସ, ବିରଞ୍ଚି ନାରାୟଣ ଶତପଥୀ, ଡ. ନାରାୟଣ ତ୍ରିପାଠୀ, ମନୀନ୍ଦ୍ର କୁମାର ମହାନ୍ତି, ତପନ କୁମାର ଜେନା, ନୀଳାମ୍ବର ବିଶ୍ୱାଳ, ମନୋଜ କୁମାର ରାୟ, ଲୋରା ମହାପାତ୍ର, ନିତ୍ୟାନନ୍ଦ ଦାସ, ବିଶ୍ୱଜିତ ନାୟକ, ଲକ୍ଷ୍ମୀଧର ଚାନ୍ଦ, ରାଜଲକ୍ଷ୍ମୀ ପଣ୍ଡା, ସୁବ୍ରତ କୁମାର ବିଶ୍ୱାଳ, ରାଜ କୁମାର ସାହୁ, ସୁଧାଂଶୁ ସାମଲ, ଅଜୟ ମହାପାତ୍ର, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ସେମାନଙ୍କ ଘଟଣାବଳୀ ତଥା ଅନ୍ୟାନ୍ୟ ପାଠପଢ଼ା ସଂକ୍ରାନ୍ତରେ ସ୍ମୃତିଚାରଣ କରିଥିଲେ । (ଫଟୋ : ସମ୍ବାଦ କଳିକା)

# ସହିଦ ନଗର ହାଇସ୍କୁଲରେ ପିଏସ୍ଏ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ପରିବେଶ ସୁରକ୍ଷା ଅଭିଯାନ(ପିଏସ୍ଏ) ତରଫରୁ ସହିଦ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଭିଯାନର ସଭାପତି ଡ. ପ୍ରଦୀପ କୁମାର ରଥ, ସାଧାରଣ ସମ୍ପାଦକ ରଘୁନାଥ ପୃଷ୍ଟି, ଉପସଭାପତି ପ୍ରଫେସର ଡ. କଲ୍ୟାଣୀ ମହାନ୍ତି ଓ ଯୁଗ୍ମ ସମ୍ପାଦକ ଡ. ନାରାୟଣ ତ୍ରିପାଠୀ ଯୋଗ ଦେଇ ସାମ୍ପ୍ରତିକ ସମୟରେ ପରିବେଶର ଅବକ୍ଷୟ ତଥା ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିବା ସହିତ ଏହାକୁ ସୁଧାରିବା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ, ସୀମିତ ବ୍ୟବହାର ଯୋଗ୍ୟ ଜଳର ଉପଯୁକ୍ତ ଉପଯୋଗ ଓ ସଂରକ୍ଷଣ, ନିଷିଦ୍ଧ ହୋଇଥିବା ଏକକ ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାର ନ କରିବା ତଥା ବାୟୁ ପ୍ରଦୂଷଣର ହ୍ରାସ ପାଇଁ ବିହିତ ପଦକ୍ଷେପ ନେବାର ଆବଶ୍ୟକତା ଅଛି ବୋଲି ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କୁ ଉପଦେଶ ଦେଇଥିଲେ ।



ପିଏସ୍ଏର କୋଷାଧ୍ୟକ୍ଷା ନମିତା ମହାପାତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପରିଚାଳନା କରିଥିଲେ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେବି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନରେନ୍ଦ୍ର ଦାସ ଓ ଶିକ୍ଷାବିତ୍ ବି.କେ. ମିଶ୍ର ପରିବେଶ ସମ୍ପର୍କରେ ନିଜନିଜ ବକ୍ତବ୍ୟ ରଖିଥିଲେ । ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରଭା ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

ଏତଦ୍‌ବ୍ୟତୀତ ଏହି କାର୍ଯ୍ୟକ୍ରମରେ ରମାଦେବୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ରେଖା ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା, ଝରାଶ୍ରୀ ମହାପାତ୍ର, ଗାୟତ୍ରୀ ମିଶ୍ର, ପୀଠୋ ବାସ୍କେ, ଦିପ୍ତିମୟୀ ସାହୁ ଓ ତନୁଶ୍ରୀ ଖୁଣ୍ଟିଆ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀବୃନ୍ଦ ଉପସ୍ଥିତ ରହିବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୬,୩୯୦ ଜଣଙ୍କୁ ...

ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ୭ ମାସ ମଧ୍ୟରେ ଆମେ ୬ ଥର ନିଯୁକ୍ତି ମେଳାର ଆୟୋଜନ କରି ୨୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛୁ । ଶୁକ୍ରବାର ଏହି ନିଯୁକ୍ତି ମେଳାରେ ୯ ଟି ବିଭାଗର ପ୍ରାୟ ୬,୩୦୦ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି । ଏହାଦ୍ୱାରା ବର୍ତ୍ତମାନ ସୁଦ୍ଧା ୭ଟି ନିଯୁକ୍ତି ମେଳାରେ ୨୬ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି । ଆମ ସରକାରର ପ୍ରଥମ ଦୁଇ ବର୍ଷ ମଧ୍ୟରେ ୬୫ ହଜାରରୁ ଅଧିକ ନିଯୁକ୍ତି ଦିଆଯିବ ବୋଲି ସେ ଘୋଷଣା କରିଥିଲେ । ନବନିଯୁକ୍ତମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କର ଜୀବନର ଏକ ନୂତନ ଅଧ୍ୟାୟ ଆଜି ଆରମ୍ଭ ହେଉଛି । ଆଜିକାଲି ବିଶେଷ ଭାବେ ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ସରକାରୀ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ବହୁତ କମ । ଉଦାହରଣ ସ୍ୱରୂପ, ପ୍ରତିରକ୍ଷାକୁ ମିଶେଇ କେନ୍ଦ୍ର ସରକାରରେ ପ୍ରାୟ ୩୫ ଲକ୍ଷ ଲୋକ ନିଯୁକ୍ତ ହୋଇଥିବା ବେଳେ ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୩ ଲକ୍ଷ କର୍ମଚାରୀ ଅଛନ୍ତି । ସେ ପୁଣି କହିଲେ ଯେ, ଖାଲିଥିବା ପଦ ପଦବୀକୁ ସାମିଲ କଲେ ମଧ୍ୟ ସର୍ବାଧିକ ସାଢ଼େ ଚାରି ଲକ୍ଷ ଲୋକ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଅର୍ଥାତ, ରାଜ୍ୟ ଜନସଂଖ୍ୟାର ଏକ ପ୍ରତିଶତରୁ ବି କମ ଲୋକ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥାଆନ୍ତି । ଏହି ଏକ ପ୍ରତିଶତରେ ଆପଣମାନେ ସୁଯୋଗ ପାଇଛନ୍ତି । ଏଥିରେ ଆପଣମାନଙ୍କର କଠିନ ପରିଶ୍ରମ ଏବଂ ପିତାମାତାଙ୍କ ଆଶୀର୍ବାଦ ମଧ୍ୟ ରହିଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସବୁ ନବନିଯୁକ୍ତ ମାନେ ଏକ ଅଲେଖା ସିଲଟରେ ନିଜର କର୍ମମୟ ଜୀବନ ଆରମ୍ଭ କରିଛନ୍ତି । ଅଢ଼େଇ ଦଶନ୍ଧିର ଏକ ଶାସନ ବ୍ୟବସ୍ଥାର ହ୍ୟାଙ୍ଗ ଓଭର ଆପଣମାନଙ୍କ ପାଖରେ ନାହିଁ । ତେଣୁ ଖୋଲା ମନ, ଖୋଲା ହୃଦୟର ସହିତ ଆପଣମାନେ କାମ କରିବାର ସୁଯୋଗ ପାଇଛନ୍ତି । ଏହି ସୁଯୋଗର ସଦୁପଯୋଗ କରି ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଏବେ ବିକାଶର ନୂତନ ସୂର୍ଯ୍ୟ ଉଦୟ ହୋଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଆମ ସରକାର ଓଡ଼ିଶାରେ ପ୍ରଗତିର ଧାରାକୁ ବହୁଗୁଣିତ କରିବା ପାଇଁ ପ୍ରତିମୁହୂର୍ତ୍ତର ସଦୁପଯୋଗ କରି କାମ କରୁଛନ୍ତି । ଆମେ ସମସ୍ତେ ଏପରି ଜଣେ ଯୋଗଜନ୍ମାଙ୍କ ନେତୃତ୍ୱ ଏବଂ ଦିଗଦର୍ଶନରେ କାର୍ଯ୍ୟ କରିବାର ସୁଯୋଗ ପାଇଛୁ ଏବଂ ଏହି ସୁଯୋଗର ସଦୁପୋଯୋଗ କରି ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରୁଛୁ ଏବଂ ଏହି ଦେଶ ନିର୍ମାଣ ଯଜ୍ଞରେ ଆପଣମାନେ ଆଜିଠାରୁ ସାମିଲ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଲେ ଯେ, ବିକାଶ ଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୁ କରିବା ଦିଗରେ ଦକ୍ଷ ଓ ଉତ୍ତମ ମାନବ ସମ୍ବଳ ଅପରିହାର୍ଯ୍ୟ । ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ସରକାରୀ ବ୍ୟବସ୍ଥା ସକ୍ରିୟ ଓ ସଜାଗ ରହେ ଏବଂ ଜନସାଧାରଣଙ୍କୁ ସଠିକ ସମୟରେ ଆବଶ୍ୟକ ସେବା ଯୋଗାଇ ଦିଆଯାଏ । ଏହି ମୌଳିକ ସତ୍ୟକୁ ଉପଲବ୍ଧି କରି ଆମ ସରକାର ଦାୟିତ୍ୱ ନେବା ପରେ ପରେ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ । ଏହାକୁ ସୁନିଶ୍ଚିତ କରିବା ପାଇଁ ସମୀକ୍ଷା ବୈଠକ କରାଯାଇ ମାର୍ଚ୍ଚ ମାସ ଶେଷ ସୁଦ୍ଧା, ସମସ୍ତେ ନିଜ ନିଜ ବିଭାଗରେ ଖାଲିଥିବା ପଦକୁ ଚିହ୍ନଟ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଓଡ଼ିଶାର ବିକାଶର ଲକ୍ଷ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବାର ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ଆମ ସରକାର ସବୁକ୍ଷେତ୍ର ସହିତ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେଉଛି । କେବଳ ସରକାରୀ କ୍ଷେତ୍ରରେ ଏହି ପାଞ୍ଚବର୍ଷ ମଧ୍ୟରେ ଦେଢ଼ ଲକ୍ଷ ନିଯୁକ୍ତିର ଲକ୍ଷ୍ୟ ରଖାଯାଇଛି । ନିଯୁକ୍ତି କ୍ଷେତ୍ରରେ ଆମର ଫୋକସ ଯୁବଶକ୍ତିର ଉପଯୋଗ ପାଇଁ ଆମ ପ୍ରତିବଦ୍ଧତାର ପରିଚାୟକ । କେବଳ ସେତିକି ନୁହେଁ, ରାଜ୍ୟରେ ଶିଳ୍ପାୟନର ଏକ ନୂଆ ଯୁଗର ଆରମ୍ଭ କରି ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବିପ୍ଳବ ସୃଷ୍ଟି କରିବା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆମର ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭ ୨୦୨୫ର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଥିରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ସୁଯୋଗ ଆସିଛି । ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି । ଏହି ସୁଯୋଗକୁ ଆମ ସରକାର କୌଣସି ପରିସ୍ଥିତିରେ ହାତଛଡ଼ା କରିବ ନାହିଁ । ଏହି ସବୁ ନିବେଶ ପ୍ରସ୍ତାବଗୁଡ଼ିକ ଯେପରି କାର୍ଯ୍ୟକାରୀ ହେବ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ହେବ, ସେଥିପାଇଁ ଆମେ ଦିନରାତି ଏକ୍‌କରି କାମ କରିବୁ । ମୋର ଦୃଢ଼ ବିଶ୍ୱାସ ଆଗାମୀ ୫ ବର୍ଷ ଆମ ଯୁବଶକ୍ତି ପାଇଁ ବିପୁଳ ସମ୍ଭାବନାର ସମୟ ହେବ । ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିଜ ପାଇଁ ସମାଜରେ ଏକ ସ୍ଥାନ ହାସଲ କରିବା ସହ ସମୃଦ୍ଧ ଓଡ଼ିଶା ନିର୍ମାଣ ମିଶନର ଏକ ଅଙ୍ଗ ଭାବେ ଆପଣମାନେ ସରକାରୀ ବ୍ୟବସ୍ଥାରେ ଯୋଗ ଦେଉଛନ୍ତି । ଆପଣମାନଙ୍କର ନିଷ୍ଠା, ସଚ୍ଚୋଟତା ଏବଂ ସେବା ଭାବ ଜନସାଧାରଣଙ୍କୁ ଜୀବନଧାରଣର ମାନରେ ଉନ୍ନତି ଆଣିବ । କିନ୍ତୁ ସବୁବେଳେ ମନେରଖିବେ ଯେ, ଆମ ସରକାର ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଶାସନ ପ୍ରଶାସନ ଉପରେ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଦୁର୍ନୀତି ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଏ ଅଭିଯାନ ଜାରୀ ରହିବ ବୋଲି ପ୍ରକାଶ କରି ଏଥିପାଇଁ ସମସ୍ତେ ସଚେତନ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଶେଷରେ ସେ ସମସ୍ତଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ନିଜର ଆଗାମୀ କର୍ମମୟ ଜୀବନକୁ ସେବା, ସାଧନା ଓ ତପସ୍ୟା ମାଧ୍ୟମରେ ସଫଳ କରାନ୍ତୁ, ଏହାହିଁ ମୋର ଇଚ୍ଛା । ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁଦୃଢ଼, ସଶକ୍ତ ଓଡ଼ିଶା ଗଠନ କରିବା ଏବଂ ଯେତେବେଳେ ଆଉ ୧୨ ବର୍ଷ ପରେ ଆମ ରାଜ୍ୟ ଏହାର ପ୍ରତିଷ୍ଠାର ଏକ ଶହ ବର୍ଷ ପାଳନ କରିବ, ଆମେ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟର ସ୍ୱାଭିମାନୀ ନାଗରିକ ହୋଇଥିବା । ସୂଚନାଯୋଗ୍ୟ ଯେ, ଆଜି ସ୍ୱାସ୍ଥ୍ୟ ବିଭାଗରେ ୨ ହଜାର ୭୫୩ ବହୁମୁଖି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ ୧୨୫ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୮୯୪ ଜଣ ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୭୯୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ଉଚ୍ଚ ମାଧ୍ୟମିକ ପରିଷଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦରେ ୭୫ ଜଣ କନିଷ୍ଠ ସହାୟକ - ଏହିପରି ସମୁଦାୟ ୨ ହଜାର ୭୬୭ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରେ ୨୧୨ ଜଣ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଏବଂ ୨୦ ଜଣ ସହାୟକ ମତ୍ସ୍ୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ଜଳସମ୍ପଦ ବିଭାଗରେ କ୍ଷେତ୍ରରେ ୫୭ ଜଣ, ଗୃହ ଓ ନଗର ଉନ୍ନୟନ ବିଭାଗରେ ୬୨ ଜଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ଜଣ, ଅର୍ଥ ବିଭାଗ ଅନ୍ତର୍ଭୁକ୍ତ ଲୋକାଲ ଫଣ୍ଡ ଅଡିଟ୍‌ର ୧୩୦ ଜଣ, ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୧୦୪ ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଏବଂ କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩ ଜଣ ସହାୟକ ତାଲିମ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । କାର୍ଯ୍ୟକ୍ରମରେ ଯୋଗ ଦେଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବନିଯୁକ୍ତ ମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ କହିଥିଲେଯେ ନିଯୁକ୍ତି କ୍ଷେତ୍ରରେ ଗତ ୮ ମାସ ମଧ୍ୟରେ ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି ଏବଂ ଆଗାମୀ ଦିନ ଗୁଡିକରେ ମଧ୍ୟ ସରକାର ନିଜ ପ୍ରତିଶ୍ରୁତି ପୂର୍ଣ୍ଣ କରିବେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେଯେ ଆଜିର ନବ ନିଯୁକ୍ତ ମାନଙ୍କ କାନ୍ଧରେ ଉତ୍କୃଷ୍ଟ କଳାର କ୍ଷେତ୍ର ଆମ ରାଜ୍ୟ ଓଡ଼ିଶା ଭବିଷ୍ୟତର ଉତ୍କର୍ଷ ଓଡ଼ିଶା ଅଭିମୁଖେ ଯିବ ଏବଂ ମୋର ବିଶ୍ୱାସଯେ ନିଜର ସଚ୍ଚୋଟତା ବଳରେ ନିଜର କର୍ମମୟ ଜୀବନକୁ ଋଦ୍ଧିମନ୍ତ କରିବେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ତଥା ସାଧରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ରାଜ୍ୟ ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଯୋଗ ଦେଇଥିଲେ । ଇତ୍ୟବସରରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ, ଅଶ୍ୱସ୍ତୀ.ଏସ ଧନ୍ୟବାଦ ଅର୍ପଣ କରିଥିଲେ ।

### ମଧ୍ୟବିତ୍ତଙ୍କୁ ...

ରିଜର୍ଭ ବ୍ୟାଙ୍କ୍ ଏପରି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ପୂର୍ବରୁ, ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୦ ମସିହା ମେ' ମାସରେ ରେପୋ ହାର ହ୍ରାସ କରିଥିଲା । କିନ୍ତୁ ଏହାପରେ ଏହାକୁ ଧୀରେ ଧୀରେ ୬.୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା । ଶେଷ ଥର ପାଇଁ ଫେବ୍ରୁଆରୀ ୨୦୨୩ରେ ରେପୋ ହାର ବୃଦ୍ଧି କରାଯାଇଥିଲା । ଏବେ ରେପୋ ହାର ୬.୫୦ରୁ ୬.୨୫କୁ ହ୍ରାସ କରାଯାଇଛି । ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ହୋଇଛି । ଏଣୁ ରିଜର୍ଭ ବ୍ୟାଙ୍କ ଆଗରେ ଅନେକ ବଡ଼ ଚ୍ୟାଲେଞ୍ଜ ରହିଛି ବୋଲି ପୂର୍ବରୁ ଗଭର୍ଣ୍ଣର କହିଥିଲେ । ସୂଚନାଯୋଗ୍ୟ, ରେପୋ ରେଟ୍ ବା ସୁଧ ହାର ହେଉଛି ରିଜର୍ଭ ବ୍ୟାଙ୍କ୍‌ରୁ ବାଣିଜ୍ୟିକ ବ୍ୟାଙ୍କମାନେ ନେଉଥିବା ଅର୍ଥ ଉଧାର ଉପରେ ଦେବାକୁ ପଡୁଥିବା ସୁଧ । ରିଭର୍ସ ରେପୋ ରେଟ୍ ହେଉଛି ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ୍ ଦେଉଥିବା ଦେୟ ଉପରୋକ୍ତ ଉଭୟ ବ୍ୟବସ୍ଥାକୁ ଭାରତୀୟ ଅର୍ଥନୀତିରେ ବେଞ୍ଚମାର୍କ ଇଣ୍ଟ୍ରେଷ୍ଟ ରେଟ ଭାବେ ବିବେଚନା କରାଯାଏ ।

### ପାକିସ୍ତାନର ହମ୍ଲାକୁ ...

ସେମାନେ ଆକ୍ରମଣ କରିବା ପୂର୍ବରୁ ଭାରତୀୟ ସେନା ସେମାନଙ୍କୁ ଘେରି ଯାଇଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା । ଏଥିରେ ୭ ଜଣ ଅନୁପ୍ରବେଶକାରୀ ନିହତ ହୋଇଛନ୍ତି । ନିହତ ୭ ଜଣଙ୍କ ମଧ୍ୟରୁ ୨ରୁ ୩ ଜଣ ପାକିସ୍ତାନ ସେନାର ନିୟମିତ ସଦସ୍ୟ । ବାକି ଆତଙ୍କବାଦୀମାନେ ଅଲ ବଦ୍ର ଗ୍ରୁପର ସଦସ୍ୟ ବୋଲି ଜଣାପଡ଼ିଛି । ପାକିସ୍ତାନ କଶ୍ମୀର ଏକତା ଦିବସ ପାଳନ କରୁଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଥିଲେ ଯେ କଶ୍ମୀର ସମେତ ସମସ୍ତ ବିବାଦର ସମାଧାନ ଭାରତ ସହ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଚାହୁଁଛନ୍ତି । କିନ୍ତୁ ଏହି ବୟାନର କିଛି ଘଣ୍ଟା ପରେ ପାକିସ୍ତାନ ଅଧିକୃତ କଶ୍ମୀରରେ ଗୋଟିଏ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଶରିଫ ଯୋଗ ଦେଇଥିଲେ । ଉକ୍ତ ସଭାରେ ଭାରତ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ସଭାରେ ଜୈଶ ଓ ଲସ୍କର ଭଳି ଆତଙ୍କବାଦୀ ସଂଗଠନର ସଦସ୍ୟମାନେ ଯୋଗ ଦେଇଥିଲେ । ଏଥିରୁ ପାକିସ୍ତାନର ଦୋମୁହାଁ ନୀତିର ପର୍ଦ୍ଦାଫାସ ହୋଇଥିଲା । ଭାରତ ବାରମ୍ବାର କହି ଆସିଛି ଯେ ଜମ୍ମୁ-କଶ୍ମୀର ଓ ଲଦାଖ ଦେଶର ଅବିଚ୍ଛେଦ୍ୟ ଅଙ୍ଗ । ଆତଙ୍କବାଦ ଓ ହିଂସାକୁ ବାଦ ଦେବା ପରେ ହିଁ ପାକିସ୍ତାନ ସହ ସମ୍ପର୍କରେ ସୁଧାର ଆସିବ ବୋଲି ଭାରତ ସରକାର ପୂର୍ବରୁ କହି ସାରିଛନ୍ତି ।

# ଇଟା ବୋଝେଇ ଟ୍ରାକ୍ଟର ଓଲଟି ୩ ଶ୍ରମିକ ମୃତ, ୪ ଗୁରୁତର



**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଗୁଣୁପୁର ଥାନା ଅନ୍ତର୍ଗତ ଗୁଲୁମୁଣ୍ଡା ପାକା ନିକଟ ମୁଖ୍ୟ ରାସ୍ତା ଉପରେ ଫ୍ଲାଇଆସ ଇଟା ବୋଝେଇ ଟ୍ରାକ୍ଟର ଓଲଟି ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଦ୍ରୁତ ଗତିରେ ଯାଉଥିବା ଟ୍ରାକ୍ଟର ରାସ୍ତାକଡ଼ରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଇଟା ଧରି ଗୁଲୁମୁଣ୍ଡା ପାକା ନିକଟ ଇଟା ଫ୍ୟାକ୍ଟ୍ରିରୁ ଇଟା ବୋଝେଇ କରି ଗୁଣୁପୁର ଅଭିମୁଖ ଯାଉଥିଲା । ଘଟଣାସ୍ଥଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ଚାଳକଙ୍କ ସମେତ ୪ ଗୁରୁତର ରହିଥିବା ସୂଚନା ମିଳିଛି । ମୃତ ଶ୍ରମିକମାନେ ଟ୍ରାକ୍ଟର ଡାଲା ତଳେ ଚାପି ହୋଇ ରହିଥିଲେ । ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି । ସମସ୍ତ ଶ୍ରମିକ ଗୁଣୁପୁର ବ୍ଲକ୍ ଅମ୍ବରା ଗ୍ରାମର ବୋଲି ସୂଚନା ମିଳିଛି । ସମସ୍ତ ଶ୍ରମିକ ଗୁଣୁପୁର ବ୍ଲକ୍ ଅମ୍ବରା ଗ୍ରାମର ବୋଲି ସୂଚନା ମିଳିଛି ।

# ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ : ଗନ୍ଧମାର୍ଦ୍ଦନ ଜଙ୍ଗଲରେ କମ୍ବିଂ ଅପରେସନ୍ ଜାରି

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀରର ଘଞ୍ଚ ଜଙ୍ଗଲରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି । ଏନେଇ ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି । ତେବେ ଏଥିରେ କେହି ମାଓବାଦୀ ମୃତାହତ ହେବାର ଏଯାଏ କୌଣସି ସୂଚନା ନାହିଁ । ଗନ୍ଧମାର୍ଦ୍ଦନର ତଳିଆ ଅଞ୍ଚଳ ଭାନପୁରରେ ପୁଲିସ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଚାଲିଛି । ଗନ୍ଧମାର୍ଦ୍ଦନର ରେଙ୍ଗାଲି, ମହରାପଦର, ତେଲେନପାଲି ଓ ଭାନପୁର ମାଓପ୍ରବଣ ଅଞ୍ଚଳ ହୋଇଥିବା ହେତୁ ଏଠାରେ ମାଓବାଦୀ ଲୁଚିଥିବାର ସୂଚନା ମିଳିବା ପରେ ସୁରକ୍ଷାକର୍ମୀମାନେ ଅତର୍କିତ ଆକ୍ରମଣ କରିଛନ୍ତି । ଉଭୟ ବଲାଙ୍ଗୀର ଓ ବରଗଡ଼ ପଟୁ ଗନ୍ଧମାର୍ଦ୍ଦନ ଜଙ୍ଗଲରେ କମ୍ବିଂ ଅପରେସନ ଚାଲିଛି । ଛତିଶଗଡ଼ରେ ଜୋରଦାର ସର୍ଚ୍ଚ ଅପରେସନ ପରେ ଓଡ଼ିଶା ମୁହାଁ ହୋଇଛନ୍ତି ଛତିଶଗଡ଼ ମାଓବାଦୀ । ଏଣେ ସୀମାନ୍ତ ଛତିଶଗଡ଼ରେ ଏବେ ଅପରେସନ ଜୋରଦାର କରାଯାଉଛି । ଲଗାତାର ନକ୍ସଲ ଦମନରେ ସଫଳତା ମିଳିବାରେ ଲାଗିଛି । ଗତ ବର୍ଷ ପ୍ରାୟ ୧୫୦ ନକ୍ସଲଙ୍କ ନିହତ ହୋଇଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ନକ୍ସଲ ଗିରଫ ଏବଂ ୫୦୦ରୁ ଉର୍ଦ୍ଧ୍ୱ ନକ୍ସଲ ଆତ୍ମସମର୍ପଣ କରିସାରିଥିଲେ । ସୂଚନା ଅନୁଯାୟୀ, ଗନ୍ଧମାର୍ଦ୍ଦନର ତଳିଆ ଅଞ୍ଚଳ ଭାନପୁରରେ ପୁଲିସ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଚାଲିଛି ।


## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/24-25/ E-Tender/104, ତା.03.02.2025ରିଖ

(1) ଟେଣ୍ଡର ସଂ. e-Tender-EASTKUR-304-2024, ତା.28.01.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) ପରିସୀମା ଅଧିନସ୍ଥ ଜେନାପୁର-କେନ୍ଦ୍ରାପଡ଼ା ରୋଡ଼ ଏବଂ କନ୍ଦରପୁର-ବଡ଼ଖଣ୍ଡାଏତା ଷ୍ଟେସନ ମଧ୍ୟରେ ମାଇକ୍ରୋ ଟନେଲିଙ୍ଗ୍ ପଦ୍ଧତି ଦ୍ୱାରା 10 ଗୋଟି ବ୍ରିଜ୍‌ର ପ୍ରସ୍ତାବିତ ରୂପାନ୍ତରଣ ଏବଂ ପୁନଃନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 331.74 ଲକ୍ଷ, EMD : ₹ 3,15,900/-

(2) ଟେଣ୍ଡର ସଂ. eTender-EastKUR-308-2024, ତା.29.01.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର-ପାରାଦ୍ୱୀପ ସେକ୍ସନରେ 15 ଗୋଟି ବକ୍ରତାପୂର୍ଣ୍ଣ ସ୍ଥାନରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ ଲୁବ୍ରିକେଟରର ଯୋଗାଣ ଏବଂ ସଂସ୍ଥାପନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 131.41 ଲକ୍ଷ, EMD : ₹ 2,15,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-

(3) ଟେଣ୍ଡର ସଂ. etenderEastkur-309-2024, ତା.29.01.2025ରିଖ

ବିବରଣୀ : କଟକ ଠାରେ RPF ପୋଷ୍ଟର ସମସ୍ତ ସୁବିଧା ସହିତ 20 ଶଯ୍ୟା ବିଶିଷ୍ଟ ମହିଳା RPF ବ୍ୟାରାକ୍‌ର ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 107.94 ଲକ୍ଷ, EMD : ₹ 2,04,000/-

ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ.1 ଓ 3 ପାଇଁ) ଏବଂ 60 (ଷାଠିଏ) ମାସ (କ୍ରମ ସଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.02.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-958/P/24-25



ରଜିସ୍ଟ୍ରୀ ସଂ. ଡୀ.ଏଲ.-33004/99 Regd. No. D.L.-33004/99

सत्यमेव जयते

## भारत का राजपत्र
## The Gazette of India

सी.जी.-सी.जी.-अ.-30012025-260602
CG-CG-E-30012025-260602

ଅସାଧାରଣ
EXTRAORDINARY
ଭାଗ II — ଖଣ୍ଡ — 3 — ଉପ-ଖଣ୍ଡ (ii)
ପ୍ରାଧିକରଣ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

451] ନୂଆ ଦିଲ୍ଲୀ, ସୋମବାର, ଜାନୁଆରୀ 27, 2025 / MAGHA 7, 1946
451] NEW DELHI, MONDAY, JANUARY 27, 2025/ MAGHA 7, 1946

### ରେଳ ମନ୍ତ୍ରଣାଳୟ
(ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ)
(ଅଧିସୂଚନା)
ବିଳାସପୁର, ୨୨ ଡିସେମ୍ବର, ୨୦୨୫
(ରେଳବାଇ ଆଇନ, ୧୯୮୯ର ଧାରା ୨୦ (ଇ) ଅନୁଯାୟୀ)

S.O. ୪୭୬ (E) - ଯେହେତୁ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ରେଳବାଇ ବୋର୍ଡ) ବିଜ୍ଞପ୍ତି ସଂଖ୍ୟା ୪୬୨୫ ତାରିଖ ୧୫.୧୦.୨୦୨୪ ରେ ଭାରତୀୟ ଗେଜେଟ୍ ସାଧାରଣ ଭାଗ-୨, ଧାରା ୩, ଉପଧାରା (ii), (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ରେଳବାଇ ଆଇନ, ୧୯୮୯ (୧୯୮୯ର ୨୪) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା ୨୦ଏ ର ଉପଧାରା (୧) ଅନୁଯାୟୀ ପ୍ରକାଶିତ, କେନ୍ଦ୍ର ସରକାର ଓଡ଼ିଶାର ଝାରସୁଗୁଡା ଜିଲ୍ଲାରେ ଆଇବି ଫ୍ଲାଏଓଭର ନୂତନ ରେଳ ଲାଇନ ପ୍ରକଳ୍ପ (୦୯ କିମି) ଅର୍ଥାତ୍ ସ୍ୱତନ୍ତ୍ର ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ଘୋଷଣା କରିଛନ୍ତି ।

ଏବଂ ଉପ-ଧାରା (1) ଅନୁଯାୟୀ, ଉକ୍ତ ଆଇନର ଧାରା: 20A ର ଉପଧାରା (4) ଅନୁଯାୟୀ 20A ବିଜ୍ଞପ୍ତିର ସାରାଂଶ ଯଥାକ୍ରମେ ଦୈନିକ ଖବରକାଗଜ ଉତ୍କଳ ମେଲ୍ ରାଉରକେଲା, ଟାଇମ୍ସ ଅଫ୍ ଇଣ୍ଡିଆ ଭୁବନେଶ୍ୱର, ସମ୍ବାଦ କାଳିକା ଭୁବନେଶ୍ୱର ଏବଂ ଇସ୍ପାତ ଟାଇମ୍ସ ରାୟଗଡ଼ରେ 26.10.2024 ରେ ପ୍ରକାଶିତ ହୋଇଥିଲା । ଯେଉଁଠାରେ ଜମି ହାରୁଥିବା ବ୍ୟକ୍ତିଙ୍କଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସକ୍ଷମ କର୍ତ୍ତୃପକ୍ଷଙ୍କୁ କୌଣସି ଆପତ୍ତି ଗ୍ରହଣ କରାଯାଇ ନଥିଲା ଏବଂ ଯେଉଁଠାରେ, ଉକ୍ତ ଆଇନର ଧାରା 20E ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି । ତେଣୁ, ବର୍ତ୍ତମାନ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଉକ୍ତ ରିପୋର୍ଟ ପାଇବା ପରେ, ଏବଂ ଉକ୍ତ ଆଇନର ଧାରା 20(E) ର ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉଚିତ, ଏବଂ ଏହା ବ୍ୟତୀତ ଉକ୍ତ ଆଇନର ଧାରା 20E ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ପ୍ରକାରର ଦାୟିତ୍ୱରୁ ମୁକ୍ତ ହୋଇ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ ।

### ଅନୁସୂଚୀ

ଓଡିଶା ରାଜ୍ୟରେ ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଯଥା, IB ଫ୍ଲାଏଓଭର ନୂତନ ରେଳ ଲାଇନ ପ୍ରକଳ୍ପ (୦୨ କିମି) (ଝାରସୁଗୁଡ଼ା ଜିଲ୍ଲା ପାଇଁ) ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା ।

ଜିଲ୍ଲା - ଝାରସୁଗୁଡା, ତହସିଲ : ଝାରସୁଗୁଡା
ଗ୍ରାମ : ଝାରସୁଗୁଡା ଟାଉନ୍ ୟୁନିଟ୍ - ୭, ଝାରସୁଗୁଡା ଟାଉନ୍ ୟୁନିଟ୍ - ୫, ବଡ଼ମାଲ, ବେହେରାପାଲି, ସିଂହବାଗ

| କ୍ର. ସଂ. | ଗ୍ରାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | ଅଧିଗ୍ରହଣ ପାଇଁ ବଳକା କ୍ଷେତ୍ର (ଏକରରେ) |
|---|---|---|---|---|
| ୧ | ସିଂହବାଗ | ୧୯୬ | ୬୦୩ | ୦.୩୯୦ |
| ୨ | ସିଂହବାଗ | ୧୯୬ | ୬୦୬ | ୦.୩୩୦ |
| ୩ | ସିଂହବାଗ | ୨୫ | ୬୦୨ | ୦.୨୬୦ |
| ୪ | ସିଂହବାଗ | ୨୫ | ୬୦୪ | ୦.୬୮୦ |
| ୫ | ସିଂହବାଗ | ୨୬୧ | ୬୦୭ | ୦.୩୯୦ |
| ୬ | ସିଂହବାଗ | ୧୯୮ | ୬୦୮ | ୦.୭୮୦ |
| ୭ | ସିଂହବାଗ | ୧୯୮ | ୬୧୧ | ୦.୬୯୦ |
| ୮ | ସିଂହବାଗ | ୧୮୧ | ୬୧୨ | ୦.୨୫୦ |
| ୯ | ସିଂହବାଗ | ୧୯୯ | ୬୦୯ | ୦.୨୩୦ |
| ୧୦ | ସିଂହବାଗ | ୨୪୦ | ୬୧୦ | ୦.୨୩୦ |
| ୧୧ | ସିଂହବାଗ | ୬୬୮ | ୬୨୧ | ୦.୫୯୦ |
| ୧୨ | ବଡ଼ମାଳ | ୧୭୬/୫୪୫ | ୧୦୦୭/୧୯୪୮ | ୦.୨୦୦ |
| ୧୩ | ବଡ଼ମାଳ | ୧୭୬/୭୪୨ | ୧୦୦୭/୨୧୨୩ | ୦.୦୯୦ |
| ୧୪ | ଝାରସୁଗୁଡା ୟୁନିଟ୍ ୭ | ୧୨୧୨/୩୧୦୨ | ୫୦୧୬ | ୦.୦୫୦ |
| ୧୫ | ଝାରସୁଗୁଡା ୟୁନିଟ୍ ୫ | ୪୬୬/୧୫୬୩ | ୦୫୨୨/୭୬୮୫ | ୦.୦୪୦ |
| ୧୬ | ବେହେରାପାଲି | ୭୨/୩୬୫ | ୩୫୨ | ୦.୦୪୦ |
| ୧୭ | ବେହେରାପାଲି | ୨୭/୫୭ | ୪୭/୬୭୪ | ୦.୨୭୦ |
| ୧୮ | ବେହେରାପାଲି | ୨୭/୫୭ | ୪୭/୧୦୮୧ | ୦.୨୩୦ |
| ୧୯ | ବେହେରାପାଲି | ୨୭/୫୭ | ୪୭/୧୦୮୨ | ୦.୬୫୦ |
| ୨୦ | ବେହେରାପାଲି | ୨୭/୭୨ | ୨୫/୬୭୭ | ୦.୬୫୦ |
| ୨୧ | ବେହେରାପାଲି | ୨୭/୩୬୮ | ୩୮/୫୬୩ | ୦.୦୭୦ |
| | | ମୋଟ କ୍ଷେତ୍ରଫଳ (ଏକରରେ) | | ୪.୩୬୦ |

[F. No. DCE/C/II/BSP/IMP-124/1]
ଆଲୋକ ତିୱାରୀ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)
CPR/10/472

ଭୁବନେଶ୍ୱର
୦୮ ଫେବୃୟାରୀ
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆମ ଶାସନର ମନ୍ତ୍ର ହେଉଛି ସବକା ସାଥ୍, ସବକା ବିକାଶ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୦୭।୦୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଇଛନ୍ତି । ଗୃହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଭାରତର ସଫଳତା, ଭାରତଠାରୁ ବିଶ୍ୱର ଆଶା ଏବଂ ଏକ ବିକଶିତ ଭାରତ ନିର୍ମାଣରେ ସାଧାରଣ ଜନତାଙ୍କ ଆତ୍ମବିଶ୍ୱାସ ସାମିଲ ଥିଲା । ସେ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଭାଷଣ ପ୍ରେରଣାଦାୟୀ, ପ୍ରଭାବଶାଳୀ ଏବଂ ଭବିଷ୍ୟତର କାର୍ଯ୍ୟ ପାଇଁ ମାର୍ଗଦର୍ଶନ ପ୍ରଦାନ କରିଛି । ଏହି ଅଭିଭାଷଣ ପାଇଁ ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଥିଲେ । ଶ୍ରୀ ମୋଦି କହିଥିଲେ ଯେ ୭୦ରୁ ଅଧିକ ସାଂସଦ ସେମାନଙ୍କ ମୂଲ୍ୟବାନ ବିଚାର ଦ୍ୱାରା ଧନ୍ୟବାଦ ପ୍ରସ୍ତାବକୁ ସମୃଦ୍ଧ କରିଛନ୍ତି । ସେ ଉଲ୍ଲେଖ କରିଥିଲେ ଯେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା, ଯେଉଁଥିରେ ସମସ୍ତେ ନିଜ ବିଚାର ଆଧାରରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବୁଝାଇଥିଲେ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସବକା ସାଥ, ସବକା ବିକାଶ ବିଷୟରେ ଅନେକ କଥା କୁହାଯାଇଛି ଏବଂ ଏଥିରେ ଜଡ଼ିତ ଜଟିଳତାକୁ ବୁଝିବା ତାଙ୍କ ପାଇଁ କଷ୍ଟକର ଥିଲା । ସେ ଗୁରୁତ୍ୱାରୋପ କରିଥିଲେ ଯେ ସବକା ସାଥ୍, ସବକା ବିକାଶ ହେଉଛି ଆମର ସାମୂହିକ ଦାୟିତ୍ୱ ଏବଂ ସେଥିପାଇଁ ଦେଶ ସେମାନଙ୍କୁ ସେବା କରିବାର ସୁଯୋଗ ଦେଇଛି । ୨୦୧୪ ମସିହାରୁ ନିରନ୍ତର ଭାବେ ସେମାନଙ୍କୁ ସେବା କରିବାର ସୁଯୋଗ ଦେଇଛି ।

# କିମ୍ସରେ ବିଂଶତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୦୭।୦୨:ନ୍ୟୁଜ୍ ବ୍ୟୁରୋ**



ଆସୋସିଏସନ୍ ଅଫ୍ ଫୋନୋ ସର୍ଜନ୍ସ ଅଫ୍ ଇଣ୍ଡିଆ (ଏପିଏସ୍ଆଇ)ର ୨୦ତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ 'ଫୋନୋକନ୍-୨୦୨୫' ଶୁକ୍ରବାର କିମ୍ସରେ ଉଦ୍‌ଘାଟିତ ହୋଇଯାଇଛି । ୩ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୪ଶହରୁ ଊର୍ଦ୍ଧ୍ୱ ସ୍ୱର ବିଶେଷଜ୍ଞ, ସର୍ଜନ, ସ୍ପିଚ୍ ଥେରାପିଷ୍ଟ ଯୋଗ ଦେଇଛନ୍ତି । ଏ ନେଇ ଶୁକ୍ରବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଏପିଏସ୍ଆଇର ସଭାପତି ତଥା କିମ୍ସ କର୍ଣ୍ଣ, ନାସା ଓ ଗଳା ବିଭାଗ ମୁଖ୍ୟ ପ୍ରଫେସର ଡା. କବିକାନ୍ତ ସାମନ୍ତରାୟ କହିଲେ ତୃତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି । ଏହି ସମ୍ମିଳନୀରେ ସ୍ୱରଯନ୍ତ୍ର ଜନିତ ସମସ୍ୟା ଓ ତାହାର ନିରାକରଣ ବିଷୟରେ ତିନିଦିନ ଧରି ଆଲୋଚନା, କର୍ମଶାଳା ଅନୁଷ୍ଠିତ ହେବା ସହ କର୍ଣ୍ଣ, ନାସା ଓ ଗଳା ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଲାଇଭ୍ ସର୍ଜରୀ କରାଯିବ । ଅତ୍ୟଧିକ କଥା କହିବା ଆମ ଶରୀରର ସ୍ୱରଯନ୍ତ୍ର ଉପରେ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ । ଫଳରେ ଆମ ସ୍ୱରରେ ପରିବର୍ତ୍ତନ ଘଟିଥାଏ । ତେଣୁ ଆବଶ୍ୟକତା ଠାରୁ ଅଧିକ ସମୟ କଥା ନ କହିବା ଓ ସୁସ୍ଥ ଗଳା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଦିନରେ ଓ ରାତିରେ ଦୁଇଥର ଦାନ୍ତ ଘଷିବା ସହ ଉଷୁମ ପାଣିରେ ଗର୍ଗଲିଂ କରିବା ପାଇଁ ପ୍ରଫେସର ସାମନ୍ତରାୟ ପରାମର୍ଶ ଦେଇଥିଲେ । ସମ୍ମିଳନୀ ଆୟୋଜନ କମିଟିର ସମ୍ପାଦକ ଡା. ଖଗେଶ୍ୱର ରାଉତ କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତ୍ୟେକ ମଣିଷର ସ୍ୱର ଜନ୍ମଗତ ବୋଲି ସାଧାରଣରେ ଏକ ଧାରଣା ରହିଛି । କିନ୍ତୁ ଶରୀରରେ ଥିବା ସ୍ୱର ଯନ୍ତ୍ରର ଅସ୍ତ୍ରୋପଚାର କରାଯାଇ ସ୍ୱରକୁ ଠିକ୍ କରାଯାଇପାରିବ ବୋଲି ସେ କହିଥିଲେ । ପାନ, ଗୁଟ୍‌ଖା ଆଦି ଟବାକୋ ଖାଇବା ଓ ଧୂମପାନ ଆମର ସ୍ୱର ଯନ୍ତ୍ର ଓ ଗଳା ଉପରେ ପ୍ରଭାବ ପକାଇଥାଏ । ଏଥିଯୋଗୁଁ ଆମର ସ୍ୱର ଖରାପ ହେବା ସହ ନିଶ୍ୱାସ ନେବା ଓ ଢୋକିବାରେ ସମସ୍ୟା ସୃଷ୍ଟି ହୋଇଥାଏ । ସ୍ୱରରେ ପରିବର୍ତ୍ତନ କିମ୍ବା ଗଳା ଖରାପ ହେଲେ ଏହାକୁ ଆଦୌ ଅବହେଳା ନ କରିବାକୁ ସେ ପରାମର୍ଶ ଦେଇଥିଲେ । ପାନ, ଗୁଟ୍‌ଖା ଓ ଧୂମପାନ ସେବନଠାରୁ ଦୂରେଇ ରହିବା ପାଇଁ ବ୍ୟାପକ ସଚେତନା ସୃଷ୍ଟି ଉପରେ ଡା. ରାଉତ ଗୁରୁତ୍ୱାରୋପ କରିଥିଲେ । ଏସବୁର ସଚେତନତା ପାଇଁ ସେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଏପିଏସ୍ଆଇର ପ୍ରତିଷ୍ଠାତା ସଭାପତି ଡା. ଭି. ଫଣୀନ୍ଦ୍ରକୁମାର ଓ ସମ୍ପାଦକ ଡା. ଆଲୋକ କାରୋଲକର ପ୍ରମୁଖ ଉପସ୍ଥିତ ଥିଲେ ।



ଆସନ୍ତା ରବିବାର ଦିନ କଟକ ବାରବାଟୀ ଷ୍ଟାଡ଼ିୟମରେ ହେବାକୁ ଥିବା ଦ୍ୱିତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିବା ଲାଗି ଭୁବନେଶ୍ୱରରେ ପହଞ୍ଚିଥିବା ଭାରତ ଓ ଇଂଲଣ୍ଡ ଟିମ୍‌ର ଖେଳାଳିମାନଙ୍କୁ ହୋଟେଲ ମେ ଫେୟାର ପରିସରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି । (ଫଟୋ : ସମ୍ବାଦ କଳିକା)

## ଗୃହ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଗ୍ରେଟର ଭୁବନେଶ୍ୱର ଗଠନ ସମ୍ପର୍କିତ ତଥ୍ୟ ଉପସ୍ଥାପନ

**ଭୁବନେଶ୍ୱର, ୦୭।୦୨:ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି ।

ବୈଠକରେ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ୍ ଗ୍ରେଟର ଭୁବନେଶ୍ୱର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇ ଥିଲା । ୨୦୩୬ ବିକଶିତ ଓଡ଼ିଶା ଗଠନ ପାଇଁ ଉଭୟ ସହରୀକରଣ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମୁଦାୟ ୮୫୦୦ ବର୍ଗ କିଲୋମିଟର ଅଞ୍ଚଳକୁ ସମାବେଶୀ, ବାସୋପଯୋଗୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୈତିକ ରିଜିଅନ ଭାବେ ବିକଶିତ କରିବା ପାଇଁ ଯୋଜନା ରହିଛି । ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଆବଶ୍ୟକସ୍ଥଳେ ଆଉ ଅଧିକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ଅନ୍ୟ ରାଜ୍ୟମାନଙ୍କୁ ଯାଇ ସେମାନଙ୍କ ଯୋଜନାକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।



ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ନୂତନ ସହର ନିର୍ମାଣ ଏବଂ ମେଟ୍ରୋ ରେଳ ଚଳାଚଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟର ସହରାଞ୍ଚଳ ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।

ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନ ଏବଂ ରାଜ୍ୟ ସରକାରଙ୍କ ଗୃହ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ


**ଭୁବନେଶ୍ୱର, ୦୭।୦୨:ନ୍ୟୁଜ୍ ବ୍ୟୁରୋ**



୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓପିଏଚଡବ୍ଲୁସି) ଏବଂ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଏମ୍‌ଡି, ଓପିଏଚଡବ୍ଲୁସି ଏବଂ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ରର ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ହେଉଛି: ଓପିଏଚଡବ୍ଲୁସିକୁ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫% ଅଭିବୃଦ୍ଧି ସହିତ ୧୨୫୦ କୋଟି ଟଙ୍କାର କାରବାର ଲକ୍ଷ୍ୟ ଦିଆଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓପିଏଚଡବ୍ଲୁସିକୁ ୧୬% ଅଭିବୃଦ୍ଧି ସହିତ ୬୨.୫୦ କୋଟି ଟଙ୍କାର ଲାଭର ଲକ୍ଷ୍ୟ ଦିଆଯାଇଛି । ଓପିଏଚଡବ୍ଲୁସି ଲାଭ ଟଙ୍କା ବଣ୍ଟନ କରିବାକୁ ପ୍ରତିଶ୍ରୁତିବଦ୍ଧ । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୮.୭୫ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନର ଲକ୍ଷ୍ୟ ରଖିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୬% ଅଧିକ । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଓପିଏଚଡବ୍ଲୁସି ୭୦୦ ପ୍ରକଳ୍ପ ସମାପ୍ତ କରିବାକୁ ରାଜି ହୋଇଛି, ଯେଉଁଥିରୁ ୨୦୦ ପ୍ରକଳ୍ପ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟକାରୀ ହେବ । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗ ବ୍ୟତୀତ ଅନ୍ୟ ବିଭାଗଗୁଡ଼ିକରୁ କାରବାର ଲକ୍ଷ୍ୟ ୫୦% ହେବ । ୭୦୦ ସମ୍ପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଓପିଏଚଡବ୍ଲୁସିକୁ ମଧ୍ୟ ଲକ୍ଷ୍ୟ ଦିଆଯାଇଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଆବଶ୍ୟକତା ପାଳନ କରିବାକୁ ଓପିଏଚଡବ୍ଲୁସିକୁ ପରାମର୍ଶ ଦିଆଯାଇଛି ।


## ବଜାରରେ ଉପଲବ୍ଧ...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି ।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର ।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା ।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର ।
**କଥାସାଗର :** ଅଶୋକ ବିଶ୍ୱାଳ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)


# ରାଜଧାନୀରେ ଦିନ ଦ୍ୱିପ୍ରହରରେ ଛଡ଼ାଇ ନେଲେ ୨.୫୫ ଲକ୍ଷ ଟଙ୍କା

**ଭୁବନେଶ୍ୱର, ୦୭।୦୨:ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରର ଇନଫୋସିଟି ଅଞ୍ଚଳରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କଠାରୁ ଅଜଣା ଦୁର୍ବୃତ୍ତମାନେ ୨.୫୫ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଏକ ସିକ୍ୟୁରିଟି ଏଜେନ୍ସିର କର୍ମଚାରୀ ଶିଶିର ମହାପାତ୍ର ନାମକ ଜଣେ ବ୍ୟକ୍ତି ଏସବିଆଇର ଇନଫୋସିଟି ଶାଖାରୁ ଟଙ୍କା ଉଠାଇ ସ୍ଥାନୀୟ ଅଞ୍ଚଳରେ ଥିବା ତାଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ସେତିକି ବେଳେ ସେ ତାଙ୍କ ଦୁଇ ଚକିଆ ଗାଡ଼ି ପରିସରରେ ପାର୍କିଂ କରି କାର୍ଯ୍ୟାଳୟକୁ ପ୍ରବେଶ କରୁଥିଲେ, ସେତେବେଳେ ଦୁଇଜଣ ମୋଟରସାଇକେଲ ଆରୋହୀ ଡକାୟତ ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇ ଗାଡ଼ିରେ ଚମ୍ପଟ ମାରିଥିଲେ । "ମୁଁ ମୋର କଷ୍ଟ ଅର୍ଜିତ ଟଙ୍କା ସଞ୍ଚୟ କରିଥିଲି । ଆଜି, ମୁଁ ମୋ ପିଲାର କଲେଜ ଫିସ୍ ଦେବା ପାଇଁ ଏହାକୁ ଉଠାଇ ନେଇଥିଲି । ଦୁର୍ଭାଗ୍ୟବଶତଃ, ଡକାୟତ ମାନେ ମୋ ଟଙ୍କା ଚୋରି କରିନେଇଛନ୍ତି," ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଇନଫୋସିଟି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଗିରଫ ହେଲେ କୋଟିପତି ସରକାରୀ ବାବୁ

**ମାଲକାନଗିରି, ୦୭।୦୨:ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଜଳଛାୟା ପ୍ରକଳ୍ପ ଉପନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଗିରଫ ହୋଇଛନ୍ତି । ଶାନ୍ତନୁଙ୍କ ସହ ୫ ଜଣଙ୍କୁ ଗିରଫ କରାଯାଇଛି । ଆୟବହିର୍ଭୂତ ସମ୍ପତ୍ତି ଏକ ବହୁମହଲା କୋଠା, ୪ଟି ଉଚ୍ଚ ମୂଲ୍ୟର ପ୍ଲଟ, ପ୍ରାୟ ୪୨୨ ଗ୍ରାମ୍ ସୁନା, ୯୧ ଲକ୍ଷ ଟଙ୍କାରୁ ଅଧିକ ଜମା, ୨ କୋଟି ନଗଦ ଟଙ୍କା ସନ୍ତୋଷଜନକ ଭାବରେ ଶାନ୍ତନୁ ବ୍ୟାଖ୍ୟା କରିପାରି ନ ଥିଲେ । ଏ ନେଇ ଶ୍ରୀ ମହାପାତ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ଶୁକ୍ରବାର ତାଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ପାଇଁ କୋର୍ଟକୁ ପଠାଯାଇଛି । ଏହା ବ୍ୟତୀତ ଶ୍ରୀ ମହାପାତ୍ରଙ୍କ ୪ ଜଣ ସହଯୋଗୀ ମୋହନ ମଣ୍ଡଳ ସହାୟକ କୃଷି ଇଞ୍ଜିନିୟର, ବିଶ୍ୱଜିତ ମଣ୍ଡଳ ଡିଇଓ, ଅମୀୟକାନ୍ତ ସାହୁ, ଠିକା କର୍ମଚାରୀ ଅଲେଖ ପ୍ରଧାନଙ୍କୁ ମଧ୍ୟ ଶ୍ରୀ ମହାପାତ୍ରଙ୍କ ସହିତ ସରକାରୀ ଅର୍ଥ ଆତ୍ମସାତ୍ ପାଇଁ ଗିରଫ କରାଯାଇଛି । ଏହି ସମ୍ପର୍କରେ, ମାଲକାନଗିରିର ଜଳବିଭାଜିକାର ଉପନିର୍ଦ୍ଦେଶକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସାନ୍ତନୁ ମହାପାତ୍ରଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ମାମଲା ନଂ. ୦୨/୨୦୨୫ ରୁଜୁ କରାଯାଇଛି ।

# ମହାସମାରୋହରେ ଉଦ୍‌ଯାପିତ ହେଲା ଭାବ ଓ ଭକ୍ତିର ମହାନ୍ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ 'ଜୟ ଜଗନ୍ନାଥ' ମହୋତ୍ସବ

**ଯାଜପୁର, ୦୭।୦୨:ନ୍ୟୁଜ୍**






ତିନିଦିନ ଧରି ସବୁବେଳେ ମଞ୍ଚରେ ଚାଲିଥିଲା ଶ୍ରୀଜଗନ୍ନାଥ ମହାପ୍ରଭୁ ସଂସ୍କୃତି ନେଇ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ । ସଦାସର୍ବଦା ଶ୍ରଦ୍ଧାଳୁ ଭକ୍ତମାନେ କରୁଥିଲେ ପ୍ରସାଦ ସେବନ ଏବଂ ଯଜ୍ଞ ମଣ୍ଡପରେ ଚାଲିଥିଲା ଅଖଣ୍ଡ ବିଶ୍ୱଶାନ୍ତି ମହାଯଜ୍ଞ । ଏଭଳି ଏକ ନିଆରା ପରମ୍ପରାରେ ଅନୁଷ୍ଠିତ ହେଉଥିବା ଭାବ ଓ ଭକ୍ତିର ଜୟ ଜଗନ୍ନାଥ ମହୋତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଛି ।

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ ହୋଇଆସୁଛି ଜୟ ଜଗନ୍ନାଥ ମହୋତ୍ସବ । ଏହି ମହୋତ୍ସବର ପ୍ରଥମ ଦିନରେ ବଡ଼ ଧରଣର କଳାସ ଯାତ୍ରା ପରେ ଗଡ଼ମେକର ତରଫରୁ ଗୀତିନାଟ୍ୟ, ଅଙ୍ଗରଙ୍ଗ ତରଫରୁ ଓଡ଼ିଶୀ ନୃତ୍ୟ ଏବଂ ଶ୍ରୀରାମ ସ୍ୟାଡୋ ଥିଏଟର ତରଫରୁ ରାବଣ ଛାୟା ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନରେ ଓଡ଼ିଶା ପୁରୀ ଡ୍ୟାନ୍ସ ଏକାଡେମୀ ତରଫରୁ ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ଓଡ଼ିଆ ଚଳଚ୍ଚିତ୍ର 'କର୍ମ'ର ନାୟିକା, 'ମାଲ୍ୟଗିରି'ର ସହ ନାୟିକା ଏବଂ 'ଡାଲଚିନି' ଫିଲ୍ମ ପାଇଁ ୩୩ତମ ରାଜ୍ୟ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନପ୍ରାପ୍ତ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ଚଳିତ ବର୍ଷର ଦ୍ୱିତୀୟ ଦିବସର ଜୟ ଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଇଥିଲା । ସମାଜସେବୀ ସନ୍ତୋଷ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ନିର୍ମଳ ଚନ୍ଦ୍ର ସାମଲ ପ୍ରମୁଖ ଏହି ସମ୍ମାନ ପ୍ରଦାନ କରିଥିଲେ । ସୂର୍ଯ୍ୟମୟୀଙ୍କ ଡାଏଲଗ ଏବଂ ନୃତ୍ୟ ଦେଖିବାକୁ ମଞ୍ଚ ତଳେ ଅସମ୍ଭବ ଭିଡ ହୋଇଥିଲା । ତୋ ବିନା ଗୋପଦାଣ୍ଡ ମନା ରେ କାଳିଆ ସୁନା ଭଜନରେ ସୂର୍ଯ୍ୟମୟୀଙ୍କ ଓଡ଼ିଶୀ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା । ତୃତୀୟ ଦିନରେ ରାଜ୍ୟର ଆଗୁଆ ନୃତ୍ୟ ଅନୁଷ୍ଠାନ କୋକିଳା ଡ୍ୟାନ୍ସ ଏକାଡେମୀ ଏବଂ ବ୍ରଜେଶ୍ୱରୀ ନୃତ୍ୟ କଳା ସଂସଦର ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ଅଗଣିତ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଆନନ୍ଦିତ କରିଥିଲା । ସୁନାମଧନ୍ୟ ଭଜନ ଗାୟକ ଶିବନନା ଏବଂ ସସ୍ମିତା ମିଶ୍ରଙ୍କ ତରଫରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଭଜନ ପରିବେଷଣ ହୋଇଥିଲା । ଏଥିରେ କଣ୍ଠଶିଳ୍ପୀ ସସ୍ମିତା ମିଶ୍ରଙ୍କୁ ଯାଜପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତାକଣ୍ଠ କାନୁନ୍‌ଗୋ, ସମାଜସେବୀ କାହ୍ନୁ ଚରଣ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଜୟ ଜଗନ୍ନାଥ ସମ୍ମାନ ପ୍ରଦାନ କରିଥିଲେ । ଏଥିରେ ଅଧ୍ୟାପିକା ଡ. ଚନ୍ଦ୍ରକଳା ନାୟକ ସ୍ୱାଗତ ଭାଷଣ, ମାନସ ରଞ୍ଜନ ବିଶ୍ୱାଳ ପ୍ରାରମ୍ଭିକ ସୂଚନା, ସାମ୍ବାଦିକ କାର୍ତ୍ତିକ ସ୍ୱାଇଁ ବିବରଣୀ ପାଠ ଏବଂ ସମାଜସେବୀ ସବ୍ୟସାଚୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଓଡ଼ିଆ ସଂସ୍କୃତି ଓ ଭାଷା ସାହିତ୍ୟ ଉପରେ ଗଭୀର ପାଣ୍ଡିତ୍ୟ ହାସଲ କରିଥିବା ଗାୟକ ଉଜ୍ଜଳ ବିଜୟ କୁମାର ଓଝାଙ୍କ ପାଲା ଉପସ୍ଥିତ ପାଲାପ୍ରେମୀମାନଙ୍କୁ ବେଶ୍ ଆକର୍ଷିତ କରିଥିଲା । ତୃତୀୟ ଦିନର ମଧ୍ୟାହ୍ନରେ ପାଲାଗାୟକ ବିଜୟ କୁମାର ଓଝାଙ୍କୁ ଚଳିତ ବର୍ଷର ତୃତୀୟ ଜୟ ଜଗନ୍ନାଥ ସମ୍ମାନ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ପ୍ରଦାନ କରିଥିଲେ । ଆବାହକ ସତୀଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ଉତ୍ସବରେ ଅମର ଶତପଥୀ କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ ସହ ମହାନ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ପ୍ରସାର କ୍ଷେତ୍ରରେ ପାଲାର ବିକଳ୍ପ ନାହିଁ । ଜୟ ଜଗନ୍ନାଥ ମହୋତ୍ସବ ଏକ ମହାନ ଏବଂ ନିଆରା ପବିତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଥିଲେ । ଏହି ମହୋତ୍ସବରେ ହୋଇଥିବା ମାଣ୍ଡିଆ ଖାଦ୍ୟ ଷ୍ଟଲକୁ ଅମର ଶତପଥୀ ଉଦ୍‌ଘାଟନ କରିଥିଲେ । ଏଥିରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବିଭିନ୍ନ ପ୍ରକାର ମାଣ୍ଡିଆ ପ୍ରସ୍ତୁତ ପିଠା, ଖିରୀ ଏବଂ ବରା ପ୍ରଦାନ କରାଯାଇଥିଲା । ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ମହାପ୍ରଭୁ ରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ମହୋତ୍ସବରେ ପଲ୍ଲୀଶ୍ରୀ ମେଳାରେ ଥିବା ବିଭିନ୍ନ ପ୍ରକାରର ଦୋକାନ ବୁଲି ଦେଖିଥିଲେ । ପଣ୍ଡିତ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ବହୁ ପଣ୍ଡିତ ଯୋଗଦେଇ ଯଜ୍ଞ କାର୍ଯ୍ୟର ସୁପରିଚାଳନା କରିଥିଲେ ଓ ସର୍ବଶ୍ରୀ ସୁଧାଂଶୁ ବିଶ୍ୱାଳ, ଅଶୋକ କୁମାର ନାୟକ, ପ୍ରଦୀପ୍ତ ବିଶ୍ୱାଳ, ଯୋଗୀଶ୍ୟାମ ବିଶ୍ୱାଳ, ସମୀର ଜେନା, ମାୟାଧର ବେହେରା, ପ୍ରଦୀପ ମହାନ୍ତି ପ୍ରମୁଖ ମହୋତ୍ସବର ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।